


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୫ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 FEBRUARY 2022
Vol.No. 33 ■ No. 54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୟୁକ୍ରେନ୍‌ର ୭୦ଟି ମିଲିଟାରୀ ବେସ୍‌କୁ ଧ୍ୱଂସ କଲା ରୁଷ୍



ନୂଆଦିଲ୍ଲୀ, ୨୪/୦୨ : ୟୁକ୍ରେନ୍ ବିପକ୍ଷରେ ଘନ ଘନ ମିଶାଇଲ ମାଡ଼ କରି ଚାଲିଛି ରୁଷ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ସଙ୍କଟ ତୀବ୍ର ହୋଇଥିବା ବେଳେ ୟୁକ୍ରେନ୍‌ରେ ୭୦ଟି ମିଲିଟାରୀ ବେଶକୁ ଧ୍ୱଂଶ କରିଦେଇଛି ରୁଷ ସେନା। ପାଖାପାଖି ୧୧ଟି ଏୟାର ବେଶ ସହ ମୋଟ ୭୦ଟି ମିଲିଟାରୀ ବେଶକୁ ନଷ୍ଟ କରିଦେଇଥିବା ରୁଷ ଦାବି କରିଛି। ଆକାଶ ମାର୍ଗରୁ ରୁଷ ମିଶାଇଲ ମାଡ଼ ଜାରି ରଖିଛି । ଆଜିର ଆକ୍ରମଣରେ ୧୧ଟି ଏୟାର ବେଶ, ୩ଟି କମାଣ୍ଡ ପୋଷ୍ଟ, ଏସ-୩୦୦ର ୧୮ଟି ରାଡାର ଷ୍ଟେଶନ ଏବଂ ବକ୍ ଏମଆଇର ଆଣ୍ଟି ଏୟାର କ୍ରାଫ୍ଟ ମିଶାଇଲ ସିଷ୍ଟମକୁ ଧ୍ୱଂଶ କରି ଦେଇଛି ରୁଷ । ସେହିପରି ୟୁକ୍ରେନ୍‌ର ସାମରିକ ହେଲିକପ୍ଟର ଏବଂ ୪ଟି ଡ୍ରୋନ୍‌କୁ ମାରି ଖଖସାଇ ଦେଇଛି ରୁଷ। ସେପଟେ ରୁଷ ସେନାଙ୍କୁ ୟୁକ୍ରେନର ବିଛିନ୍ନତାବାଦୀମାନେ ସହଯୋଗ କରିଛନ୍ତି। ଆଜି ଭୋରୁ ୫ଟା୪୦ରେ ରୁଷ ୟୁକ୍ରେନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ତେବେ ଆକ୍ରମଣର କିଛିକ୍ଷଣ ମଧ୍ୟରେ ୟୁକ୍ରେନ୍‌ର ରାଜଧାନୀ କିଭ୍‌ରେ ପ୍ରବେଶ କରି ବୋମା ବର୍ଷଣ ଆରମ୍ଭ କରିଥିଲା ରୁଷ ସେନା। ଏହି ଆକ୍ରମଣରେ ଉଭୟ ରୁଷ ୟକ୍ରେନ ପକ୍ଷରୁ ୬୮ ଜଣଙ୍କର ମୃତ୍ୟୁ ଘଟିଛି । ମୃତଙ୍କ ମଧ୍ୟରେ ସେନା ଓ ସାଧାରଣ ନାଗରିକ ଅଛନ୍ତି। ତେବେ ଓଡସୋରେ ଥିବା ୟୁକ୍ରେନ୍‌ର ବ୍ଲାକ ସି ପୋର୍ଟ ନିକଟସ୍ଥ ଏୟାରବେଶରେ ହୋଇଥିବା ଆକ୍ରମଣ ସବୁଠାରୁ ଭୟଙ୍କର ବୋଲି କୁହାଯାଉଛି। କାରଣ ଏହି ଆକ୍ରମଣରେ ୧୮ ଜଣ ପ୍ରାଣ ହରାଇଛନ୍ତି । ରୁଷର ସେନା ୟୁକ୍ରେନ୍ ରାଜଧାନୀ କିଭ୍ ନିକଟରେ ପହଞ୍ଚିସାରିଥିବା ୟୁକ୍ରେନ୍ ସୀମା ସୁରକ୍ଷା ବଳ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଅକାଶରେ ଏକାଧିକ ରୁଷ ସାମରିକ ବିମାନ ଘୁରି ବୁଲୁଥିବା ଜଣାପଡ଼ିଛି। ରୁଷ ପୂର୍ଣ୍ଣ ଦଖଲ ସ୍ଥିତିରେ ପହଞ୍ଚି ଯାଇଥିବା ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି।

## ସରିଲା ନିର୍ବାଚନ : ଶେଷ ପର୍ଯ୍ୟାୟରେ ୭୦ % ମତଦାନ



ଭୁବନେଶ୍ୱର, ୨୪/୦୨ (ନି.ପ୍ର): ବ୍ୟାପକ ହିଂସା ଓ ଗଣ୍ଡଗୋଳ ମଧ୍ୟରେ ସମସ୍ତ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଶେଷ ହୋଇଛି। ରାଜ୍ୟର ମୋଟ ୨.୭୯ କୋଟି ଭୋଟର ୯୧୯୧୩ଟି ବୁଥ୍ ମାଧ୍ୟମରେ ୧ଲକ୍ଷ ୬ହଜାର ୩୫୩ଟି ବିଭିନ୍ନ ପଦବୀ ନିମନ୍ତେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ମତଦାନ ହାର ବେଶ୍ ଉତ୍ସାହଜନକ ରହିଛି। ପାଂଚ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ୧୬ରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬% ଓ ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି । ସେହିପରି ଶେଷ ପର୍ଯ୍ୟାୟରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଛି। ମାତ୍ର ଚଳିତ ପଂଚାୟତ ନିର୍ବାଚନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଭଳି ହିଂସକାଣ୍ଡ, ବୁଥ ରିଗିଂ ଓ ଅନ୍ୟାନ୍ୟ କାରଣରୁ ନିର୍ବାଚନ ପ୍ରଭାବିତ ହୋଇଛି, ତାହା ଓଡ଼ିଶା ନିର୍ବାଚନ ଇତିହାସରେ ପୂର୍ବରୁ କେବେ ହୋଇନଥିଲା। ବର୍ତମାନ ଭୋଟ୍ ବାକ୍ସ ଗୁଡିକ ଷ୍ଟ୍ରଙ୍ଗ୍ ରୁମ୍ ରେ ରହିଥିବା ବେଳେ ଆସନ୍ତା ୨୬ ତାରିଖରୁ ୩ ଦିନ ପର୍ଯ୍ୟନ୍ତ ଭୋଟ୍ ଗଣତି ହେବ। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ କାଲି ଶେଷ ହୋଇଥିବାବେଳେ ତୃତୀୟରୁ ପଂଚମ ପର୍ଯ୍ୟାୟରେ ହୋଇଥିବା ଗଣ୍ଡଗୋଳ ନିମନ୍ତେ ସାନି ମତଦାନ ଏପର୍ଯ୍ୟନ୍ତ ହୋଇନାହିଁ। ଗୁରୁବାର ଦିନ ପଂଚାୟତ ନିର୍ବାଚନର ପଂଚମ ପର୍ଯ୍ୟାୟ ଭୋଟ୍ ଶେଷ ହୋଇଛି। ଶେଷ ପର୍ଯ୍ୟାୟରେ ପ୍ରାୟ ୭୦ ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କିଛି ସ୍ଥାନରେ ବିଶୃଙ୍ଖଳା ପାଇଁ ଭୋଟ୍ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଠାରୁ ଏସମ୍ପର୍କରେ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥରକ ପ୍ରଥମ ଥର ଲାଗି ମାଲକାନଗିରିର ମାଓ ଅଧ୍ୟୁଷିତ ସ୍ୱାଭିମାନ ▶▶ପୃଷ୍ଠା ୭

## ଅର୍ଥନୀତି ଉପରେ ଯୁଦ୍ଧର ବଡ଼ ପ୍ରଭାବ: ବଢ଼ିବ କି ତେଲ ଦର ?

ନୂଆଦିଲ୍ଲୀ, ୨୪/୦୨ : ରୁଷ ଏବଂ ୟୁକ୍ରେନ ମଧ୍ୟରେ ସଂକଟ ବଢ଼ିବାରେ ଲାଗିଛି । ଯାହାର ସିଧାସଳଖ ପ୍ରଭାବ ପଡିଛି ଅର୍ନ୍ତଯାତୀୟ ତେଲ ବଜାର ଉପରେ ପଡିଛି । ବ୍ୟାରେଲ ପିଛା ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ଶହ ୯୮ ଟଙ୍କା ବୃଦ୍ଧି ହୋଇଛି । ଯାହା ଫଳରେ ବ୍ୟାରେଲ ପିଛା ତେଲ ଦର ପାଖା ପାଖି ୧୦୦ ଡଲାର ରେ ପହଂଚିଛି । ୨୦୧୪ ପରେ ପ୍ରଥମ ଥର ପାଇଁ ୧୦୦ ଡଲାର ରେ ପଂହଚିଛି ତେଲ ଦର । ଯାହାର ପ୍ରଭାବ ଭାରତରେ ମଧ ଖୁବ ଶୀଘ୍ର ପଡିପାରେ ବୋଲି ଅନୁମାନ କରାଯାଉଛି । ୟୁକ୍ରେନକୁ ନେଇ ବିଶ୍ୱର ଦୁଇ ଶକ୍ତିଶାଳୀ ଦେଶ ଆମେରିକା ଏବଂ ରଷ ମୁହାଁମୁହିଁ ପରିସ୍ଥିତିରେ ରହିଛନ୍ତି । ଯୁଦ୍ଧର ଆଶଙ୍କା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଅଶୋଦ୍ଧିତ ତୈଳ ବଜାର ଉପରେ ପଡିଛି । ଅଶୋଦ୍ଧିତ ତୈଳ ଦର ବ୍ୟାରେଲ ପିଛା ଶହେ ଡଲାର ଛୁଇଁବାକୁ ବସିଛି । ଏପରି ସ୍ଥଳେ ତେଲ ଦର ୭ରୁ ୮ ଟଙ୍କା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ୟୁକ୍ରେନ ଓ ରୁଷ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପରିବହନ ଉପରେ ଏହାର ପ୍ରଭାବ ପଡିବାର ସମ୍ଭାବନା ରହିଛି । ଅଶୋଧିତ ତେଲ ଦର ବଢୁଥିବା ଯୋଗୁ ଗତ ନଭେମ୍ବର ୪ ତାରିଖରେ କେନ୍ଦ୍ର ସରକାର ଡିଜେଲ ଏବଂ ପେଟ୍ରୋଲ ପିଛା ଏକ୍ସାଇଜ୍ ଶୁଳ୍କ ଯଥାକ୍ରମେ ୧୦ ଏବଂ ୫ ଟଙ୍କା ଛାଡ କରିଥିଲେ ।

## ୟୁକ୍ରେନରେ ଲାଗିଲା 'ମାର୍ସଲ ଲ'



ନୂଆଦିଲ୍ଲୀ, ୨୪/୦୨ : ରୁଷର ଆକ୍ରମଣ ପରେ ୟୁକ୍ରେନ ରାଷ୍ଟ୍ରପତି ଦେଶବାସୀଙ୍କୁ ଏକ ବଡ଼ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଦେଶର ଯେକୌଣସି ନାଗରିକ ଅସ୍ତ୍ର ଉଠାଇବାକୁ ସକ୍ଷମ, ସେମାନେ ଯୁଦ୍ଧରେ ସାମିଲ ହୁଅନ୍ତୁ ଓ ଦେଶପାଇଁ ଲଢ଼ନ୍ତୁ । ରୁଷର କଡ଼ା ମୁକାବିଲା ପାଇଁ ଦେଶବାସୀଙ୍କ ସହାୟତା ଲୋଡ଼ିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ୟୁକ୍ରେନ ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କି ଦେଶରେ ମାର୍ସଲ ଲ' ଘୋଷଣା କରିଛନ୍ତି । ରୁଷର ଆକ୍ରମଣ ପରେ ସାମରିକ ଆଇନ ଲାଗୁ କରିବା ସହ ୟୁକ୍ରେନ ରାଷ୍ଟ୍ରପତି ଆହ୍ୱାନ ଦେଇ କହିଛନ୍ତି ଯେ, ମୁକାବିଲା ପାଇଁ ଦେଶବାସୀ ସରକାରଙ୍କ ସାଥୀରେ ରୁହନ୍ତୁ । ଯେଉଁମାନେ ଅସ୍ତ୍ର ଉଠାଇବାକୁ ସକ୍ଷମ, ସେମାନେ ଯୁଦ୍ଧରେ ସାମିଲ ହୋଇ ରୁଷକୁ କଡ଼ା ଜବାବ ଦିଅନ୍ତୁ । ନିକଟରେ କିଛି ଚିତ୍ର ସାମ୍ନାକୁ ଆସିଥିଲା । ଏଥିରେ ଯୁବକ ଓ ଛୋଟ ପିଲାମାନଙ୍କୁ ୟୁକ୍ରେନ ସେନା ସାମରିକ ପ୍ରଶିକ୍ଷଣ ଦେଉଥିବା ଦେଖିବାକୁ ମିଳିଛି । ରୁଷ୍ ତୁଳନାରେ ୟୁକ୍ରେନ ସେନାର ସଂଖ୍ୟା କମ୍, ତେଣୁ ଶକ୍ତି ବଢ଼ାଇବାକୁ ଯୁବକ ଓ ପିଲାଙ୍କୁ ଏପରି ତାଲିମ ଦିଆଯାଉଛି । ଦେଶର ମାର୍ସଲ ଲ' ଲାଗିବା ପରେ ଲୋକଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ନଜର ପକାନ୍ତୁ କ'ଣ ଏହି ମାର୍ସଲ ଲ' ? ଦେଶରେ ଏକ ବଡ଼ ଧରଣର ବିପଦ ବେଳେ ଏହି ଆଇନ ଲାଗୁ କରାଯାଇପାରେ, ବଡ଼ ଧରଣର ଗୃହଯୁଦ୍ଧ ବା ଅନ୍ୟ ଦେଶ ସହ ଯୁଦ୍ଧ ବେଳେ ଏହା ଲାଗୁ ହୁଏ, ଏହି ସମୟରେ ସାମରିକ ବାହିନୀକୁ ଅଧିକ କ୍ଷମତା ମିଳି ଥାଏ, ବେସାମରିକ ସରକାର ବଦଳରେ ସାମରିକ ବାହିନୀ

## ବର୍ଷା ସମ୍ଭାବନା : ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୨୪/୦୨ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଅଂଚଳରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଜାରି ସୂଚନାରେ କୁହାଯାଇଛି ଯେ ଏହି ସମୟ ମଧ୍ୟରେ ଉତର ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପ୍ରଭୃତି ୧୦ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ୨୬ ତାରିଖ ଦିନ ମଧ୍ୟ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କନ୍ଧମାଳ ଆଦି ଜିଲ୍ଲାରେ ହାଲୁକା ବର୍ଷାର ସମ୍ଭାବନା ରହିଛି।

## ରାତି ୨ଟାରେ ବିଧାନସଭା ଚଲାଇବେ ମମତା, ଆପତ୍ତି ଉଠାଇଲେ ରାଜ୍ୟପାଳ

କୋଲକାତା, ୨୪/୦୨ (ନି.ପ୍ର): ମଧ୍ୟରାତ୍ରି ପରେ ବସିବ ବିଧାନସଭା ଅଧିବେଶନ। ଆସନ୍ତା ମାର୍ଚ୍ଚ ୭ରେ ରାତି ୨ଟାରେ ପଶ୍ଚିମବଙ୍ଗ ବିଧାନସଭା ଅଧିବେଶନ ବସିବ ବୋଲି ନିଷ୍ପତ୍ତି ହୋଇଛି। ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକଡ଼ ଦସ୍ତଖତ କରିଥିବା ଜଣାପଡ଼ିଛି। ବିଧାନସବା ଅଧିବେଶନ ନେଇ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ଟ୍ୱିଟ୍ କରି ସମାଲୋଚନା କରିଛନ୍ତି ରାଜ୍ୟପାଳ ଧନକଡ଼। ପ୍ରଥମ ଥର ପାଇଁ ରାତି ୨ଟା ପରେ ବିଧାନସଭା ବସିବା ଏକ ଅସାଧାରଣ ପଦକ୍ଷେପ ଏବଂ ଐତିହାସିକ ନିଷ୍ପତି। କିନ୍ତୁ ଏହା କ୍ୟାବିନେଟ ନିଷ୍ପତ୍ତି ବୋଲି ସେ କଟାକ୍ଷ କରିଛନ୍ତି। ସୂଚନା ଅନୁଯାୟୀ, ମଧ୍ୟରାତ୍ରି ପରେ ବିଧାନସଭା ଅଧିବେଶନ ବସିବା ପାଇଁ ରଜ୍ୟ ସରକାରଙ୍କ ପକ୍ଷରୁ ଏକ ସରକାରୀ ବିଜ୍ଞପ୍ତିକୁ ଗତ ଫେବୃଆରୀ ୧୭ରେ ରାଜ୍ୟପାଳ ନିକଟକକୁ ପାରିତ ପାଇଁ ପଠାଯାଇଥିଲା। ମାର୍ଚ୍ଚ ୭ରେ ରାତି ୨ଟା ଅର୍ଥାତ ୨ଏମରେ ବିଧାନସଭା ▶▶ପୃଷ୍ଠା ୭

## ମୋଦି-ପୁଟିନ ଆଲୋଚନା

### ଯୁଦ୍ଧ ରୋକି, ଶାନ୍ତି ଆଣିବାକୁ ପୁଟିନଙ୍କୁ ମନ୍ତ୍ର ଦେଲେ ମୋଦି



ନୂଆଦିଲ୍ଲୀ, ୨୪/୦୨ : ୟୁକ୍ରେନ ସଙ୍କଟ ନେଇ ରଷ ରାଷ୍ଟ୍ରପତି ପୁଟିନଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦି । ଫୋନ ଯୋଗେ ପୁଟିନଙ୍କ ସହ କଥା ହେଲେ ମୋଦି । ପ୍ରାୟ ୨୫ ମିନିଟ୍ କାଳ କଥା ହେଲେ ମୋଦି । ଆଲୋଚନା ଦ୍ୱାରା ବିବାଦ ସମାଧାନ ପାଇଁ କହିଲେ । ଏହା ସହ ହିଂସାର ପଥ ଛାଡିବାକୁ ପୁଟିନଙ୍କୁ ଅପିଲ କଲେ ମୋଦି । ଏଥିସହ କୂଟନୀତି ଆଧାରରେ ଶାନ୍ତି ଫେରାଇ ଆଣିବାକୁ ପୁଟିନଙ୍କୁ ମନ୍ତ୍ର ଦେଲେ ମୋଦି । ତେବେ ସବୁଠାରୁ ବଡ କଥା ହେଉଛି ଯୁଦ୍ଧ ରୋକିବାକୁ ପୁଟିନଙ୍କୁ ଅନୁରୋଧ କରିଛନ୍ତି ମୋଦି । ଭାରତୀୟଙ୍କ ସୁରକ୍ଷା ପ୍ରସଙ୍ଗ ବି ଆଲୋଚନା ସମୟରେ ଉଠାଇଛନ୍ତି ପ୍ରଧାନମନ୍ତ୍ରୀ । କିଛି ସମୟ ପୂର୍ବରୁ ୟୁକ୍ରେନରେ ଫସି ରହିଥିବା ଭାରତୀୟଙ୍କୁ ଆଣିବାକୁ ଯୋଜନା ହେଉଥିବା ଖବର ଆସିଥିଲା । ୟୁକ୍ରେନରେ ଫସି ରହିଥିବା ଭାରତୀୟଙ୍କୁ ପୋଲାଣ୍ଡ ରାସ୍ତା ଦେଇ ଭାରତୀୟ ମାନଙ୍କୁ ଅଣାଯିବ । ତେବେ ପୋଲାଣ୍ଡ ଓ ହଙ୍ଗେରୀ ରାସ୍ତା ଦେଇ ଭାରତୀୟଙ୍କୁ ଅଣାଯିବ । ରୋମାନିଆ ଓ ସ୍ଲୋଭାକିଆ ରାସ୍ତା ଦେଇ ମଧ ଭାରତୀୟଙ୍କୁ ୟୁକ୍ରେନ ସୀମାରୁ ଉଦ୍ଧାର କରାଯିବ । ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଦୂତାବାସ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ଏନେଇ ବିଦେଶ ମନ୍ତ୍ରାଳୟର ପ୍ରେସମିଟ କରି ସୂଚନା ଦେଇଛି ।

## ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ : ଭାରତୀୟ ବଜାରରେ ନିବେଶକ ହରାଇଲେ ୧୩.୩୨ ଲକ୍ଷ କୋଟି

ନୂଆଦିଲ୍ଲୀ, ୨୪/୦୨ : ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଭାରତୀୟ ବଜାରରେ ନିଆଁ ଲଗାଇଛି । ସେନସେକ୍ସ ୨ ହଜାର ୭ ଶହ ପଏଂଟ ତଳକୁ ଖସିଛି । ନିଫଟି ୧୬ ହଜାର ୩ ଶହ ପଏଂଟ ଖସିଛି । ଏହାଦ୍ୱାର ନିବେଶକ ପ୍ରାୟ ୧୩. ୩୨ ଲକ୍ଷ କୋଟି ହରାଇଛନ୍ତି । ସେନସେକ୍ସ ଇତିହାସରେ ଚତୁର୍ଥ ଥର ପାଇଁ ବଜାର ଏଭଳି ଖସିଛି । ସେପଟେ ଅର୍ନ୍ତଜାତୀୟ ବଜାରରେ ଶହେ ଡଲାର ଟପିଲା ଅଶୋଧିତ ତେଲ ଦର । ବିଶେଷଜ୍ଞ ଆକଳନ କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଗାମୀ ଦିନରେ ମୁଦ୍ରାସ୍ଫୀତି ପ୍ରଭାବିତ କରିବ । ଏହାର ପ୍ରଭାବ ସାରା ବିଶ୍ୱରେ ଦୀର୍ଘ ସମୟ ଧରି ରହିବ ବୋଲି ଆକଳନ କରିଛନ୍ତି । ସାରା ବିଶ୍ୱରେ ମହାମାରୀ କରୋନା ଦୁର୍ବଳ ହେଉଥିବା ବେଳେ ରୁଷର ଏହି ମହାଯୁଦ୍ଧ ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି ।

## ନୱାବ ମଲ୍ଲିକ ଗିରଫ ପରେ ମହାରାଷ୍ଟ୍ରରେ ତେଜିଲା ରାଜନୀତି: ରାଜରାସ୍ତାକୁ ଓହ୍ଲାଇଲେ ଏନସିପି କର୍ମୀ ଓ ନେତା



ନୂଆଦିଲ୍ଲୀ, ୨୪/୦୨ : ଏନସିପି ନେତା ନୱାବ ମଲ୍ଲିକଙ୍କୁ ଇଡି ଗିରଫ କରିବା ପରେ ମହାରାଷ୍ଟ୍ର ରାଜନୀତି ତେଜିବାରେ ଲାଗିଛି । ଏନସିପି ନେତା ଓ କର୍ମକର୍ତା ମାନେ ରାଜ ରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରିଛନ୍ତି । ୨୦୦୫ରେ ଅଣ୍ଡରୱାଲର୍ଡ ଡନ ଦାଉଜ ଇବ୍ରାହିମଙ୍କ ଭଉଣି ହସିନାଙ୍କ ଠାରୁ ଅତି କମ ମୁଲ୍ୟରେ କିଣିଥିଲେ ନୱାବ ମଲ୍ଲିକ । ଘଟଣାର ଖୋଲତାଡ ଜାରି ରଖିଛି ଇଡି । ଏନସିପି ନେତା ତଥା ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ ଗିରଫ କରିବା ପରେ ତେଜୁଛି ମହାରାଷ୍ଟ୍ର ରାଜନୀତି । ବୁଧବାର ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ନୱାବ ମଲ୍ଲିକଙ୍କୁ ଅଣ୍ଡରୱାଲର୍ଡ ସହ ସମ୍ପର୍କ ଓ ମନି ଲଣ୍ଡ୍ରିଂ ମାମାଲାରେ ଗିରଫ କରିଛି ଇଡି । ଯାହାକୁ ନେଇ ଏନସିପି କାର୍ଯ୍ୟକର୍ତା ମାନେ ରାଜା ରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରିଛନ୍ତି । ସେହିପରି ମହା ବିକାଶ ଅଗାଢି ସରକାରର କର୍ମକର୍ତା ମାନେ ମଧ ଘଟଣାକୁ ନେଇ ଧାରଣାରେ ବସିଛନ୍ତି । ଅନ୍ୟପଟେ ବିଜେପି କେନ୍ଦ୍ରିୟ ଏଜେଂସିର ଅପବ୍ୟବହାର କରି ବିରୋଧୀଙ୍କୁ ହଇରାଣ କରୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଆସନ୍ତୁ ନଜର ପକାଇବା କଣ ପାଇଁ ଗିରଫ ହେଲେ ନୱାବ । ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାର ଅଭିଯୁକ୍ତ ତଥା ଅଣ୍ଡରୱାଲର୍ଡ ଜନ ଦାଉଦ ଇବ୍ରାହିମଙ୍କ ଭଉଣି ହସିନା ପାରିକରଙ୍କ ଠାରୁ କମ ଦାମରେ ଜମି କିଣିଥିଲେ ନୱାବ । ୨୦୦୫ ମସିହାରେ ମସିହାରେ ମୁମ୍ବାଇର କୁର୍ଲା ଅଂଚଳରେ ଥିବା ୩ ଏକର ଜମିକୁ ଅତି କମ ମୁଲ୍ୟରେ କିଣିଥିଲେ ନୱାବ । ଜମିର ପ୍ରକୃତ ମାଲିକ ଥିଲେ ମୁନିଆର ପ୍ଲମ୍ବର, କିନ୍ତୁ ହସିନା ପାରକରଙ୍କ ଇସାରାରେ ଅଣ୍ଡର ୱାଲର୍ଡ ଡନ ମହମ୍ମଦ ସଲିମ ଇସାକ ଖାନ ମୁନିଆରଙ୍କୁ ଡରେଇ ଧମକେଇ ଜମି ହାତେଇଥିଲେ । ୮୫ ଲକ୍ଷ ଟଙ୍କାରେ ୩ ଏକର ଜମିର ଡିଲ ହୋଇଥିଲା । ଜମି କିଣା ମାମଲାରେ ଅଣ୍ଡରୱାଲର୍ଡ ମାଫିଆ ସର୍ଦାର ସାହାବଳି ଖାନ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥିଲା । ଇଡି ଖୋଳତାଡ ରେ ଜଣାପଡିଛି । ସେପଟେ ଘଟଣାକୁ ନାଇ ରାଜନୀତି ମଧ ଜୋର ଧରିଛି ।

## ଆକ୍ରମଣ ପାଇଁ ରୁଷକୁ ପରିଣାମ ଭୋଗିବାକୁ ପଡିବ : ନାଟୋ

ନୂଆଦିଲ୍ଲୀ, ୨୪/୦୨ : ୟୁକ୍ରେନ-ରଷ ସଙ୍କଟକୁ ନେଇ 'ନାଟୋ'ର ପ୍ରେସମିଟ୍ । ନାଟୋ କହିଛି ଅନ୍ତରାଷ୍ଟ୍ରୀୟ ଆଇନ୍ ଉଲ୍ଲଂଘନ ନକରୁ ରଷ । ରଷର କାର୍ଯ୍ୟକଳାପ ବିଶ୍ୱ ସମୁଦାୟ ଦେଖୁଛି, ଆକ୍ରମଣ ପାଇଁ ରଷକୁ ପରିଣାମ ଭୋଗିବାକୁ ପଡିବ । ସୈନ୍ୟଙ୍କୁ ଆଗକୁ ବଢ଼ାଇବାରୁ ନିବୃର୍ତ୍ତ ରହୁ ରଷ । ତେବେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ଜାରି ରହିଛି । ୟୁକ୍ରେନର ୧୩ଟି ସହର ଉପରେ ରୁଷ ଆକ୍ରମଣ କରିଛି । ରୁଷିଆ ମିଜାଇଲ ଓ ବୋମା ମାଡ କରିବା ପରେ ୟୁକ୍ରେନ ଏବେ ସଙ୍କଟରେ । ରୁଷର ଆକ୍ରମଣରେ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ସୂଚନା ରହିଛି । ଜାତୀୟ ଓ ଅନ୍ତର୍ଜାତୀୟ ମିଡିଆରୁ ଏହି ସୂଚନା ମିଳିଛି । ମୃତକଙ୍କ ମଧ୍ୟରେ ୟୁକ୍ରେନର ୪୦ ସେନା ରହିଥିବା ସୂଚନା ରହିଛି । ଦୁଇ ଦେଶ ପରସ୍ପର ଭିତରେ ଆରପାର ଲଢେଇ ଚାଲିଛି । ଏହାରି ଭିତରେ ରୁଷିଆ ସହିତ ଥିବା ସମସ୍ତ ସମ୍ପର୍କକୁ ଛିନ୍ନ କରିଛି ୟୁକ୍ରେନ । ରୁଷିଆର ଆକ୍ରମଣ ଯୋଗୁଁ ୟୁକ୍ରେନର ରାଜଧାନୀ କିଭର ରାଜରାସ୍ତାରେ କାର, ଟ୍ରକ ଆଦି ଲମ୍ବା ଧାଡିରେ ଛିଡା ହୋଇଛି । ଲୋକମାନଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ରୁଷର ଏପରି ପ୍ରକ୍ରିୟାକୁ ନିନ୍ଦା କରିଛି ନାଟୋ । ଆଉ ରୁଷ ବିରୋଧରେ ଆକ୍ରମଣ ପାଇଁ ପ୍ରସ୍ତୁତି ହୋଇଛି । ନାଟୋରେ ୩୦ଟି ଦେଶ ରହିଛି । ଯେଉଁଥିରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ପ୍ରମୁଖ ୟୁରୋପିଆନ୍ ଦେଶ ରହିଛନ୍ତି । ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିଶ ▶▶ପୃଷ୍ଠା ୭

# ଶ୍ରୀରାମ ଫାଇନାନ୍ସ ଅଫିସ ସମ୍ମୁଖରୁ ୨ଟି ବାଇକ୍ ଚୋରି

ମାଲକାନଗିରି,୨୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବାଇକ୍ ଚୋରି ଘଟଣା । ଜିଲ୍ଲାରେ ପ୍ରତ୍ୟେକ ସପ୍ତାହରେ ପୋଲିସ ବେଆଇନ୍ ଗଞ୍ଜେଇ ଚୋରା ଚାଲାଣ ଠାବ କରୁଥିବା ବେଳେ ଏହାକୁ ରୋକିବା ନେଇ ସବୁବେଳେ ତତ୍ପର ରହୁଥିବା ଦେଖିବାକୁ ମିଳିଛି । କିନ୍ତୁ, ଗତ କିଛି ମାସ ମଧ୍ୟରେ ବାଇକ୍ ଚୋରି ଘଟଣା ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଛି । ଏହିପରି ଏକ ବାଇକ୍ ଚୋରି ଘଟଣା ମାଲକାନଗିରି ସଦର ସ୍ଥିତ ଶ୍ରୀରାମ ଫାଇନାନ୍ସ ଅଫିସ ସମ୍ମୁଖରେ ଦେଖିବାକୁ ମିଳିଛି । ଗତକାଲି ରାତିରେ ଅଫିସ ସମ୍ମୁଖରେ ରଖାଯାଇଥିବା ୨ ଟି ବାଇକ୍ କୁ ୨ ଯୁବକ ଚୋରିକରି ନେଉଥିବା ସିସି ଟିଭି କ୍ୟାମେରାରେ ଦେଖିବାକୁ ମିଳିଛି । ବାଇକ୍ ମାଲିକଙ୍କ କହିବା ଅନୁଯାୟୀ, ଗତକାଲି ରାତିରେ କାମ ସାରି ଅଫିସ୍ ସମ୍ମୁଖରେ ବାଇକ୍ ରଖି ସେମାନେ ଶୋଇପଡ଼ିଥିଲେ ଏବଂ ସକାଳୁ ଉଠି ଦେଖିଲା ବେଳକୁ ତାଙ୍କ ବାଇକ୍ ଗୁଡ଼ିକ ସେହି ସ୍ଥାନରେ ନଥିଲା । ଯାହାପରେ ସେମାନେ ସଙ୍ଗେ ସଙ୍ଗେ ସିସିଟିଭି ଟିଭି ଯାଂଚ୍ କରିଥିଲେ । ଯାଂଚ୍ କରିବା ପରେ ଦୁଇ ଜଣ ଯୁବକ ବାଇକ୍ ନେଉଥିବା ଦେଖିବାକୁ ମିଳିଥିଲା । ପ୍ରଥମ ବାଇକ୍ ମାନ୍ନୁ ନନ୍ଦୀ (୨୪) ନାମକ ଜଣେ ଯୁବକଙ୍କ ବଜାଜ୍ ପଲସର୍ ଏନ୍ଏସ୍ ୨୦୦ ଏବଂ ଅନ୍ୟ ଜଣେ ବ୍ୟକ୍ତି ସୁଶାନ୍ତ ବେହେରାଙ୍କ ବଜାଜ୍ ପଲସର୍ ୧୫୦ ବୋଲି ଜଣାପଡ଼ିଛି । ତେବେ ଏହି ଘଟଣା ନେଇ ଥାନାରେ ଏକ ଚୋରି ମାମଲା ରୁଜୁ କରାଯାଇଥିବା ବେଳେ ବାଇକ୍ ଜବତ କରିବା ନେଇ ତନାଘନା ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# ଭୋଟର ତାଲିକାରେ ନାଁ ନାହିଁ : ବୁଥରୁ ଫେରିଗଲେ ଶତାଧିକ ମତଦାତା



ସୁନ୍ଦରଗଡ଼,୨୪/୨ (ନି.ପ୍ର): ସଂଶୋଧିତ ଭୋଟର ତାଲିକାରେ ନାଁ ନାହିଁ । ନିଜର ମତଦାନ ଅଧିକାର ସାବ୍ୟସ୍ତ କରି ନପାରି ବୁଥରୁ ଫେରିଗଲେ ମତଦାତା । ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାରେ । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି ।

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଟାଙ୍ଗରପାଲି ବ୍ଲକ (ଖ) ଜୋନ ସାନପତ୍ରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଲେଇକେରା ଗାଁରେ ଦେଖିବାକୁ ମିଳିଛି ଏମିତି ଘଟଣା । ଗ୍ରାମର ୩ ଟି ୱାର୍ଡରେ ଭୋଟର ତାଲିକା ସଂଶୋଧନ ତ୍ରୁଟିପୂର୍ଣ୍ଣ ଥିବା ଓ ଶତାଧିକ ଭୋଟରଙ୍କ ନାମ ନଥିଲା । ଭୋଟର ଏ ବୁଥ୍ ସେ ବୁଥ୍‌ରେ ନିଜ ନାମ ଖୋଜି ନିରାଶ ହୋଇ ଫେରି ଯାଇଥିଲେ ।

ସୂଚନାଯୋଗ୍ୟ, ଟାଙ୍ଗରପାଲି ଜିଲ୍ଲା ପରିଷଦ (କ) ଜୋନ୍‌ରେ ୭ଟି ପଞ୍ଚାୟତ ଓ ୯୭ ୱାର୍ଡ ସଭ୍ୟ ଅଛନ୍ତି । ମୋଟ ଭୋଟର ସଂଖ୍ୟା ହେଉଛି ୨୪ ହଜାର ୩୬୦ ଟଙ୍କା । (ଖ) ଜିଲ୍ଲା ପରିଷଦ ଜୋନ୍ ଅଧୀନରେ ୬ଟି ପଞ୍ଚାୟତ ଓ ୮୨ଟି ୱାର୍ଡ ରହିଛି । ମୋଟ ଭୋଟର ସଂଖ୍ୟା ହେଉଛନ୍ତି ୨୫ ହଜାର ୫୦୧ । ଟାଙ୍ଗରପାଲିରେ ୯୮ଟି ସମ୍ବେଦନଶୀଳ ଓ ୨ଟି ଅତି ସମ୍ବେଦନଶୀଳ ବୁଥ୍ ରହିଛି । ସୁନ୍ଦରଗଡ଼ର ଜିଲ୍ଲାର ବାକିଥିବା ୩ ବ୍ଲକରେ ୬ ଜିଲ୍ଲା ପରିଷଦ, ୪୨ ସରପଞ୍ଚ ଓ ସମିତି ସଭ୍ୟ ସହ ୫୫୦ ୱାର୍ଡ ସଭ୍ୟ ପାଇଁ ମତଦାନ କରୁଛନ୍ତି ଭୋଟର । ତିନିଟି ବ୍ଲକ ଗୁରୁଣ୍ଡିଆ, ଟାଙ୍ଗରପାଲି ଓ ସୁନ୍ଦରଗଡ଼ ସଦରରେ ମୋଟ ୫୫୦ଟି ବୁଥ ହୋଇଛି । ଗୁରୁଣ୍ଡିଆରେ ୧୫୭, ଟାଙ୍ଗରପାଲିରେ ୧୭୯ ଓ ସୁନ୍ଦରଗଡ଼ ସଦର ବ୍ଲକରେ ସର୍ବାଧିକ ୨୧୪ଟି ପୁଲିଂ ବୁଥ୍ କରାଯାଇଛି । ଗୁରୁଣ୍ଡିଆରେ ୧୫୭ ବୁଥ୍ ମଧ୍ୟରୁ ୩୧ ବୁଥ୍ ସମ୍ବେଦନଶୀଳ ଓ ୧୬ଟି ବୁଥ ଅତି ସମ୍ବେଦନଶୀଳ ବୁଥ୍ ରହିଛି । ସୁନ୍ଦରଗଡ଼ ସଦରରେ ୮୯ ସମ୍ବେଦନଶୀଳ ଓ ୬୮ ଅତି ସମ୍ବେଦନଶୀଳ ବୁଥ୍ ରହିଛି । ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ତିନି ବ୍ଲକରେ ମୋଟ ୧ ଲକ୍ଷ ୫୩ ହଜାର ୩୩୦ ଭୋଟର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି ।

## ଗୋଦାମରୁ ଚୋରି ଘଟଣାରେ ୩ ଗିରଫ

ଜୟପୁର,୨୪/୨ (ନି.ପ୍ର): ଜୟପୁର ଦୈନିକ ବଜାର ନିକଟ ଗୋଦାମରୁ ଚୋରି ମାମଲାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଗଣେଷ ପୁଜାରି, ତୈଳ ପୁଜାରି. ବି. ରାବଣା ଚୈାଧୁରି । ଦୈନିକ ବଜାର ନିକଟରେ ଥିବା ଗୋଦାମରେ ଚୋରି ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ଜୟପୁର ଟାଉନ ପୋଲିସ ୪୯/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଗଣେଷ ପୁଜାରି ଓ ତୈଳ ପୁଜାରିକୁ ଗିରଫ କରିଥିଲା । ୨ଜଣ ଚୋରି କରି ବି. ରାବଣା ଚୈଧୁରିକୁ ବିକ୍ରି କରିଥିବା ନେଇ ପୋଲିସ ନିକଟରେ ଦୁଇ ଅଭିଯୁକ୍ତ ସ୍ୱୀକାର କରିଥିଲେ । ଅଭିଯୁକ୍ତର ବୟାନ ଆଧାରରେ ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ବି. ରାବଣା ଚୈଧୁରିକୁ ପୋଲିସ ଗିରଫ କରିଛି ଓ ଚୋରି ସାମଗ୍ରୀକୁ ଜବତ କରିଛି । ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

## ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଦାବି

ମାଲକାନଗିରି,୨୪/୨ (ନି.ପ୍ର): ଦୁର୍ଗମ ଅଂଚଳରେ ଗାଁ । ଯାତାୟାତ ପାଇଁ ପକ୍କାରାସ୍ତା ନିର୍ମାଣ କରାଯାଇନି । ଗାଁକୁ କୌଣସି ଗାଡ଼ି ଯାଇ ପାରୁ ନଥିବାରୁ ରୋଗୀ ତଥା ଗର୍ଭବତୀଙ୍କୁ ଭାରରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି । ଗାଁରେ ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଗ୍ରାମର ୭୫ ଜଣ ଶିଶୁ ୨ କିଲୋମିଟର ଦୂର ଅଙ୍ଗନବାଡି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । କିନ୍ତୁ, ପକ୍କାରାସ୍ତା ନଥିବାରୁ ଏତେ ଦୂରରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ଯିବା ସମ୍ଭବ ହେଉନି । ତେଣୁ ଶୀଘ୍ର ଗାଁରେ ଅଙ୍ଗନବାଡି କେନ୍ଦ୍ର ଖୋଲିବା ପାଇଁ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡ଼ା ପଚାଂୟତର ଦୁର୍ଗମ ରାଉଁଲିଗୁଡ଼ା ଗ୍ରାମବାସୀ ନିବେଦନ କରିଛନ୍ତି । ଅଙ୍ଗନବାଡି କେନ୍ଦ୍ର ଦୂର ହୋଇଥିବାରୁ ଶିଶୁମାନେ ବିଭିନ୍ନ ସୁବିଧାରୁ ବଂଚିତ ହେଉଛନ୍ତି । ଗାଁରେ ଅଙ୍ଗନବାଡି କେନ୍ଦ୍ର ଖୋଲିବା ପାଇଁ ବହୁବାର ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଗ୍ରାମର ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଅଙ୍ଗନବାଡି କେନ୍ଦ୍ର ଖୋଲିବା ପାଇଁ ଗ୍ରାମର ଦୟା ଗୋଲରି, ଦଳପତି ଖିଲ, ବିଶ୍ୱନାଥ ଗୋଲରି ପ୍ରମୁଖ ଦାବୀ କରିଛନ୍ତି ।

# ଶ୍ରୀଲୋକନାଥଙ୍କ ଜାଗରଯାତ୍ରା ରାତି ୩ଟା ପରେ ଉଠିବ ମହାଦୀପ

ପୁରୀ,୨୪/୨ (ନି.ପ୍ର): ଶ୍ରୀଲୋକନାଥଙ୍କ ପବିତ୍ର ଜାଗରଯାତ୍ରା ପାଇଁ ସମସ୍ତ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମନ୍ଦିରଟ୍ରଷ୍ଟ ବୋର୍ଡ଼ର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଭବତାରଣ ସାହୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ବଳି ପ୍ରସ୍ତୁତ କରିଛନ୍ତି । ପଙ୍କୋଦ୍ଧାର ନୀତି ଓ ଜାଗର ନୀତି ନିର୍ଘଂଟ ପ୍ରସ୍ତୁତ ହୋଇଛି । ମହାଶିବ ରାତ୍ରୀ ଉପଲକ୍ଷେ ପ୍ରଭୁଙ୍କ ମହାଦୀପ ରାତ୍ର ୩ଟା ପରେ ମନ୍ଦିର ଚୂଡ଼ାକୁ ଉଠିବା ପାଇଁ ନୀତି ନିର୍ଘଂଟ ପ୍ରସ୍ତୁତ ହୋଇଛି । ୨୭ ତାରିଖ ଦିନ ପଙ୍କୋଦ୍ଧାର ଏକାଦଶୀ । ସେହି ଦିନ ରାତି ୨ଟାରେ ପ୍ରଭୁଙ୍କ ପହୁଡ଼ ଦ୍ୱାର ଖୋଲିବ । ରାତି ୩ଟାରେ ମଙ୍ଗଳ ଆଳତି, ଅବକାଶ, ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ ଶେଷ ହେବ । ସକାଳ ୬ଟାରୁ ୭ଟା ମଧ୍ୟାହ୍ନ ଧୂପ, ସକାଳ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ, ସକାଳ ୮ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପଙ୍କୋଦ୍ଧାର ସହ ମାଘସ୍ନାନ ଅନୁଷ୍ଠିତ ହେବ । ଦିନ ୧୨ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଅନୁଷ୍ଠିତ ହେବ । ମାର୍ଚ୍ଚ ୧ ତାରିଖରେ ପବିତ୍ର ଜାଗରଯାତ୍ରା । ସେହିଦିନ ଭୋର୍‌ରୁ ପହୁଡ଼ ଦ୍ୱାର ଖୋଲିବା ସହ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବ । ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିପାରିବେ । ରାତି ୧୦ଟାରୁ ୨ଟା ମଧ୍ୟରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେବ । ରାତି ୨ଟାରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ବେଶ ଓ ମହାଦୀପ ପ୍ରଜ୍ଜ୍ୱଳନ କରାଯିବ । ଶ୍ରୀ ଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ସମ୍ପାଦନ କରି ରାତି ୧୧ଟା ୩୦ରେ ଶ୍ରୀ ଲୋକନାଥ ମନ୍ଦିରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।

## ବ୍ରହ୍ମପୁର ବଡ ମେଡ଼ିକାଲ ରକ୍ତ ଭଣ୍ଡାରରେ ରକ୍ତ ଅଭାବ

ଗଞ୍ଜାମ,୨୪/୨ (ନି.ପ୍ର): କରୋନା ଯୋଗୁଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଂଖ୍ୟା ହ୍ରାସ ପାଉଛି । ରକ୍ତଦାତା ମଧ ଆସୁନାହାଁନ୍ତି, ତେଣୁ ବ୍ରହ୍ମପୁର ବଡ ମେଡ଼ିକାଲ ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତ ସଂକଟ ଦେଖାଦେଇଛି । ଆଜିର ଉପଲବ୍ଧ ତାଲିକା ଅନୁସାରେ ମୋଟ୍ ରକ୍ତ ୟୁନିଟ୍ ସଂଖ୍ୟା ୫୧ କୁ ଖସି ଆସିଛି । ସାଧାରଣ ଦିନରେ ହଜାର ହଜାର ୟୁନିଟ୍ ରକ୍ତ ରହୁଥିବା ବେଳେ ଏବେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି । ଏପରିକି ନେଗେଟିଭ୍ ଗୃପ୍ ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି । ଯାହାକି ଏବେ ଚିନ୍ତାର କାରଣ ହୋଇଛି । ସାଧାରଣତଃ ଖରାଦିନ ଆସିଲେ ରକ୍ତ ଅଭାବଜନିତ ସମସ୍ୟା ଦେଖାଦେଇଥାଏ । ଖରାଦିନରେ ରକ୍ତଦାନ ଶିବିର ସଂଖ୍ୟା କମିବା ଦୃଷ୍ଟିରୁ ଏଭଳି ସମସ୍ୟା ଉପୁଜିଥାଏ । ଏବେ ଫେବୃଆରୀ ମାସରୁ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଦେଲାଣି । ଆଗକୁ ଖରା ବଢ଼ିବ । ଏଣୁ ଶିବିର ସଂଖ୍ୟା ଆହୁରି କମିବ ବୋଲି ଅନୁମାନ କରାଯାଉଛି । ଅପ୍ରେଲ ଓ ମଇ ମାସରେ ରକ୍ତ ଅଭାବଜନିତ ସମସ୍ୟା ଜଟିଳ ରୂପ ନେଇଥାଏ । ଖରାଦିନେ ରକ୍ତ ଦାନ କରିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନଥିବାରୁ ରକ୍ତ ସଂଗ୍ରହ କମିଥାଏ । ଏଣୁ ରକ୍ତ ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି ବିଭିନ୍ନ ମହଲରେ ଆହ୍ୱାନ ଦିଆଯାଇଛି ।

# କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନଃ ଆକ୍ରମଣ ନେଇ ଏସପିଙ୍କ ଦ୍ୱାରସ୍ଥ

କୋରେଇ,୨୪/୨ (ନି.ପ୍ର): ନିର୍ବାଚନ ବେଳେ ବୁଥରେ ଏଜେଂଟଙ୍କୁ ମାଡ ମରାନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜ୍ଜୁ କରି ହାତବାନ୍ଧି ବସିଥିବାରୁ ଅଭିଯୁକ୍ତମାନେ ଏଜେଂଟର ସାନଭାଇ ପ୍ରଦୀପ ଯେନା ଅକରପଡା ରାସ୍ତାରେ ସ୍ତ୍ରୀଙ୍କ ସହ ଡାକ୍ତରଖାନା ଯାଉଥିବା ବେଳେ ମାରଧର କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ଏନେଇ ଥାନାରେ ଅଭିଯୋଗ ସହ ଜୀବନ ପ୍ରତି ବିପଦ ଥିବାରୁ ଏସପିଙ୍କୁ ଜଣାଇଛନ୍ତି । ଏଥି ସହିତଅଭିଯୁକ୍ତମାନଙ୍କ ବିରୁଦ୍ଧରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ପ୍ରକାଶଯେ ଯାଜପୁର ଥାନା ଚିତାଳୋ ପଂଚାୟତର ୫ ନମ୍ବର ବୁଥରେ ସରପଂଚ ପ୍ରାର୍ଥି ରଂଜୁଲତା ମହାନ୍ତିଙ୍କ ଏଜେଂଟ ଭାବେ ଝାଡଙ୍ଗା ଗ୍ରାମର କହ୍ନେଇ ଯେନାଙ୍କ ପୁଅ ପ୍ରଶାନ୍ତ କାର୍ଯ୍ୟ କରୁଥିଲେ । ବୁଥ ଦଖଲ ପାଇ ଚେଷ୍ଟା କରିବା ପାଇଁ ତାଙ୍କୁ ବାହାରକୁ ବାହାରି ଯିବାକୁ ଦୃବୃର୍ତ ପହଂଚି କହିଥିଲେ । ଏହାର ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏମିତିକି ତାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେମାନେ ମଧ୍ୟ ସେମାନଙ୍କ ଠାରୁ ମାଡ ଖାଇଥିଲେ । ଏନେଇ ପ୍ରଶାନ୍ତ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଅଭିଯୁକ୍ତ ଶଶିକାନ୍ତ ସତପଥି, ଶୁକୁଟା, ଟୁବୁଲା, ଧନିଆ, ନର ସାହୁ, ଶରତ ରାଉତ, କୁନୁ, କାଳିଆ ରାଉତ, ସନ୍ତୋଷ ରାଉତ, ପିଂଟୁ ପ୍ରମୁଖ ମାଡ ମାରି ଖୁଲମଖୋଲା ବୁଲୁଥବା ବେଳେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଯାହା ଦ୍ୱାରା ସେମାଦେ ବିଭିନ୍ନ ଧମକ ଚମକ ଦେଉଛନ୍ତି । ଯାହା ତାଙ୍କ ପରିବାର ପ୍ରତି ବିପଦ ରହିଛି । ପୁନଃ ସାନଭାଇ ପ୍ରଦୀପଙ୍କୁ ଆକ୍ରମଣ ପରେ ନିଜର ତଥା ପରିବାର ସୁରକ୍ଷା ନେଇ ଏସଙ୍କୁ ଭେଟି ନ୍ୟାୟ ମାଗିଛନ୍ତି ପ୍ରଦୀପ ପରିବାର । ଦୋଷୀଙ୍କ ବିରୁଦ୍ଧରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୨୪/୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଆଇ.କ୍ୟୁ.ଏ.ସି ଓ ସମାଜ ବିଜ୍ଞାନ ବିଭାଗର ଆନୁକୁଲ୍ୟରେ ଏକ ଆଲୋଚନା ଚକ୍ର "ଜେଣ୍ଡର୍ ସେନ୍‌ସିଟାଇଜେସନ୍" ଶୀର୍ଷକ ଏକ ସେମିନାର୍ ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାର୍‌କୁ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ୍ ରଞ୍ଜନ ସାହୁ ଉଦ୍‌ଘାଟନ କରି ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗୀୟ ମୁଖ୍ୟ ଓ ଆଇ.କ୍ୟୁ.ଏ.ସି ସଂଯୋଜକ ଡ଼କ୍ଟର ମଥୁରି ଚରଣ ନାୟକ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ସେମିନାର୍‌ରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ଼କ୍ଟର୍ ସୁଜାତା ଭଞ୍ଜ ଓ ଲୋପାମୁଦ୍ରା ବିଶ୍ୱାଳ ରିସୋର୍ସ ପର୍ସନ ଭାବରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ପରିଶେଷରେ ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଅଂଶ ଗ୍ରହଣ କରିଥିଲେ ।

## ସିପିଆଇ ପକ୍ଷରୁ ବିକ୍ଷୋଭ

ଜୟପୁର,୨୪/୨ (ନି.ପ୍ର): ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ କୋରାପୁଟ ଜିଲା ସିପିଆଇ ତରଫରୁ ଗଣ ବିକ୍ଷୋଭ କରାଯାଇଛି । ସିପିଆଇର ନେତା ଓ କର୍ମୀ ମାନେ ଦଳିୟ ପତକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଏବଂ ଢିଙ୍କିଆ ଜନସାଧାରଣଙ୍କ ଉପରେ ପୋଲିସର ଆକ୍ରମଣ ବିରୁଦ୍ଧରେ ଏହି ଗଣ ବିକ୍ଷୋଭ କରାଯାଇଛି । ଯାଜପୁରରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ସହ ସମସ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବୀ ହୋଇଛି । ସମାଜର ଦର୍ପଣ ଚତୁର୍ଥ ସ୍ତମ୍ଭର ପ୍ରତିନିଧି ମାନଙ୍କୁ ସୁରକ୍ଷା ଦିଆଯାଉ, ଢିଙ୍କିଆ ବଂଚାଅ ଜୀବନ ଜୀବିକା ବଂଚାଅ । ଢିଙ୍କିଆ ବାସୀଙ୍କ ଉପରେ କମ୍ପାନୀ ଗୁଣ୍ଡାରାଜ ଓ ନବୀନ ସରକାରଙ୍କ ପୋଲିସର ଦମନ ଲୀଳା ବନ୍ଦ କରିବାକୁ ସିପିଆଇ ଦାବୀ କରିଛି । ଏହି ଗଣ ବିକ୍ଷୋଭରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲା ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବ ଛାତ୍ର ଆବାହକ ସତ୍ୟବ୍ରତ ନନ୍ଦ, ଯୁବ ସଂଘ କର୍ମୀ ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୀବିକା ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ : ଚାଉଳ ପାଇଁ ନଦୀ ଡେଇଁ ଚାଲୁଛନ୍ତି ୬ କି.ମି.

ରାୟଗଡ଼ା ,୨୪/୨ (ନି.ପ୍ର): ଆନ୍ଧ୍ର ସୀମାନ୍ତରେ ବିକାଶ ଖୋଜୁଛି ଓଡ଼ିଶାର ଗାଁ କେରାଣ୍ଡି । ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ସମସ୍ତ ମେ ?ଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ନାନା ଅସୁବିଧାରେ ଦିନ କାଟୁଛନ୍ତି ଗ୍ରାମବାସୀ । ଗାଁକୁ ଯିବା ପାଇଁ ନା ଅଛି ଭଲ ରାସ୍ତା, ନା ଗାଁରେ ଅଛି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା । ଶିକ୍ଷା ବ୍ୟବସ୍ଥା କଥା ନ କହିବା ଭଲ । ବିଦ୍ୟାଳୟ ତ ଦୂରର କଥା ପ୍ରାଥମିକ ଶିକ୍ଷା ପାଇଁ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ମଧ ନାହିଁ । ଜୀବନ ଜୀବିକା ପାଇଁ ଗ୍ରାମବାସୀ ଆନ୍ଧ୍ର ଉପରେ ନିର୍ଭରଶୀଳ । ରାୟଗଡ଼ା ବ୍ଲକ୍ ହାଟଶେଷଖାଲ ପଞ୍ଚାୟତ ଅଧୀନରେ ରହିଛି କେରାଣ୍ଡି ଗାଁ । ପାହାଡ଼ ପାଦଦେଶ ଓ ନାଗାବଳୀ ନଦୀକୂଳରେ ଥିବା ଏହି ଗାଁରେ ବସବାସ କରୁଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପରେ ଆନ୍ଧ୍ର ବଜାରରେ ବିକ୍ରି କରି ଗ୍ରାମବାସୀ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି । ମୌଳିକ ସୁବିଧାସୁଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଛନ୍ତି । ହେଲେ ଗ୍ରାମବାସୀଙ୍କ ଦାବି ପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ଦୃଷ୍ଟି ପଡୁନି । ଫଳରେ ପାହାଡ଼ିଆ ଓ ମାଟି ରାସ୍ତା ଗ୍ରାମବାସୀଙ୍କ ଯାତାୟାତର ମାଧ୍ୟମ ପାଲଟିଛି । ବର୍ଷାଦିନରେ ନଦୀ ଫୁଲିଲେ ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି । ଗ୍ରାମରେ ବିଦ୍ୟାଳୟ ନଥିବାରୁ ନାଗାବଳୀ ନଦୀ ଡେଇଁ ୬ କିମି ଦୂରରେ ଥିବା ହାଟଶେଷଖାଲ ସ୍କୁଲକୁ ପିଲା ପାଠ ପଢ଼ିବାକୁ ଯାଉଛନ୍ତି । ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ନଥିବା ଯୋଗୁ ଗ୍ରାମର ଶିଶୁ ଓ ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରୁନି । ଭତ୍ତା ଓ ପିଡିଏସ୍ ସାମଗ୍ରୀ ପାଇଁ ହିତାଧିକାରୀ ଚାଲି ଚାଲି ହାଟଶେଷଖାଲ ପଞ୍ଚାୟତକୁ ଯାଉଛନ୍ତି । ଗାଁକୁ ନିତିଦିନିଆ ରାସ୍ତା ନଥିବାରୁ ଆମ୍ବୁଲାନସ୍ ଆସିପାରୁନି । ତେଣୁ ଗୁରୁତର ରୋଗୀ ଓ ଗର୍ଭବତୀଙ୍କୁ ୧୦ କିମି ବୋହି ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡୁଛି । ଗ୍ରାମରେ ନଳକୂପ କିମ୍ବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ନଥିବାରୁ ପାହାଡ଼ି ଝରଣା ଓ ନାଗାବଳୀ ନଦୀ ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି । ସରକାରଙ୍କ ସମସ୍ତ ମୌଳିକ ସୁବିଧା ସୁଯୋଗରୁ ଗ୍ରାମବାସୀ ବଞ୍ଚିତ ହେବା ସତ୍ତ୍ୱେ ଚଳିତ ପଞ୍ଚାୟତ ନିର୍ବାଚନରେ ମତଦାନ କରିଛନ୍ତି । ଗ୍ରାମରେ ବସବାସ କରୁଥିବା ୩୧ ପରିବାର ନିଜ ଅଧିକାର ସାବ୍ୟସ୍ତ ପାଇଁ ମତଦାନରେ ଅଂଶଗ୍ରହଣ କରି ପ୍ରାର୍ଥୀ ଚୟନ କରିଛନ୍ତି । ଗାଁରେ ବୁଥ୍ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଜଣେ ଗ୍ରାମବାସୀଙ୍କ ଘରେ ହୋଇଥିବା ବୁଥ୍‌ରେ ସମସ୍ତେ ମତଦାନ କରିଛନ୍ତି । ତେବେ ସ୍ୱାଧୀନତାର ୭୫ ବର୍ଷ ପରେ ବି ଗାଁକୁ ବିକାଶ ଅପହଞ୍ଚ ହୋଇ ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ।

# ବଲାଙ୍ଗିର ଜିଲ୍ଲାରେ ପଂଚାୟତ ନିର୍ବାଚନରେ ଭୋଟ ଗଣତି ପାଇଁ ଜିଲ୍ଲା ପ୍ରଶାସନର ବ୍ୟବସ୍ଥା

ବଲାଙ୍ଗିର ୨୩ ଫେବୃଆରୀ (ହି,ସ,) ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି ସଂପର୍କୀତ ସୂଚନା ଜାରି କରାଯାଇଛି । ପାଟଣାଗଡ ବ୍ଲକର ତିନୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ପାଟଣାଗଡ ଜବହାରଲାଲ କଲେଜରେ ଗଣତି ହେବ । ବେଲପଡା ବ୍ଲକର ନିନୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ବେଲପଡାର ବିଏନ୍ଆରଜିଏସ୍‌କେ ବିଲ୍‌ଡିଙ୍ଗ୍ ଠାରେ ଗଣତି ହେବାକୁ ସ୍ଥାନ ନିରୂପଣ ହୋଇଥିବା ବେଳେ ଖପ୍ରାଖୋଲ ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଖପ୍ରାଖୋଲ ସ୍ଥିତ ହରିଶଙ୍କର ଏଚ୍ଏସ୍ ସ୍କୁଲରେ ଗଣତି ହେବ । ସେହିପରି ଆଗଲପୁର ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଆଗଲପୁର ପଂଚାୟତ ସମିତି କନ୍‌ଫରେନ୍ସ ହଲ୍‌ରେ, ଲୋଇସିଂହା ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଲୋଇସିଂହା କଲେଜରେ, ପୁଇଁନ୍ତଲା ବ୍ଲକର ତିନୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ, ବଙ୍ଗୋମୁଣ୍ଡା ବ୍ଲକର ୨ଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ବଙ୍ଗୋମୁଣ୍ଡା ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ, ତୁରେକଲୋ ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ତୁରେକେଲା ଆରଜିପିଏସ୍ ଏଚ୍ଏସ୍ କଲେଜରେ, ମୁରିବାହାଲ ବ୍ଲକର ୩ଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ମୁରିବାହଲ ପଂଚାୟତ ସମିତି ବିଲ୍‌ଡିଙ୍ଗରେ, ବଲାଙ୍ଗିର ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ବଲାଙ୍ଗିର ଲର୍କିପାଲି ସ୍ଥିତ ସରକାରୀ ଆଇଟିଆଇ କଲେଜରେ, ଗୁଡେଭେଲା ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଗୁଡଭେଲା ବିଏନ୍ ଆରଜିଏସ୍‌କେ ବିଲ୍‌ଡିଙ୍ଗ୍‌ରେ, ଦେଓଗାଁ ବ୍ଲକର ଦୁଇଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଦେଓଗାଁ ପଂଚାୟତ ସମିତି କନ୍‌ଫରେନ୍ସ ହଲରେ, ସଇଁନ୍ତଲା ବ୍ଲକର ତିନୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ସଇଁନ୍ତଲା ପିଏସ୍ କଲେଜରେ ଓ ଟିଟିଲାଗଡର ତିନୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ଟିଟିଲାଗଡ ସ୍ୱୟଂସାଶିତ କଲେଜରେ ଭୋଟ ଗଣତି ପାଇଁ ସ୍ଥାନ ନିରୂପଣ କରାଯାଇଛି । ତେବେ ଭୋଟ ଗଣତି ଆସନ୍ତା ୨୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସ୍ଥାନ ଗୁଡ଼ିକରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ସକାଳ ୮ ଘଣ୍ଟାରୁ ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ମହାନଦୀ ପାଣି ବିଷାକ୍ତ

ବରଗଡ଼ ,୨୪/୨ (ନି.ପ୍ର): ଛତିଶଗଡ଼ ମହାନଦୀ ଉପର ମୁଣ୍ଡରେ ମାତ୍ରାଧିକ ବ୍ୟାରେଜ୍ ନିର୍ମାଣ ଏବଂ ମନମୁଖୀ ଜଳ ପରିଚାଳନା ଓଡ଼ିଶା ପାଇଁ ଚିନ୍ତା ବଢ଼ାଇ ଦେଇଛି । ଆଗକୁ ଓଡ଼ିଶା ଏକ ନୂଆ ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ମହାନଦୀ ମାତ୍ରାଧିକ ପ୍ରଦୂଷିତ ବୋଲି ପୂର୍ବରୁ ବିଭିନ୍ନ ଗବେଷଣାରୁ ତଥ୍ୟ ମିଳିଛି । ବିଶେଷକରି, ଶିଳ୍ପ ବର୍ଜ୍ୟ ଯୋଗୁଁ ବିଭିନ୍ନ ଜିଲ୍ଲାରେ ମହାନଦୀ ପାଣି ବ୍ୟବହାର ପାଇଁ ଅନୁପଯୋଗୀ ବୋଲି ଗବେଷକମାନେ ଚେତାଇ ଦେଇଛନ୍ତି । ଏବେ ମହାନଦୀ ପାଣିରେ ମାରାତ୍ମକ କୋଲିଫୋରମ୍ ଅଣୁଜୀବ ତୀବ୍ର ମାତ୍ରାରେ ବଢ଼ି ଚାଲିଥିବା ସଦ୍ୟ ଏକ ଗବେଷଣାତ୍ମକ ରିପୋର୍ଟରୁ ଜଣାପଡ଼ିଛି । ଅଣୁଜୀବ ଗବେଷିକା ଡ. ମୀରାମ୍ବିକା ମିଶ୍ର ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁସାରେ, ମହାନଦୀରେ ପୂର୍ବରୁ ଇବୋଲି ଅଣୁଜୀବ ଉପସ୍ଥିତି ରହିଛି । ଏହି ଅଣୁଜୀବ ଉପସ୍ଥିତିରେ ପାଣି ବ୍ୟବହାର କରିବା ଅତି ମାରାତ୍ମକ । ତେବେ ମହାନଦୀ ପାଣିରେ କୋଲିଫୋରମ୍ ଅଣୁଜୀବ ବଂଶ ବିସ୍ତାର କରିବା ଆହୁରି ଘାତକ ବୋଲି ଡ. ମିଶ୍ର ଦର୍ଶାଇଛନ୍ତି । କାରଣ ଏହି ଅଣୁଜୀବ ନିଜ ଶରୀରରେ ୪୮ଟି ଦୁର୍ଲଭ ଆଣ୍ଟିବାୟୋଟିକ୍ ସୃଷ୍ଟି କରିପାରୁଛି । ଫଳରେ ଏହାକୁ ନିପାତ କରିବାକୁ ସ୍ୱତନ୍ତ୍ର ଯୋଜନା କରିବା କଥା ।

# ସମ୍ବାଦିକ ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ଦାବିପତ୍ର

କୋରେଇ,୨୪/୨ (ନି.ପ୍ର): ଯାଜପୁର ଜିଲ୍ଲାର ବିଂଝାରପୁର ନିର୍ବାଚନ ମଣ୍ଡଳୀର ବାଛୋଳ ଅଂଚଳ ଠାରେ କର୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଉପରେ ହୋଇଥିବା ମରାଣାତ୍ମକ ଅକ୍ରମଣ ଘଟଣାକୁ ନେଇ କୋରେଇ ଅଂଚଳର ସମସ୍ତ କାର୍ଯ୍ୟରତ "ୱେବ୍ ମିଡ଼ିଆ" ସାମ୍ବାଦିକ'ଙ୍କ ପକ୍ଷରୁ ନିନ୍ଦା କରାଯାଇଛି । ଏହି ଘଟଣାରେ ଯେଉଁ ଅସାମାଜିକ ବ୍ୟକ୍ତିମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆଗାମି ଦିନରେ କର୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଯାଜପୁର ଜିଲ୍ଲାର "ୱେବ୍ ମିଡ଼ିଆ" ସାମ୍ବାଦିକ ମାନଙ୍କ ତରଫରୁ ଆରକ୍ଷୀ ଅଧିକ୍ଷକ'ଙ୍କ ନିକଟକୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ସରକାର ସାମ୍ବାଦିକ ସୁରକ୍ଷା ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଦାବି ହୋଇଛି । ଯାଜପୁର ୱେବ୍ ମିଡ଼ିଆ ସଂଗଠନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଭୂବନ ମୋହନ ମହାନ୍ତିଙ୍କ ନେତୃତ୍ୱରେ ପ୍ରମୋଦ କୁମାର ପାତ୍ର, ଦିପକ ରଂଜନ ପାଣିଗ୍ରାହୀ, ପଦ୍ମଲୋଚନ ନାୟକ, ବିନୟ କୁମାର ରାଉତ, ସନ୍ତୋଷ ରଥ, ପ୍ରହଲ୍ଲାଦ ଦେଓ, ତପନ ମିଶ୍ର ଓ ରବିନ୍ଦ୍ର କୁମାର ରାଉତ ପ୍ରମୁଖଙ୍କ ସମେତ ଏକାଧିକ ୱେବ୍ ମିଡ଼ିଆ ସାମ୍ବାଦିକ ମାନେ ଏକତ୍ରିତ ହୋଇ ସ୍ମାରକ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## କ'ଣ ସୂଚାଏ ସଡ଼କ ଗାର

ସଡ଼କ ସୁରକ୍ଷା, ଜୀବନ ରକ୍ଷା । ସରକାରଙ୍କ ପକ୍ଷରୁ ଦୁର୍ଘଯଣା ହାର କମ କରିବା ପାଇଁ ଅନେକ ସଚେତନ ବାର୍ତ୍ତା ଲୋକମାନଙ୍କୁ ଦିଆ ଯାଉଛି । ଦିଆଯାଇଥାଏ । ଗାଡ଼ି ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ନିମନ୍ତେ କେଉଁଠି ଉପହାର ଦେଇ ସଚେତନ କରାଯାଉଛି ତ କେଉଁଠି ଫାଇନ କଟାଯାଇ ଲୋକଙ୍କୁ ସଚେତନ କରାଯାଉଛି । ଏହାସତ୍ତ୍ୱେ ସୁଧୁରୁନି ଅବସ୍ଥା କି କମୁନି ବିପଦ । ପରିସ୍ଥିତି ଦିନକୁ ଦିନ ଭୟଙ୍କର ହୋଇଯାଇଛି । ଦୁର୍ଘଯଣାର ଶିକାର ହୋଇ ବହୁ ଜୀବନ ଅକାଳରେ ଝଡ଼ି ପଡୁଥିବାବେଳେ ଗୁରୁତରଙ୍କ ସଂଖ୍ୟା ମଧ ଦିନକୁ ଦିନ ବଢ଼ି ଚାଲିଛି । ସମଗ୍ର ଦେଶରେ ପୂର୍ବରୁ ରାସ୍ତା ଅବସ୍ଥା  କାର୍ଯ୍ୟ ଥିବା ଯୋଗୁ ଦୁର୍ଘଯଣା ଘଟୁଥିଲା । ଏବେ ୬ଲେନ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ ସତ୍ତ୍ୱେ ଏଥିରେ କୌଣସି ପରିବର୍ତ୍ତନ ହେଉ ନାହିଁ । ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ସମସ୍ତେ ଜଲଦିରେ ଥାନ୍ତି । ଯାହା ଫଳରେ ବିଭିନ୍ନ ଦୁର୍ଘଟଣା ଘଟୁଛି ।




ସରକାରଙ୍କ ଟ୍ରାଫିକ୍ ନିୟମ ବ୍ୟତୀତ ରାସ୍ତାରେ ବିଚିତ୍ର ଗାରର ରହସ୍ୟ ଆମଭିତରୁ ଅନେକ ଲୋକ ଜାଣି ନଥିବେ । ତେବେ ରାସ୍ତାରେ ଯେଉଁ ୩ ପ୍ରକାର ଗାର କାହିଁକି ଦିଆଯାଇଛି, ଏହାର କେଉଁ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି, ସେ ସମ୍ପର୍କରେ ଚାଲନ୍ତୁ ଜାଣିବା କିଛି ଅଜଣା କଥା ।



୧ ପ୍ରଥମତଃ ଜାତୀୟ ରାଜପଥ ମଝିରେ ଗୋଟିଏ ଗାର ପଡ଼ିଥାଏ, ଯେଉଁଥିରେ କି ମଝିରେ ମଝିରେ ଖାଲି ଥାଏ । ତେବେ ଏ ପ୍ରକାରର ଗାରର ଅର୍ଥ ହେଉଛି ସେହି ସ୍ଥାନରେ ଯାତ୍ରୀ ଅନ୍ୟ ଗାଡ଼ିଚାଳକଙ୍କୁ ଓଭରଟେକ୍ କରି ଆଗକୁ ଯାଇପାରିବେ ।

୨. ଜାତୀୟ ରାଜପଥରେ ଦୁଇଭାଗ କରି ଗୋଟିଏ ଗାର ପଡ଼ିଥାଏ, ଯେଉଁଥିରେ କୌଣସି ସ୍ଥାନରେ ମଝିରେ ଆଦୌ ଖାଲି ଯାଗା ନଥାଏ । ଏହି ପ୍ରକାର ଗାର ସୂଚାଏ ସେହି ସ୍ଥାନରେ ଯାତ୍ରୀ ଅନ୍ୟ ଗାଡ଼ି ଚାଳକଙ୍କୁ ଓରଟେକ୍ କରିବା ବିପଦଜନକ ।

୩. ସେହିପରି ଆଉ କେତେକ ସ୍ଥାନରେ ଦେଖାଯାଏ ଯେ, ରାଜପଥ ମଝିରେ ଗୋଟିଏ ଗାର ବଦଳରେ ସୁଇଟି ଗାର ପଡ଼ିଥାଏ । ଏହାର ରଙ୍ଗ ଧଳା ବଦଳରେ ହଳଦିଆ ଥାଏ । ଏହାର ଅର୍ଥ ବୁଝାଯାଏ ଯେ, ଉକ୍ତ ସ୍ଥାନରେ ଅନ୍ୟ ଗାଡ଼ିକୁ ଓଭରଟେକ୍ କରିବା ଅଧିକ ବିପଦଜନକ । ଅଧିକାଂଶ ସମୟରେ ଆମକୁ ରାସ୍ତାର ଏସବୁ ନିୟମ ଜଣା ନଥିବାରୁ ଦୁର୍ଘଟଣା ଘଟୁଛି । ତେଣୁ ଏହିସବୁ ନିୟମ ପାଳନ କରି ଯଦି ଆମେ ଯାତ୍ରା କରିବା ତେବେ ଦୁର୍ଘଟଣାରୁ ଆମେମାନେ ବର୍ତ୍ତି ପାରିବା ।

## କ୍ୟାନ୍ସର ମୁକ୍ତ କରିବ ଅଙ୍ଗୁର ମଞ୍ଜି



କିଛି ଔଷଧ ଗବେଷକମାନେ ଏକ ନୂତନ ଗବେଷଣା କରିଛନ୍ତି । ଯାହା ଦ୍ୱାରା କ୍ୟାନ୍ସର ପରି ମାରାତ୍ମକ ରୋଗକୁ ଘରୋଇ ଉପଚାର ଦ୍ୱାରା ଚିକିତ୍ସା କରାଯାଇପାରିବ । ପିକଟରେ କାଲିଫର୍ଣ୍ଣିଆ ୟୁନିଭରସିଟିର ମେଡିକାଲ ଫିଜିକ୍ସ ଏବଂ ସାଇକୋଲୋଜି ପ୍ରଫେସର ଡ. ହାର୍ଡିନ. ବି ଜୋନ୍ସଙ୍କ ମତରେ ଏବେ କ୍ୟାନ୍ସର ରୋଗୀଙ୍କୁ ଆଶ୍ୱସ୍ତ ଦେବ ଅଙ୍ଗୁର ମଞ୍ଜି । କ୍ୟାନ୍ସରେ ପିଡ଼ିତ ରୋଗୀଙ୍କ ଚିକିତ୍ସା ପାଇଁ ଟିଗୋ ଥେରାପି ଦିଆଯାଇଥାଏ । ଘରୋଇ ଓ ପ୍ରାକୃତିକ ରୂପରେ ପ୍ରସ୍ତୁତ ହୋଇଥିବା ଏହି ଔଷଧଟି କ୍ୟାନ୍ସର ପାଇଁ ଲାଭଦାୟକ । ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଙ୍ଗୁରରେ ଜଣାପଡ଼ିଛି ଯେ ଅଙ୍ଗୁର ମଞ୍ଜି ଅର୍ବି ହ୍ୟୁକେମିଲା କ୍ୟାନ୍ସର ଓ ଅନ୍ୟ ସଂକ୍ରମକ ରୋଗ ପାଇଁ ସକାରାତ୍ମକ ଭାବେ କାର୍ଯ୍ୟ କରିଥାଏ । ଅଙ୍ଗୁର ମଞ୍ଜି ମାତ୍ର ୮ଘଣ୍ଟାରେ ୭୬ପ୍ରତିଶତ ପର୍ଯ୍ୟନ୍ତ କ୍ୟାନ୍ସରକୁ ରୋକିବାରେ ସକ୍ଷମ ହୋଇଥାଏ । କ୍ୟାନ୍ସର ରିସର୍ଚ୍ଚଙ୍କ କହିବାନୁସାରେ ଅଙ୍ଗୁର ମଞ୍ଜିରୁ ମିଳୁଥିବା ଜେଏନକେ ପ୍ରୋଟିନ, କ୍ୟାନ୍ସରର କୋଶିକାକୁ ବିକିର୍ଣ କରିବାରେ ନିୟନ୍ତ୍ରର କରିଥାଏ । ଅଙ୍ଗୁର ରସ ବଦଳରେ ଅଙ୍ଗୁର ମଞ୍ଜିରେ ଚମତ୍କାର ଗୁଣ ଭରି ରହିଛି ଯାହା କ୍ୟାନ୍ସର ଜୀବାଣୁକୁ ସଂକ୍ରମର ହେବାକୁ ରୋକିଥାଏ ।

## କାନ୍ଦିଲେ ହେବ ସୌଭାଗ୍ୟ ପ୍ରାପ୍ତି



ବାହାଘର ପରେ ବାପଘରୁ  କନ୍ୟା ବିଦାୟ ନେବାବେଳେ କାନ୍ଦିଥାଏ । ଚୀନରେ ଏକ ଅଜବ ପରମ୍ପରା ରହିଛି । ବିବାହ ସମୟରେ କନ୍ଦାକଟା ନ ହେଲେ ବିବାହ ଅଧୁରା ରୁହେ ବୋଲି ସ୍ଥାନୀୟ ଅଧିବାସୀମାନେ ବିଶ୍ୱାସ କରନ୍ତି । ଚୀନର ତୁଜା ସମ୍ପ୍ରଦାୟରେ ବିବାହ ସମୟରେ କାନ୍ଦିବା ପରମ୍ପରା ରହିଛି । ଏହା କନ୍ୟା ପାଇଁ ଶୁଭ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । କନ୍ୟା ବିବାହର ଏକ ମାସ ପୂର୍ବରୁ ପ୍ରତ୍ୟେକ ଦିନ ଏକ ଘଣ୍ଟା ଲେଖାଏଁ କାନ୍ଦିଥାଏ । ଦଶଦିନ ପରେ କନ୍ୟାର ମା' ଏଥିରେ ସାମିଲ ହୋଇଥାନ୍ତି । ମା'ଙ୍କ ଦଶଦିନ ପରେ ଜେଜେମା' ଏଥିରେ ସାମିଲ ହୁଅନ୍ତି । ମାସ ଶେଷରେ ପରିବାର ସମସ୍ତ ମହିଳା ସଦସ୍ୟ ଏକାଠି କାନ୍ଦିଥାନ୍ତି । କାନ୍ଦିବା ଦ୍ୱାରା କନ୍ୟାକୁ ସୁଖ ଓ ସୋଭାଗ୍ୟ ପ୍ରାପ୍ତି ହୋଇଥାଏ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି । ମହିଳାମାନଙ୍କୁ ଅଲଗା ଅଲଗା ସ୍ୱରରେ କାନ୍ଦିବା ପାଇଁ କୁହାଯାଇଥାଏ ।

## ଦାନ୍ତ ରଗଡ଼ିବା ଅବସାଦର କାରଣ !



ଅବସାଦରେ ବିପଜ୍ଜନକ ତଥା ପ୍ରାଣଘାତକ ଦୁଷ୍ପ୍ରଭାବ ସମ୍ପର୍କରେ ତ ଆପଣ ଅଜଣା ନଥିବେ । କିନ୍ତୁ ଏହି ଅବସାଦ ଯେ ଦାନ୍ତକୁ ପ୍ରଭାବିତ କରେ, ସେ ସମ୍ପର୍କରେ ଅଧିକାଂଶ ଲୋକ ଅଜ୍ଞ ଥିବେ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସମ୍ପୂର୍ଣ୍ଣ ସତ । ଅନେକ ଲୋକଙ୍କର ଶୋଇବା ବେଳେ ଦାନ୍ତ ରଗଡ଼ିବା ଅଭ୍ୟାସ ଥାଏ । ଯଦି ଏଭଳି ସମସ୍ୟା ସବୁଦିନ ଦେଖାଦିଏ ତେବେ ତୁରନ୍ତ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। କାରଣ ବିଶେଷଜ୍ଞଙ୍କ ମତରେ ଦାନ୍ତ ରଗଡ଼ିବା ଏକ ଆନୁବଂଶିକ ରୋଗ । ଅନେକ ଲୋକଙ୍କୁ ଏହି ରୋଗ ସମ୍ପର୍କରେ ଜଣାନଥାଏ । କିନ୍ତୁ ଅବସାଦକୁ ଏହି ରୋଗର ଏକ ପ୍ରମୁଖ କାରଣ ବୋଲି କୁହାଯାଇଛି । ଦାନ୍ତ ରଗଡ଼ିବା ଶୁଣିଲେ ମନରେ ବିରକ୍ତି ଭାବ ପ୍ରକାଶ ପାଇଥାଏ । ଏହି ସମସ୍ୟା କ୍ରାନିଓଫେଶିଆଲ ନର୍ଭକୁ ପ୍ରଭାବିତ କରିଥାଏ । ଏହା ଏଭଳି ଏକ ଗତିବିଧି ଯାହା ମଣିଷର ଅବଚେତନା ଅବସ୍ଥାରେ ଘଟିଥାଲ । ତେଣୁ କାହାକୁ ଏ କଥା ଜଣାପଡ଼ିନଥାଏ । ଅଧିକାଂଶ ସ୍ଥିତିରେ ଏହା ଶୋଇବା ବେଳେ ହିଁ ହୋଇଥାଏ । ଏ ଘଟଣା କେହି ଆମକୁ କହିଲା ପରେ ଜଣାପଡ଼ିଥାଏ । ଏହାଦ୍ୱାରା ଦାନ୍ତର ବାହ୍ୟ ଅଂଶରେ ଥିବା ଏନାମଲ ହ୍ରାସ  ହୋଇ ଦାନ୍ତ ଭାଙ୍ଗିଯିବାର ଭୟ ବଢ଼ିଥାଏ । ସବୁଠୁ ବାହ୍ୟ ପରତ ଏବଂ କଠୋର ଅଂଶ ହେଉଛି ଏନାମଲଏ । ଏହା ଦାନ୍ତକୁ ବିଭିନ୍ନ ପ୍ରକାର କ୍ଷତିରୁ ରକ୍ଷାକରେ । କିନ୍ତୁ ବ୍ରୁକ୍ସିମ୍ସ ରୋଗରେ ପୀଡ଼ିତଙ୍କ ଠାରେ ଏନାମଲ ଅଂଶ ଶୀଘ୍ର କ୍ଷୟ ହେବାର ସମ୍ଭାବନା ଥାଏ । କାରଣ ଏହି ରୋଗରେ ପୀଡ଼ିତଙ୍କଠାରେ ଅବସାଦର ଲକ୍ଷଣ ଅଧିକ ଦେଖିବାକୁ ମିଳିଥାଏ । ଏଭଳି ସମସ୍ୟା କମ ବୟସର ପିଲାଙ୍କଠାରେ ମଧ ଦେଖା ଦେଇପାରେ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ, ଶୋଇବା ପୂର୍ବରୁ ଅବସାଦମୁକ୍ତ ହେବାକୁ ପ୍ରୟାସ କରନ୍ତୁ । ଅବସାଦ ହ୍ରାସ କରିବାକୁ ଚାହିଁଲେ କମ ଶବ୍ଦରେ ଗୀତ ଶୁଣିପାରିବେ ।

## ଯେଉଁଠି ମହିଳା ଚା' ଭଳି ପିଅନ୍ତି କୋବ୍ରା ରକ୍ତ



ସମସ୍ତଙ୍କଠୁ ଅଧିକ ସୁନ୍ଦର ଦିଶିବା ପ୍ରତିଟି ମହିଳାଙ୍କ ଆଶା । ଏଥିପାଇଁ ବିଭିନ୍ନ ପ୍ରକାରର ଦାମୀ ପ୍ରସାଧାନ ସାମଗ୍ରୀର ବ୍ୟବହାର କରିବାକୁ ପଛାନ୍ତି ନାହିଁ । କିନ୍ତୁ ଦୁନିଆରେ ଏମିତି ଏକ ଦେଶ ଅଛି, ଯେଉଁଠାର ମହିଳାମାନେ ସୁନ୍ଦର ଦେଖାଯିବାକୁ ପ୍ରସାଧାନ ସମାଗ୍ରୀ ପରିବର୍ତ୍ତେ ପିଇଥାନ୍ତି କୋବ୍ରା ରକ୍ତ । ଇଣ୍ଡୋନେସିଆର ରାଜଧାନୀ କାକର୍ତ୍ତାରେ ମହିଳାମାନେ ନିଜ ସୌନ୍ଦର୍ଯ୍ୟକୁ ଦୀର୍ଘଦିନ ପର୍ଯ୍ୟନ୍ତ ବଜାୟ ରଖିବାକୁ କୋବ୍ରା ରକ୍ତ ପିଇଥାନ୍ତି । ଏହାଛଡ଼ା ସେମାନେ କୋବ୍ରା ସାପର ରକ୍ତ ବିକ୍ରି କରି ବେଶ ଭଲ ରୋଜଗାର କରିଥାନ୍ତି । ଏଠାକାର ଲୋକମାନେ ଚା' ଦୋକାନରେ ଚା' କଫି ଭଳି କୋବ୍ରା ରକ୍ତକୁ କିଣି ପିଇଥାନ୍ତି । ସ୍ଥାନୀୟ ମାର୍କେଟରେ କୋବ୍ରା ରକ୍ତର ଚାହିବା ଏତେ ବେଶୀ ଯେ ଦୋକାନ ସାମ୍ନାରେ ଘଣ୍ଟାଘଣ୍ଟା ଧରି ଠିଆ ହୋଇଥାନ୍ତି । ଭିଡ଼କୁ ଦେଖି ଦୋକାନ ବଜାର ବି ବିଳମ୍ବିତ ସମୟ ପର୍ଯ୍ୟନ୍ତ ଖୋଲା ରହିଥାଏ । ଏଠାରେ ପୁରୁଷମାନେ ନିଜକୁ ବଳଶାଳୀ ରଖିବାକୁ କୋବ୍ରା ରକ୍ତ ପିଉଥିବା ବେଳେ ମହିଳାମାନେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହାକୁ ପିଇଥାନ୍ତି । ବିଶ୍ୱାସ ରହିଛି, କୋବ୍ରା ରକ୍ତ ପିଇବା ଦ୍ୱାରା  ସେମାନଙ୍କ ତ୍ୱଚାର ଚମକ ବୃଦ୍ଧି ହୋଇଥାଏ । ଯେଉଁ ଦେକାନରୁ ଏହି କୋବ୍ରା ରକ୍ତ ବିକ୍ରି କରାଯାଏ, ସେଠାକାର ଦୋକାନୀମାନେ ଗ୍ରାହକଙ୍କୁ ରକ୍ତ ପିଇବାର ଚାରି ଘଣ୍ଟା ପରେ ଚା' କିମ୍ବା କଫି ପିଇବାକୁ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା କୋବ୍ରା ରକ୍ତ ଶଣୀରରେ ଭଲ ଭାବେ କାମ କରିଥାଏ । ଗୋଟିଏ ଦିନରେ ପ୍ରାୟ ୧୦ଲକ୍ଷ ଟଙ୍କା ରୋଜଗାର କରନ୍ତି ଦୋକାନୀମାନେ ।

## ଭଲ ନିଦ ହ୍ରାସ କରିଥାଏ ଓଜନ



ଆଜିକାଲି ଅଧିକାଂଶ ମହିଳା ନିଜକୁ ଫିଟ୍ ରଖିବା ଉପରେ ଦେଉଛନ୍ତି ଜୋର । ବିଶେଷ କରି ମୋଟାପାର ଶିକାର ହୋଇଥିବା ମହିଳାମାନେ ନିୟମିତ ଜିମ ସହ ଡାଏଟ୍ କଣ୍ଟ୍ରୋଲ ମାଧ୍ୟମରେ ଓଜନ କମାଇବା ପାଇଁ ଜୋର ଦେଇଥାନ୍ତି । ହେଲେ ବିଶେଷଜ୍ଞଙ୍କ ମତ ହେଉଛି ଓଜନ କମାଇବାର ସବୁଠୁ ଭଲ ଉପାୟ ଘରେ ମହଜୁଦ ରହିଛି । ଆପଣ ଜିମ ଯାଆନ୍ତୁ, ବ୍ୟାୟାମ କରନ୍ତୁ, ଏଥିରେ କୌଣସି ଅସୁବିଧା ନାହିଁ । ତେବେ ଯଦି ଆପଣ ଘରେ ସଠିକ ଭାବେ ନିର୍ଦ୍ଦିଷ୍ଟ ସମୟ ଶୋଇପାରୁଛନ୍ତି ତେବେ ଏହା ଓଜନ ହ୍ରାସରେ ବଡ଼ ସହଯୋଗ କରିବ । ବିଶେଷଜ୍ଞମାନଙ୍କ ମତରେ କମ ସମୟ ଶୋଇବା ମେଦବହୁଳ ଏବଂ ଓଜନ ବୃଦ୍ଧି କରିଥାଏ । କମ ସମୟ ଶେଶଇବା ଦ୍ୱାରା ୮୯ ପ୍ରତିତ ପିଲାଙ୍କ କ୍ଷେତ୍ରରେ ଏବଂ ୫୫ ପ୍ରତିତ ଯୁବକ ଯୁବତୀଙ୍କ କ୍ଷେତ୍ରରେ ଓଜନ ବଢ଼ିବାର ସମ୍ଭାବନା ଥାଏ । ସଠିକ ସମୟ ନଶୋଇବା ଦ୍ୱାରା ଭୋକ ଲାଗିବା ମଧ ପ୍ରଭାବିତ ହୋଇଥାଏ । ୧ହଜାରରୁ ଅଧିକ ଲୋକଙ୍କୁ ନେଇ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଥିଲା ଯେ ଯେଉଁମାନେ ଦୈନିକ ସଠିକ ସମୟ ଶୋଇଥାନ୍ତି, ସେମାନଙ୍କ ମଧରେ ଓଜନ ବୃଦ୍ଧିର ସମ୍ଭାବନା କମ ରହିଥାଏ । ଭଲ ନିଦ୍ରା ଶରୀରର ଓଜନକୁ ନିୟନ୍ତ୍ରଣ କରିବା ସହ ଭୋକମାତ୍ରାକୁ ମଧ ସନ୍ତୁଳିତ ରଖିଥାଏ । ବିଶେଷଜ୍ଞ କବିତା ଦେବଗନଙ୍କ ସୂଚନା ଅନୁସାରେ ସଠିକ ନିଦ୍ରା ଶରୀରକୁ ଫିଟ୍ ରଖିଥାଏ । ତାଙ୍କ ମତରେ ରାତିରେ ଶୋଇବାର ଦୁଇଘଣ୍ଟା ପୂର୍ବରୁ ଅଳ୍ପମାତ୍ରାର ଖାଦ୍ୟ ଗ୍ରହଣ କରନ୍ତୁ । ଯଦି ଆପଣ ରାତି ୧୦ଟାରେ ଶୋଉଛନ୍ତି ତେବେ ୮ଟାରେ ନିଜର ରାତ୍ରଭୋଜନ ଶେଷ କରନ୍ତୁ । ସେହି ପରି ଦୈନିକ ରାତ୍ରଭୋଜନ ପରେ ଅତି କମରେ ୨୦ମିନିଟ ଚାଲନ୍ତୁ । ଯଦି ଆପଣ ବାହାରକୁ ଯିବାକୁ ରାତିରେ ଅସମର୍ଥ ତେବେ ଘରେ ମଧ ଚାଲିପାରିବେ । ସବୁବେଳେ ତୈଳାକ୍ତ ଖାଦ୍ୟ ଏବଂ ଜଙ୍କଫୁଡଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣଙ୍କୁ ସଠିକ ନିଦ ହେଉନାହିଁ ତେବେ କଦଳୀ ଖାଆନ୍ତୁ । ଯଦି ଆପଣଙ୍କୁ ସଠିକ ନିଦ ହେୁନାହିଁ ତେବେ କଦଳୀ ଖାଆନ୍ତୁ ନଚେତ ନିଦ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶରେ ବ୍ୟବହାର କରନ୍ତୁ । ବୟସ୍କଙ୍କ ପାଇଁ ଅତିକମରେ ଦୈନିକ ୬ଘଣ୍ଟା ଏବଂ ପିଲାଙ୍କ ପାଇଁ ୮ଘଣ୍ଟାରୁ ଅଧିକ ସମୟ ଶୋଇବା ଜରୁରୀ ।

## ପୁରୁଷଙ୍କ ଟ୍ରାଭେଲ୍ ବ୍ୟାଗ୍

ପୁରୁଷମାନେ ଦିନରେ ୧୭ମିନିଟ୍ ମେକଅପରେ ଅତିବାହିତ କରୁଥିବାବେଳେ ୨୦ ମିନିଟରେ ଥରେ ସେମାନେ ଭଲ ଦେଖାଯାଉଛନ୍ତି କି ନାହିଁ ତାହା ଚେକ୍ କରନ୍ତି । ପୁଅମାନେ ମାସରେ ଅନ୍ତତଃ ଥରେ ପ୍ରସାଧନ ସାମଗ୍ରୀ କିଣିଥାନ୍ତି । ୬୬% ପୁରୁଷ ସୁନ୍ଦର ଦେଖାଯିବା ପାଇଁ ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିବା କଥା ସ୍ୱୀକାର କରନ୍ତି । ବିଶ୍ୱର ୨୯% ପୁରୁଷ ବ୍ରାଣ୍ଡେଡ୍ ପୋଷାକ କିଣିଥାନ୍ତି ।

ସେଭର/ରେଜର
ସାମ୍ପୁ
ଟୁଥବ୍ରଶ୍
ସାୱାର ଜେଲ
ଆଫ୍ଟର ସେଭ
ସେଭିଂ କ୍ରିମ୍
ମଏଶ୍ଚରାଇଜର
ବଡି ୱାସ୍
ସ୍କର୍ବ
ହ୍ୱାଇଟନିଂ ଟୁଥ ପେଷ୍ଟ ।





## ପୂଜାଘର




ସବୁ ଘରେ ପୂଜା ବା ଠାକୁର ଘରର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଘରର ସମସ୍ତ କୋଠିରି  ପରିବାର ସଦସ୍ୟଙ୍କ ବ୍ୟବହାର ପାଇଁ  ନିର୍ମାଣ  କରାଯାଇ ଥାଏ । ମାତ୍ର ପୂଜାଘର ଏକମାତ୍ର କୋଠରି ଯାହା କେବଳ ଈଶ୍ୱରଙ୍କ ପାଇଁ  ସଂରକ୍ଷିତ, ତେଣୁ ଏହା ସାଧାରଣ ବ୍ୟବହାର ପାଇଁ ନୁହେଁ । ବାସ୍ତୁଶାସ୍ତ୍ର ଅନୁସାରେ ପୂଜା ଘର ଈଶାଣ କୋଣରେ ରହିବା ବିଧେୟ । ଏହା ଉପରେ ଶିଡ଼ି ଛାତ ରହିବା ଅନୁଚିତ । ଘର ଦୁଇ ବା ତାଠାରୁ ଅଧିକ ମହଲା ହୋଇଥିଲେ ଏହି କୋଠରିର ଛାତ ଉପରେ ଶୌଚାଳୟ କରନ୍ତୁ ନାହିଁ । ପୂଜାଘରର ବ୍ୟବହାର କମ ହୋଇଥାଏ । ସାଧାରଣତଃ ସକାଳ ଓ ସନ୍ଧ୍ୟା ବ୍ୟତୀତ ଅନ୍ୟ ସମୟରେ କମ ହୋଇଥାଏ । ସାଧାରଣତଃ ସକାଳ ଓ ସନ୍ଧ୍ୟା ବ୍ୟତୀତ ଅନ୍ୟ ସମୟରେ ପ୍ରାୟତଃ ବନ୍ଦ ରହିଥାଏ । ତା ସତ୍ତ୍ୱେ ଏହାର ସଫେଇ ଓ ପବିତ୍ରତା ପ୍ରତି ସତର୍କ ଦୃଷ୍ଟି ଦିଆଯାବା ଉଚିତ । ପୂଜା କଲାବେଳେ ଆପଣଙ୍କ ମୁହଁ ଉତ୍ତର ବା ପୂର୍ବ ଦିଗରେ ରହିଲେ ଭଲ । ତେଣୁ ସେଇ ଅନୁସାରେ, ଠାକୁରଙ୍କ ମୂର୍ତ୍ତି ବା ଫଟୋ ରଖନ୍ତୁ । ଏହି କୋଠରିରେ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ବିଜ୍ଞାପନଧର୍ମୀ କ୍ୟାଲେଣ୍ଡର, ଫଟୋ ବା ଚିତ୍ର ରଖନ୍ତୁ ନାହିଁ । ପ୍ରବେଶ କରିବା ପୂର୍ବରୁ ହାତ, ଗୋଡ଼ ଧୋଇ ପରିଷ୍କାର ପରିଚ୍ଛନ୍ନ ହୁଅନ୍ତୁ । ପୂଜା ପାଇଁ ଶାନ୍ତ, ସୌମ୍ୟ ମୁଖମଣ୍ଡଳଥିବା ଠାକୁରଙ୍କ ମୂର୍ତ୍ତି ବା ଫଟୋ ବାଛନ୍ତୁ । ହାତ ଆଶୀର୍ବାଦ ମୁଦ୍ରାରେ ଥିଲେ ଅତି ଉତ୍ତମ ଗୋଟିଏ ଠାକୁରଙ୍କ ଏକାଧିକ ମୂର୍ତ୍ତି ବା ଫଟୋ ପାଖାପାଖି ରଖନ୍ତୁ ନାହିଁ । ସେହିପରି ଭଙ୍ଗା ବା ଫାଟଥିବା ମୂର୍ତ୍ତି, ଚିରା ଫଟୋ ପୂଜା ଘରେ ରଖନ୍ତୁ  ନାହିଁ । ଠାକୁରଙ୍କୁ ଚଢ଼ାଇବା ପୂର୍ବରୁ ଫୁଲକୁ ପରିଷ୍କାର ପାଣିରେ ଧୋଇ ଦିଅନ୍ତୁ । ଠାକୁରଙ୍କ ପାଖରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦୀପ ଜଳାନ୍ତୁ । ପୂଜା କରୁଥିବା ସମୟରେ ଯଦି ଦୀପ ଲିଭିଯାଏ, ତା ହେଲେ ଦୀପ ଜଳାଇ ପୁଣିଥରେ ପୂଜା କରନ୍ତୁ । ଯେଉଁ ଆସନରେ ବସି ପୂଜା କରୁଛନ୍ତି, ତାକୁ ସବୁବେଳେ ପରିଷ୍କାର ରଖନ୍ତୁ ଏବଂ ବ୍ୟବହାର ପରେ ତାକୁ ଗୋଡ଼ରେ କୋଣକୁ ଠେଲି ନଦେଇ ହାତରେ ଚଉତି ଯଥାସ୍ଥାନରେ ରଖିବା ଅଭ୍ୟାସ କରନ୍ତୁ ।

## ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବଳ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ  ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବା । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ଭୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ ତୈଳ ମିଶାଇପାରିବେ । ଏହି ମିଶ୍ରଣକୁ ଗୋଟିଏ ସଫା ବୋତଲରେ ରଖି ଦୁଇ ସପ୍ତାହ ତ୍ୱଚାରେ ଲଗାନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କରୁଣ ପରିଣିତି...

ପୂର୍ବ ୟୁରୋପ ଏବେ ତପ୍ତଶଯ୍ୟା ପାଲଟି ଯାଇଛି । ରୁଷ ସୈନ୍ୟମାନେ ୟୁକ୍ରେନ୍ ଇଲାକା ଭିତରକୁ ପ୍ରବେଶ କରି ମାଲିକାନା ଜାହିର କରିବା ପରେ 'ନାଟୋ'ତାହାର ପ୍ରକୋପ ବଢାଇ ଦେଇଛି। ନାଟୋ'ର ମଥାମଣି ଆମେରିକା ପକ୍ଷରୁ ରୁଷ ବିରୋଧରେ କଡ଼ା କଟକଣା ଲଗାଯାଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିଙ୍କ ସାମରିକ କାର୍ଯ୍ୟାନୁଷ୍ଠାନକୁ ଅଧିକାଂଶ ଦେଶ ଏକତରଫା ଓ ଗ୍ରହଣଯୋଗ୍ୟ ନୁହେଁ ବୋଲି ଘୋଷଣା କରିବା ଭିତରେ ମିଳିତ ଜାତିସଂଘର ସର୍ବୋଚ୍ଚ ସଂସ୍ଥା ନିରାପତ୍ତା ପରିଷଦ ସଭ୍ୟମାନେ ମଧ ନାପସନ୍ଦ କରିଛନ୍ତି । ଆମେରିକାର ଅଧିକାଂଶ ମିତ୍ରଦେଶ କଡ଼ାଭାଷାରେ ପୁଟିଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି । ରୁଷ ଓ ୟୁକ୍ରେନ୍‌କୁ ସଂଯମ ରକ୍ଷା ପାଇଁ କରାଯାଇଥିବା ଭିତରେ ନିଜେ ମାର୍କିନ୍ ପରରାଷ୍ଟ୍ର ସଚିବ ଆଣ୍ଟୋନି ବିକେନ୍ ରୋକ୍ ଭାଷାରେ କହିଦେଲେଣିଯେ, ଏଭଳି ଅବସ୍ଥାରେ ରୁଷ ସହ ବୈଠକ ବସିବାର କିଛି ପ୍ରଶ୍ନ ଉଠୁନାହିଁ । ସେ ରୁଷ ବିଦେଶମନ୍ତ୍ରୀ ସର୍ଗେଇ ଲାଭରୋଭିଙ୍କ ସହ ପ୍ରସ୍ତାବିତ ବୈଠକ ବାତିଲ କରିଦେଇଛନ୍ତି । ରୁଷ ପକ୍ଷରୁ କେତେକ ଅଞ୍ଚଳକୁ ସ୍ୱାଧୀନ ଘୋଷଣା କରାଯିବାର ଅବ୍ୟବହିତ ପରେପରେ ଆମେରିକା ରୁଷୀୟ ବ୍ୟାଙ୍କମେତ ଆର୍ଥିକ ସଂସ୍ଥା ଉପରେ କଟକଣା ଲଗାଇଦେବା ବିଷୟ ଘୋଷଣା କରିଛି । କେବଳ ସେତିକି ନୁହେଁ, ନାଟୋସଭ୍ୟ ଦେଶକୁ ଅଧିକ ସୈନ୍ୟ ପଠାଇଦେଇଛି । ପାଶ୍ଚାତ୍ୟ ଦେଶଗୁଡ଼ିକରୁ ରୁଷ ପୂର୍ବ ଭଳି ଆର୍ଥିକ ପାଣ୍ଠି ଉଠାଇବା ଉପରେ ଯୁକ୍ତରାଷ୍ଟ୍ର ତାହାର କଟକଣା ଜାରି କରିବା ଫଳରେ ତାହାର ପ୍ରଭାବ କିଭଳି ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି । ବାଇଡେନ୍ ଉପୁଜିଥିବା ସଙ୍କଟର ସମାଧାନ ସକାଶେ କିଭଳି ତରିକା ଆପଣାଇବାକୁ ଯାଉଛନ୍ତି ତାହା ମଧ ଲକ୍ଷ୍ୟଣୀୟ । ଏହି କ୍ଷେତ୍ରୀୟ ଓ ବିଶ୍ୱସ୍ତରୀୟ ମହାସଙ୍କଟ ବହୁଗୁଣିତ ହେବା ପୂର୍ବରୁ ରୁଷଠାରୁ ଅଲଗା କରି ନିଜ ପଟକୁ ଆଣିପାରୁଛନ୍ତି, ତାହା ଦେଖିବାକୁ ସମସ୍ତଙ୍କ ଭିତରେ ଉତ୍କଣ୍ଠା ରହିଛି । ଦୁଇ ଦୁଇଟି ରକ୍ତକ୍ଷୟୀ ବିଶ୍ୱଯୁଦ୍ଧ ଦେଖିଥିବା ବିଶ୍ୱବାସୀ ଅଧିକ ବିପର୍ଯ୍ୟୟ ଦେଖିବାକୁ ଚାହାନ୍ତିନାହିଁ । ମାମଲା ପୂର୍ବତନ ସୋଭିଏତ ଅଙ୍ଗପ୍ରଜାତନ୍ତ୍ର ୟୁକ୍ରେନ୍‌କୁ ନାଟୋ ମେଣ୍ଟଭୁକ୍ତ କରାଯିବା ଉଦ୍ୟମରୁ ଅଙ୍କୁରିତ ହେଲା । ଏହାରି ପଛରେ ରହିଛି ସାମରିକ ଦୁରଭିଳାଷ । ୟୁକ୍ରେରେ ରୁଷ ନାଗରିକଙ୍କ ଉପସ୍ଥିତିକୁ ରାଷ୍ଟ୍ରପତି ପୁଟିନ ଏକ ଉପଲକ୍ଷ୍ୟ କରିଛନ୍ତି । ଯେଉଁ ଇଲାକା ଉପରେ ରୁଷସୈନ୍ୟମାନେ କବ୍‌ଜା କରିସାରିଲେଣି, ତାହା ରୁଷ ନାଗରିକ ଅଧୁଷିତ । ମାତ୍ର ସାମରିକ ବଳପ୍ରୟୋଗ ଜରିଆରେ ମାଲିକାନା ଜାହିର କରିବା ନୀତିକୁ କେହି ସହଜରେ ଗ୍ରହଣ କରି ନପାରନ୍ତି । କୂଟନୈତିକ ଉପାୟ ବଳରେ ଉତ୍ପନ୍ନ ସମସ୍ୟାର ସମାଧାନ ସୂତ୍ର ବାହାର କରିବା ସକାଶେ ପ୍ରୟାସର ଆପାତତଃ କିଛି ସୁଫଳ ମିଳିନପାରେ । ସମସ୍ତେ ଭଲରପେ ଜାଣନ୍ତି, ରକ୍ତକ୍ଷୟୀ ଯୁଦ୍ଧର ପରିଣତି କେତେ ବିଭୀଷିକାପୂର୍ଣ୍ଣ । ସମଗ୍ରବିଶ୍ୱ ଏହାର ଚାପ ଭୋଗିବାକୁ ବାଧ । ସ୍ୱାଭାବିକ୍ ଜୀବନଯାପନ କେବଳ ସ୍ୱପ୍ନ ହୋଇଯିବ ନାହିଁ, ଅର୍ଥନୀତିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସ୍ଥିତି ବିପର୍ଯ୍ୟୟମୁଖୀ ହେବ। ରୁଷ ବିରୋଧରେ କଟକଣାର ପ୍ରତିଫଳନ ସ୍ୱରୂପ ସର୍ବାଧିକ ତୈଳ ଉତ୍ପାଦନକାରୀ ରୁଷ ମଧ ବାହାରକୁ ଇନ୍ଧନ ରପ୍ତାନି କରିନପାରେ । ଏହାର ସିଧାସଳଖ ଦୁର୍ଭାଗ୍ୟ ପଡ଼ିବ ତୈଳବଜାର ଉପରେ । ଶକ୍ତିଠାରୁ ଅନ୍ୟ ବହୁ କ୍ଷେତ୍ରରେ ସଙ୍କଟ ଘନେଇ ଆସିବା ଫଳରେ ସାରା ବିଶ୍ୱବାସୀ ପ୍ରତ୍ୟକ୍ଷ କୁଫଳ ଭୋଗିବା ସାର । ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେଲେ ସମସ୍ତ ସାମଗ୍ରୀର ମୂଲ୍ୟବୃଦ୍ଧିକୁ କୌଣସି ଭାବେ ରୋକିହେବେ ନାହିଁ । ବିଶ୍ୱଯୁଦ୍ଧ ହେଉ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପ୍ରାନ୍ତୀୟ ସଂଘର୍ଷର କୁପରିଣତି ଭୋଗିଥିବା ଲୋକମାନେ କୌଣସି ପ୍ରକାରେ ଯୁଦ୍ଧକୁ ଏଡାଇ ଦିଆଯିବା ଚାହାନ୍ତି । ପୁଟିନ୍ ହୁଅନ୍ତୁ କି ବାଇଡେନ୍ ଓ ମୁରବୀ ବୋଲି ଦାବିକରୁଥିବା ନେତୃତ୍ ଯେମିତି ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତାହା ଅଭୂତପୂର୍ବ । ନିକଟ ଅତୀତରେ ବିଶ୍ୱ ଏପରି ବିଡ଼ମ୍ବନାର କେବେ ସମ୍ମୁଖୀନ ହୋଇନଥିଲା । ୟୁକ୍ରେକୁ ଆୟୁଧ କରି ନାଟୋ ଏଭଳି ଏକ ବିପର୍ଯ୍ୟୟକୁ ବିଶ୍ୱ ମୁଣ୍ଡଉପରେ ଲଦି ଦେବ, ତାହା କେହି ବିଶ୍ୱାସ କରିନଥିଲେ। ଏକଦା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆଗ ଧାଡ଼ିରେ ଥିବା ଭାରତ ଉଭୟ ନାଟୋ ଓ ରୁକୁ ଶାନ୍ତି..ଶାନ୍ତି.. କହି ସଂଯମ ରକ୍ଷା କରିବାକୁ ପରାମର୍ଶ ଦେଉଛି । ରୁଷ ଭାରତ ପାଇଁ ଏକ ମିତ୍ର ରାଷ୍ଟ୍ର, ଆମେରିକା ସହ ଭଲ ସମ୍ପର୍କ ରଖିଥିବା ଭାରତୀୟ ନେତୃତ୍ୱ ବାଇଡେଙ୍କୁ ବିରକ୍ତ କରିବା ଅବସ୍ଥାରେ ନାହିଁ । ଏଣୁ ମାରିଲେ ଗୋହତ୍ୟା, ତେଣୁ ମାରିଲେ ବ୍ରହ୍ମ ହତ୍ୟା ଭାରତର ୟୁକ୍ରେନ୍ ସଙ୍କଟ ସମ୍ପର୍କିତ ଆଭିମୁଖ୍ୟରେ ସମ୍ଭବତଃ ସେତେଟା ସ୍ପଷ୍ଟତା ରହୁ ନାହିଁ । ସାମ୍ପ୍ରତିକ ଜଟିଳତା ଅନେକ ବିପର୍ଯ୍ୟୟକୁ ଡାକି ଆଣିବା ଥୟ। ଏଭଳି କୌଣସି ଦେଶ ରହିବ ନାହିଁ ଯାହା ଉପରେ ୟୁକ୍ରେନ୍ ସଙ୍କଟର ନଗଦ ପ୍ରଭାବ ନରହିବ।

## ଗାଁ କଥା



ଭୁବନାନନ୍ଦ ତ୍ରିପାଠୀ

ଗାଁକୁ ଗଲେ ଗାଁ ଲୋକଙ୍କ ସହିତ ମିଶି ଦୁଃଖସୁଖ ହେବା ମୋର ପୁରୁଣା ଅଭ୍ୟାସ। ଏଥର ଗାଁରେ ଥିବାବେଳେ ପଞ୍ଚାୟତ ନିର୍ବାଚନର ଘମାଘୋଟ ପ୍ରଚ୍ଚର ଭିତରେ ଯେଉଁଆଡ଼େ ଯାଅ, ସବୁଠି ସେଇ ଗୋଟିଏ ବିଷୟ, ମୁଖ୍ୟ ଆଲୋଚନାର ପ୍ରସଙ୍ଗ, ସରପଞ୍ଚ କିଏ ହେବ। ସମିତି ସଭ୍ୟ ଗାଁ ପିଲା ହେବ କି ବାହାର ଗାଁର ପ୍ରାର୍ଥୀ ବାଜି ମାରିନେବ। ପ୍ରତି ୱାର୍ଡରେ ହାରାହାରି ୪୦୦ଜଣ ଭୋଟର ମାତ୍ର ଦୁଇଜଣ ଲେଖାଏଁ ପ୍ରାର୍ଥୀ, ଶେଷରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଭିତରୁ ପାଠପଢୁଆ ଜଣକ ଜିତିବେ, ନାଁ ପୁରୁଣା ରାଜନେତାଙ୍କ ପୁଅ ଆଗରେ ରହିବେ। ସେହି ପ୍ରଶ୍ନ ଗ୍ରାମବାସୀଙ୍କ ମୁହଁରେ ପ୍ରଶ୍ନବାଚୀ ହୋଇ ରହିଛି। ଏ ସଂପର୍କରେ ପ୍ରତ୍ୟେକ ବ୍ୟକ୍ତିର ନିଜମତ ରହିଛି ଏବଂ ତାହା କଥାକଥାରେ ବାହାରି ଆସୁଥାଏ। ତଥାପି ଫଳାଫଳ ପ୍ରକାଶ ପାଇବା ଯାଏଁ ସମସ୍ତଙ୍କୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ। କିନ୍ତୁ ଏହି ନିର୍ବାଚନ ଗାଁର ଏକତାକୁ ଧୂଳିସାତ୍ କରିଦେଇଛି। ବର୍ଷକ ତଳେ ଏଇ ଗାଁରେ ସମସ୍ତ (୧୦ଟି) ୱାର୍ଡର ପ୍ରତିନିଧି ଗ୍ରାମସଭାରେ ଏକତ୍ରିତ ହୋଇ ଗାଁ ଠାକୁରାଣୀଙ୍କ ପାଖରେ ଶପଥ ନେଇଥିଲେ, ଯେ ଗାଁର ସ୍ୱାର୍ଥରକ୍ଷା କରିବେ ଏବଂ ସମସ୍ତେ ଗାଁର ହିତ ପାଇଁ ମନଦେବେ। ସାହି ସାହି ଭିତରେ ଥିବା ଫାଟ ଦୂର ହେବ, ଘର ଘର ଭିତରେ ଥିବା ବିବାଦ ଦୂରହେବ। ଏଥିପାଇଁ ଗାଁର ସଭାପତି ଓ ସଂପାଦକଙ୍କୁ ମନୋନୀତ କରି ଗାଁର ସବୁ ହାନିଲାଭ ବୁଝିବା ପାଇଁ ସେମାନଙ୍କୁ ଦାୟୀତ୍ୱ ଦିଆଯାଇଥିଲା। ଅବଶ୍ୟ ସେତେବେଳେ ଅସବର୍ଣ୍ଣ ଶ୍ରେଣୀର କିଛି ଯୁବକ ଅନ୍ୟ କେତେଜଣ ସବର୍ଣ୍ଣ ଲୋକଙ୍କ ଉପରେ ଆକ୍ରମଣ କରି ଏବଂ ଓଲଟା ପୋଲିସ୍‌କେଶ୍ କରି ସବର୍ଣ୍ଣ ଗୋଷ୍ଠୀଙ୍କୁ ଏକତ୍ରିତ ହେବାର ସୁଯୋଗ ଆଣି ଦେଇଥିଲେ। ମାତ୍ର ନିର୍ବାଚନ ବିଗୁଲ ବାଜିବାକ୍ଷଣି ଗାଁର ନେତୃମଣ୍ଡଳୀ ପ୍ରାର୍ଥୀ ଚୟନରେ ଏକମତ ହୋଇପାରିଲେ ନାହିଁ। ବିଜେଡ଼ି ଓ ବିଜେପି ଏପରି ଦୁଇଗୋଷ୍ଠୀରେ ବିଭକ୍ତ ହୋଇ ଗ୍ରାମବାସୀ ପଞ୍ଚାୟତ ପାଇଁ ଦୁଇ ଦୁଇ ଜଣ ସରପଞ୍ଚ ପ୍ରାର୍ଥୀ ଏବଂ ଦୁଇ ଦୁଇ ଜଣ ସମିତି ସଦସ୍ୟଙ୍କୁ ନିର୍ବାଚନ ଲଢ଼େଇରେ ଠିଆ କରିଛନ୍ତି। ପରସ୍ପର ମଧ୍ୟରେ ସୁପରିଚିତ ଥିବା ଏଇ ଗାଁର ଦୁଇ ମହିଳା ଆଜି ସରପଞ୍ଚ ପଦ ପାଇଁ ଅଣ୍ଟା ଭିଡ଼ିଛନ୍ତି। ସେହିପରି ସମିତି ସଭ୍ୟ ପଦପାଇଁ ଜଣେ ପ୍ରାର୍ଥୀ ଏଇ ଗାଁର ଥିବାବେଳେ ଅନ୍ୟ ପ୍ରାର୍ଥୀଙ୍କୁ ପାଖ ଗାଁରୁ ଆମଦାନି କରି ଅଣାଯାଇଛି। କଥା ପ୍ରସଙ୍ଗରେ ଗାଁର ଜଣେ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ପଚ୍ଚରିବାରୁ ତାଙ୍କ ଉତ୍ତର ଥିଲା, ଆମ ଲୋକମାନେ ଖାଇବା ପିଇବାର ଲୋଭ ଛାଡ଼ିପାରିଲେ ନାହିଁ। ପରୋକ୍ଷରେ ସେ କହିଦେଲେ ଯେ ପ୍ରାର୍ଥୀମାନେ ଗ୍ରାମବାସୀଙ୍କ ପାଇଁ ବିଶେଷତଃ ଯୁବ କର୍ମୀମାନଙ୍କ ପାଇଁ ଭୋଜିଭାତର ଆୟୋଜନ କରି ଆପ୍ୟାୟିତ କରିବେ। ଏଥିପାଇଁ ମୋଟା ଧନ ରଖିଥିବା ମାଲିକମାନଙ୍କୁ ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ଉଦ୍ଦେଶ୍ୟ ହେଲା, ଭୋଟ ଯିଏ ପାଉଛି ପାଉ, ମାତ୍ର ଖାଇବା ପିଇବାର ମଉଛବ ଦିନ କେତେ ଚ୍ଚଲୁ। ସମସ୍ତଙ୍କ ମନ ଖୁସି ହୋଇଯାଉ।

ଦେଶରେ ପଞ୍ଚାୟତ ରାଜ ବ୍ୟବସ୍ଥା ଲାଗୁ କରିବାବେଳେ ତତ୍‌କାଳୀନ ରାଜନେତାମାନେ କ'ଣ ସବୁ ଚିନ୍ତା କରିଥିଲେ ଏବଂ ଏଇ ୫୦ବର୍ଷ ଭିତରେ ଗାଁ ଗାଁରେ କିପ୍ରକାର ନିର୍ବାଚନର ଦୃଶ୍ୟ ଦେଖିବାକୁ ମିଳୁଛି। ଆମ ଓଡ଼ିଶାରେ ଆଉ ଗୋଟିଏ ଅସୁବିଧା ରହିଛି। ଏଠି ୫୦% ପ୍ରାର୍ଥୀ ମହିଳା ହେବେ। ଦେଖିବାକୁ ଗଲେ ଯେଉଁ ମହିଳାମାନେ ପ୍ରାର୍ଥୀ ହେଉଛନ୍ତି, ସେମାନଙ୍କ ବାପା, ସ୍ୱାମୀ ଅବା ଭାଇମାନେ ନିର୍ବାଚିତ ପ୍ରତିନିଧିର ସବୁ ଦାୟିତ୍ୱ ବହନ କରୁଛନ୍ତି। କେଉଁଠି କେଉଁଠି "ସରପଞ୍ଚ ସ୍ୱାମୀ" ଏପରି ଏକ ନୂଆ ପଦବୀ ଶୁଣବାକୁ ମିଳୁଛି। ଏହି ପଦବୀର ଅର୍ଥ ହେଉଛି ମହିଳା ସରପଞ୍ଚଙ୍କ ସ୍ୱାମୀ। ଏପରି ପ୍ରକ୍ସ ବ୍ୟବସ୍ଥା ଲାଗୁହେବା ଫଳରେ ମହିଳାମାନେ କେତେଦୂର ସଶକ୍ତ ହେଉଛନ୍ତି ଏହା ଅନୁଧ୍ୟାନର ବିଷୟ। ପଞ୍ଚାୟତ ନିର୍ବାଚନର ସରଗରମ ବାତାବରଣ ଭିତରେ ଗାଁର ତିନି ଜଣ ମହିଳାଙ୍କର ପାରିବାରିକ ଦୁଃଖ ଶୁଣିବାକୁ ପାଇଲି। ସେହି ସବୁ ଘଟଣାକୁ ପାଠକମାନଙ୍କୁ ଜଣାଇବାକୁ ଇଚ୍ଛାକରୁଛି।

ପ୍ରଥମ ମହିଳା ଜଣକ ଗାଁ ହିସାବରେ ମୋର ମାଇଁ। ମାମୁଁ ନିକଟରେ ସ୍ୱର୍ଗବାସୀ ହୋଇଛନ୍ତି। ତାଙ୍କ ବଡ଼ ପୁଅ ମା'ର ଭାଗ ଜମିରୁ ଧାନ ଅମଳ କରିବା ପରେ ତା'ଘରୁ ଆଣେ ମାଇଁଙ୍କ ପିଣ୍ଡାରେ ଢ଼ାଳିଦେଇଗଲା। ମାଇଁଙ୍କୁ ଖାଲି ବସ୍ତା ଆଣି ଧାନତକ ତା'ଭିତରେ ଭର୍ତ୍ତି କରିବାକୁ ହେବ। ଥାକମାରି ଥୋଇବାକୁ ହେବ। ଜନ୍ମ କଲା ମା'କୁ ୫-୬ଟି ବସ୍ତା ଦେବାପାଇଁ ପୁଅର ମନହେଲା ନାହିଁ। କଥା ପ୍ରସଙ୍ଗରେ ଜାଣିବାକୁ ପାଇଲି ଯେ କିଛି ମାସ ତଳେ ମାମୁଁ ଅସୁସ୍ଥ ଥିବାବେଳେ ବଡ଼ପୁଅ ଘରେ ରହୁଥିଲେ ଏବଂ ତାଙ୍କ ସେବା ପାଇଁ ମାଇଁ ଯେବେ ବଡ଼ପୁଅ ଘରକୁ ଯାଉଥିଲେ ସେତେବେଳେ ତାଙ୍କ ପୁଅବୋହୂ ଠିକ୍ ସମୟରେ ନିଜର ଖାଇବା ପିଇବା କରୁଥିଲେ ଅଥଚ ମା'ଙ୍କୁ ପାଣି ଗ୍ଲାସେ ଦେବାକୁ ଚ୍ଚହିଁ ନଥିଲେ। ପାଖ ଦୋକାନରୁ ବିସ୍କୁଟ୍ ପ୍ୟାକେଟ୍‌ଟିଏ ଆଣି ସେ ନିଜର କ୍ଷୁଧା ନିବାରଣ କରିଥିଲେ। ମା' ପୁଅ ଭିତରେ ଥିବା ସଂପର୍କ ଏତେ ତିକ୍ତ କିନ୍ତୁ ହୋଇପାରେ, ଏହା ଶୁଣି ମୋ ଆଖିରେ ଲୁହ ଜକେଇ ଆସିଲା। ଏହି ଘଟଣା ଭିତରେ ଅବଶ୍ୟ ଅନ୍ୟ ଦିଗରୁ ଆଲୋକର କ୍ଷୁଦ୍ର ଧାରାଟିଏ ରହିଛି। ତା ହେଉଛି ବଡ଼ପୁଅର ପୁଅ ଓ ଝିଅ (ଯେଉଁମାନେ ବାହାରେ ରହନ୍ତି) ଗାଁକୁ ଆସିଲେ ଯେଜିମାକୁ ଦେଖାକରିବାକୁ ଆସନ୍ତି, ଭଲ ମନ୍ଦ ପଚ୍ଚରନ୍ତି। ସେହିପରି ତାଙ୍କର ମଝିଆଁ ପୁଅ ମା'ର ସମସ୍ତ କଥା ବୁଝିବାକୁ ସ୧ତ ଥିବାବେଳେ ଗାଁ ଛାଡ଼ି ପୁଅର ଚ୍ଚକିରୀ ଯାଗାକୁ ଯିବାପାଇଁ ମାଇଁଙ୍କର ଆଦୌ ଇଚ୍ଛା ନାହିଁ।

ଦ୍ୱିତୀୟ ମହିଳା ଜଣକ ବୟସ୍କା ମାତ୍ର କାମିକା। ତିନି ଜଣ ପୁଅ-ବୋହୂ ଓ ନାତି ନାତୁଣୀଙ୍କୁ ନେଇ ତାଙ୍କର ହସଖୁସିର ମଧ୍ୟବିତ୍ତ ପରିବାର। କେମିତି ଅଛ ରଘୁମା'! ବୋଲି ପଚ୍ଚରିବାରୁ ସେ ଦୁଃଖ ମନରେ କହିଲେ କ'ଣ ଆଉ କହିବି ନନା। ତମେ ତ ଜାଣିଥିବ ବଡ଼ ନାତୁଣୀଟା ଆମଘରେ କଳାକନା ବୁଲାଇ ଚ୍ଚଲିଗଲା। ବୁଝୁବୁଝୁ ଜାଣିଲି ଯେ ତାଙ୍କ ନାତୁଣୀ ଘରର ଇଚ୍ଛା ବିରୁଦ୍ଧରେ ଜଣେ ବନ୍ଧୁଘର ପିଲା (ସଂପର୍କରେ ତାର ମାମୁଁ ହେବ) ସହିତ ପଳାଇଯାଇଛି। ସେହି ପିଲାର ଭଲ ଘରଖଣ୍ଡେ ନାହିଁ, ଭଲ ରୋଜଗାର ନାହିଁ। ଅଥଚ ଏହି ଝିଅ ପାଇଁ ଯେଉଁଠି ବାହାଘର ଠିକ୍ ହୋଇଥିଲା ସେମାନେ ଏହି ପିଲାଘର ଠାରୁ ବହୁଗୁଣରେ ଉଚ୍ଚସ୍ତରର ଥିଲେ। ତାଙ୍କ ନାତୁଣୀ +୨ ଶ୍ରେଣୀରେ ପଢ଼ିବାବେଳେ ଅଜା ଘରେ ରହୁଥିଲା ଏବଂ ଏହି ସମୟରେ ଅଜାଘର ପଡ଼ିଶାରେ ଥିବା ଏହି ପିଲା ସହିତ ତା'ର ସାକ୍ଷାତ୍ ଏବଂ ଭଲପାଇବା ହୋଇଥିଲା। ଏବେ ତାଙ୍କ ନାତୁଣୀ ଯାଇ ସେ ପିଲାର ପିଉସୀ ଘରେ ରହୁଛି। ଆଗକୁ କଣ କରିବେ ସେମାନେ ଜାଣନ୍ତି ବୋଲି ବୁଢ଼ୀ ମନଦୁଃଖରେ କହିଲେ। ଆଜିକାଲି ପାଠପଢୁଆ ଝିଅମାନେ ନିଜ ଇଚ୍ଛାରେ ବିବାହ କରିବା ସାଧାରଣ ହୋଇଗଲାଣି ଏବଂ ଏଥିପାଇଁ ଆଇନର ସମର୍ଥନ ରହିଛି। ଏଣୁ ସାବାଳକ ପୁଅ-ଝିଅଙ୍କ ବିବାହ ପ୍ରସଙ୍ଗରେ ଗୁରୁଜନମାନେ ନିଜର ମତାମତ ଜଣାଇବେ ସିନା, ମତାମତକୁ ଗ୍ରହଣ କରିବା ନକରିବା ପୁଅ- ଝିଅଙ୍କ ଇଚ୍ଛା ଉପରେ ନିର୍ଭରକରେ। ସବୁ ଠିକ୍ ହୋଇଯିବ, ଧୈର୍ଯ୍ୟ ଧରନ୍ତୁ। ମୋର ସାନ୍ତ୍ୱନାବାଣୀ ତାଙ୍କ ମନକୁ କେତେ ଛୁଉଁଥିଲା, ମୁଁ ଜାଣିପାରୁ ନଥିଲି। ପ୍ରଥମ ଦୁଇ ଘଟଣା ଅପେକ୍ଷା ତୃତୀୟ ଘଟଣାଟି ମୋତେ ଅଧିକ ବିଚଳିତ କରିଥିଲା। ଆମ ସାହିର ଶିଶିର ରାଜମିସ୍ତ୍ରୀ କାମକରେ। ବୟସ ତାର ୪୦-୪୨ ବର୍ଷ ହେବ। ଦୁଃଖ ସୁଖରେ ଘର ଚଳାଏ। ଏହା ଭିତରେ ସେ ଗୋଟିଏ ଭଲକାମ କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇଛି। ତା' ସଢୁ ଓ ଦେଢ଼ଶାକୁ ଲାଗଲାଗ ମୃତ୍ୟୁମୁଖରେ ପଡ଼ିବା ପରେ ତାଙ୍କ ଝିଅକୁ ନିଜ ଘରକୁ ଆଣି ଶିଶିର ପାଳୁଛି। ତାର ବିବାହ ମଧ ଶିଶିର କରିବ। ମାତ୍ର ଗତ ଏକମାସ ହେବ, ଶିଶିର ରୋଗଗ୍ରସ୍ତ ହୋଇ ଡ଼ାକ୍ତରଖାନାରେ ପଡ଼ିଛି। ତା'ର କିଡ଼ନି ଖରାପ ହୋଇଯାଇଛି। ରୋଗ ଏତେ ଗୁରୁତର ହୋଇଛି ଯେ ତା'ର ବଞ୍ଚିବା ବିଷୟରେ ଡ଼ାକ୍ତରମାନେ ସନ୍ଦିହାନ ହୋଇପଡ଼ିଛନ୍ତି। ଜଣେ ଭଲ ପରିବାରକୁ ଏତେ ଭାଗୀ ଦୁଃଖ ମିଳିବା ପଛରେ ଭଗବାନଙ୍କର କ'ଣ ବିଚ୍ଚର ରହିଛି ସେ ଏକା ତାହା ଜାଣନ୍ତି। ଏଥର ଗାଁରେ ସାତଦିନର ରହଣିକାଳ ଭିତରେ ଶୁଣିଥିବା ଉପରୋକ୍ତ ଘଟଣାବଳୀ ମୋ ମନକୁ ଆଜି ପର୍ଯ୍ୟନ୍ତ ଆନ୍ଦୋଳିତ କରୁଛି।


୦୨, ଜ୍ୟୋତି ଏନ୍‌କ୍ଲେଭ
ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧


## ଲୋକନୃତ୍ୟ 'ରଣପା': ଏକ ଅନୁଶୀଳନ



ଡକ୍ଟର ମନୋରଞ୍ଜନ ବିଷୋୟୀ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

'ରଣପା' ନୃତ୍ୟର ଆଭୂଷଣ :

'ରଣପା' ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ । ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ । 'ରଣପା' ନୃତ୍ୟରେ ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା'ନ୍ତି । ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ । ଆଲୁମିନିୟମ୍ ତିଆରି କଙ୍କଣ ମଧ କଟିରେ ଧାରଣ କରାଯାଉଥାଏ । ଏହା ସହ କାଚମାଳି ବାହୁରେ ବାଜୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ ।

'ରଣପା' ନୃତ୍ୟର ବାଦ୍ୟଯନ୍ତ୍ର :

ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ । ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ । ପୁଣି ଚ୍ଚରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା -'ତତ୍ତବାଦ୍ୟ': ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତତ୍ତବାଦ୍ୟ କୁହାଯାଏ । ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡ଼ୁକି ଆଦି ଏହି ଶ୍ରେଣୀର ବାଦ୍ୟ । ଅନ୍ୟଏକ ବାଦ୍ୟ ହେଉଛି 'ସୁଷିର' ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ । ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ । ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ 'ଅବନଦ୍ଧ' ବାଦ୍ୟ କୁହାଯାଏ । ଢୋଲ, ଚ୍ଚଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ । ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା'କୁ 'ଘନବାଦ୍ୟ' କୁହାଯାଏ । ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ । କିନ୍ତୁ 'ରଣପା' ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଚ୍ଚଙ୍ଗୁ ଓ ଢୋଲ । ଏହା 'ଅବନଦ୍ଧ' ବାଦ୍ୟ ଶ୍ରେଣୀୟ । ବିଶେଷ କରି ଚ୍ଚଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ । ଚ୍ଚଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ । ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ । ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ । ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ । ଚ୍ଚରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ । ଏହାର ମଝି ଅଂଶ ଫମ୍ପା ଥାଏ । ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ । ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ । ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ । ଏହା 'ସୁଷିର' ବାଦ୍ୟ ଶ୍ରେଣୀୟ । ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ । ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ । ଏହାଛଡ଼ା କରତାଳ, ତୁମ୍ପା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ ।

'ରଣପା' ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ । ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ । ଚ୍ଚଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି । ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ । ତା'ପରେ ଚ୍ଚଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି । ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ । ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ । କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଭକ୍ତ ଚରଣଙ୍କ 'କଳାକଳେବର କହ୍ନାଇ' ପ୍ରାୟତଃ ଗାନ କରିଥା'ନ୍ତି । ଯେପରିକି -

''କୋଇଲି ଲକ୍ଷ୍ମୀବନ୍ତ
ଅଟେ ନାରାୟଣ ।
ଲଳିତରେ ନାମଦେଲେ
ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି ।
କୋଇଲି, ବୃନ୍ଦାବନ
ନ ଶୋଭଇ ମୋର ।
ବସ୍ଥା କିଏ ଚରାଇବ ଯମୁନାତୀର,
ଲୋ କୋଇଲି'' (କେଶବକୋଇଲି)

ଏବଂ ''କଳା କଳେବର
କହ୍ନାଇ ସଙ୍ଗେ ରୋହିଣୀ ସୁତ ।
କରନ୍ତି ମଥୁରା ବିଜୟ ଦାଣ୍ଡେ
ଦେଖ ସଙ୍ଗାତ ।୧।
ଖସିପଡ଼ୁଛି କି ଆକାଶୁ
ଏକି ଗଙ୍ଗା ଯମୁନା ।
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ
ନାଶ ଗଲା ପୂତନା ।୨।
ଗହନ କାନନ ବନରେ
ଘୋର ବରଷା କାଳ ।
ଗିରିବାମ କରେ ଧଇଲେ
ନନ୍ଦ ଯଶୋଦା -ବାଳ ।୩।
ଘରେ ନ ରହନ୍ତି ଗଉଡ଼େ
ବଡ଼ ଅଧମ ଜାତି ।
ଘେନି ବତ୍ସାବୃନ୍ଦ ସଙ୍ଗତେ
ବନେ ବୁଲନ୍ତି ନିତି ।୪।
(କଳାକଳେବର କହ୍ନାଇ)

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ । ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ । ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ ଏହି ନୃତ୍ୟ ପରିବେଷଣ କରାଯାଏ । ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ ଏହି ନୃତ୍ୟରେ ଦେଖିବାକୁ ମିଳେ । ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା । କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି ।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକ । ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ । ବର୍ତ୍ତମାନର 'ବିଶ୍ୱଗ୍ରାମ ପରିକଳ୍ପନା' ପ୍ରେକ୍ଷାପଟ୍ଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ରେ ୱେବ୍‌ସାଇଟ୍ ତିଆରି କରି ଏହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଏକାନ୍ତ ଆବଶ୍ୟକ। ଏତଦ୍‌ବ୍ୟତୀତ ଏହାର ଦୃଶ୍ୟଚିତ୍ର ଆଧୁନିକ କୌଶଳରେ ପ୍ରସ୍ତୁତ କରି ବଜାରରେ ପ୍ରସାରିତ କରିବା ଆବଶ୍ୟକ। ପୁଣି ଏହାର ବିଷୟବସ୍ତୁ ଏବଂ ପରିବେଷଣ କୌଶଳକୁ ମଧ ପାରମ୍ପରିକତା ସହ ଆଧୁନିକତାର ସ୍ପର୍ଶ ଦେଲେ ହିଁ, ଏହି ନୃତ୍ୟ କାଳବକ୍ଷରେ ଆପଣାର ସ୍ୱାକ୍ଷର ଅଧିକ ଉଜ୍ଜ୍ୱଳ କରି ଗଢ଼ିତୋଳିବ, ଏଥିରେ ସନ୍ଦେହ ନାହିଁ। (ସମାପ୍ତ)


ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୨୧୪୧୭୨୭







### ଫେରନ୍ତି ବାଟ

କିଶୋର ମହାନ୍ତି

ବାଟ କଣ ସିଧା ପଡ଼ିଛି ଯେ
ଏଣେ ଗୋଡ଼ ଥକି ପଡ଼ିଲାଣି
ରେ ବାଇମନ..
ଧିରେ ଧିରେ ତୁ ପାଦ ପକା,
ଜାଣିଥାରେ ତୁ
ଫେରିବାର ବାଟ କିନ୍ତୁ ଅଲଗା
ହିମାଳୟ ଚଢ଼,
ବଦ୍ରିକାରେ ପାପ ଧୋ
ବନସ୍ତ ଭିତରେ ଥାଆ
ଭିନ୍ନ ବାଟ... ଭିନ୍ନ ଦୃଷ୍ଟିଭଙ୍ଗୀ ।
ସେ ସବୁ ଫେରିବାର ବାଟ
ନିର୍ଦ୍ଦିଷ୍ଟ ବାଟ ଚିହ୍ନା ଲାଗେ
ଘରର ଦୁଆର ବଂଧ ଆଡ଼କୁ
ପ୍ରବେଶ ଆଉ ପ୍ରସ୍ଥାନ ।
ଏଣେ ଫେରିବାର ବାଟକୁ
ଚାହିଁଥାଏ ହାଟୁଆ
ଖୋଜୁଥାଏ ତା ଫେରିବାର ବାଟ
କେତେବେଳେ ବାଟ ଖୋଲିଗଲେ
ଥୋକେ ପଦଯାତ୍ରୀ ଚାଲନ୍ତି
ଫେରିବାର ବାଟରେ ପାଦ ଚିହ୍ନ
ଆଙ୍କି ହୋଇଯାଇଥାଏ
ହେଲେ ଆସିବାର ପାଦଚିହ୍ନ ନଥାଏ
ସେ ଏମିତି ବାଟ
ମନେ ପଡ଼େ ମହାର୍ଘ ବୁଜୁଳାଟିଏ କାନ୍ଧରୁ
ଓହ୍ଲାଇ ସେ ଛାଡ଼ି ଆସେ, ଶୂନ୍ୟରେ
ମିଳେଇ ଯାଏ ସେ ।
ଅଣଚାଶ ପବନ ବହେ
ଜାଉଁଳି କବାଟ ପଡ଼ିଯାଏ ଅଚାନକ
ତୀର୍ଥଯାତ୍ରା ପରି ଲାଗୁଥାଏ ଯେମିତି
ଜୀବନର ସବୁ ନିଷ୍ଠୁର ସତ୍ୟର ବାଟ
ଖୋଲୁଥାଏ
ମଣିଷର ଶେଷଯାତ୍ରାର ବାଟ ।

ମୋ: ୯୪୩୭୭୨୮୪୭୫

### ଗଜ ଗାମିନୀ ଗୋ

ପ୍ରସେନଜିତ୍ ସେଠୀ



ମୁଁ ଯେବେ ଯାଉଥିଲି ଏକାକୀ କେଉଁ ଏକ ନିର୍ଜନ ରାସ୍ତାରେ
ଉତ୍ତପ୍ତ ତପନ ପୁଣି ପ୍ରଖର ଝାଞ୍ଜି ବହୁଥିଲା ସମୀରେ।
ସେ ଝାଞ୍ଜିର ପ୍ରଖରତା ଦୁର୍ବିସହ ହେଉଥିଲା ଧିରେ ଧିରେ
ଜୀଇଁବାର ଆଶା କ୍ଷୀଣ ହେଉଥିଲା ମୋର ଅବଶ ଶରୀରେ,

ମରୁଭୂମି ପରେ ମରୁଦ୍ୟାନ ସମ ଖୋଜୁଥିଲି କିଛି ଗୋଟେ
ସଞ୍ଜୀବନୀ ସାଜି ତୁମେ ଆଗେ ଉଭା ହେଲ ସେ ନିର୍ଜନ ପଥେ।
ତୁମ ଦର୍ଶନରେ ସେହି ବୈଶାଖର ଝାଞ୍ଜି ହେଲା ଅନ୍ତର୍ଦ୍ଧାନ,
ସାଥେ ତୁମ ସୋନ୍ଦର୍ଯ୍ୟର ରସେ, ବିମୋହିତ ହେଲା ମୋର ମନ।

ରକ୍ତଜବା ଓଠେ ମୋତି ଦନ୍ତ ହସ ସ୍ୱର୍ଗର ରୂପସୀ ସତେ
ଆଗୋ ରୂପବତୀ ତୁମ ଚନ୍ଦ୍ରମୁଖେ କିମିଆ କରିଲ ମୋତେ।
ମଳା ପିଣ୍ଡରେ ମୋ ପ୍ରାଣ ଭରି ସିନା କୁଆଡ଼େ ଉଭାନ ହେଲ
ତୁମ ସୋନ୍ଦର୍ଯ୍ୟରେ ମତିଭ୍ରମ ହେଲି ପ୍ରେମରେ ପାଗଳ କଲ।

ଗଜ ଗାମିନୀ ଗୋ ତୁମକୁ ଝୁରଇ ସପନର ରଙ୍ଗପୁରେ
ପ୍ରତୀକ୍ଷାର ଅନ୍ତ କରି ଫେରିଆସ ଶୁଷ୍କ ଏହି ପ୍ରାଙ୍ଗଣରେ।

ବାଲିଆ, ଗୋପୀନାଥପୁର, ଜଗତସିଂହପୁର
(ମୋ) ୮୦୧୮୪୦୪୯୭୨

### ଗୋଲାପ ଶେଯ

ମହମ୍ମଦ ହନିଫ୍ ସାହା



ସୁନା ବୋଳା ଦେହ ପରିକା ପ୍ରିୟା ର
ଦେଖିଲା ଯେବେ ମୋ ଆଖି
ହୃଦୟେ ଖୁସିର ଅମାନିଆ ଢେଉ
ମନ ମୋର ଗଲା ଲାଖି ।

ଆଖି ନୁହେଁ ତା'ର ଯୋଡ଼େ ନୀଳ ନଈ
ରାଜହଂସୀ ଧିର ଚାଲି
ଗଜରା ଗଭା ଦିଶେ ଯେ ମନୋହର
ଓଠ ପୁଣି କଇଁ ନାଲି ।

ଗୋରା ପାଦେ ତା' ସରୁ ନାଲି ଅଳତା
ଶୋଭେ ହସ୍ତେ ସୁନା ଚୁଡ଼ି
ପ୍ରିୟା ନଗରୀକୁ ଯେବେଠୁ ଆସିଛି
ତା' ପ୍ରେମରେ ଗଲି ପଡ଼ି ।

ହସିଲେ ମୋ ପ୍ରିୟା ବରଷଇ ମହୁ
ଅତର ବାସେ ପବନ
ଦୁଃଖ କଷ୍ଟ ସବୁ ପାଶୋରୀ ଯାଆନ୍ତି
ଆହ୍ଲାଦିତ ହୁଏ ମନ ।

ଦୂର ଆକାଶ, ସାତ ମେଘ ମିଶ୍ରିତ
ଗାଆନ୍ତି ପ୍ରିୟାର ଗୀତ
ଖିଲି ଖିଲି ହସୁଥାନ୍ତି ତାରା ମାନେ
ଯେବେ ଧରେ ପ୍ରିୟା ହାତ ।

ଛୁଇଁଦେଲେ ତାକୁ ଅସ୍ଥିର ହୁଅଇ
ଓଠେ ଜୁଡୁବୁଡୁ ଲାଜ
ଦରିଆ ସେ ପାରି ଆଣିଛି ତା'ପାଇଁ
ସଜେଇ ଗୋଲାପ ଶେଯ ।

ନୂଆଗାଁ, ଧାମନଗର,ଭଦ୍ରକ
ମୋ :୮୦୯୩୪୦୬୭୯୬
୯୭୭୬୦୯୦୮୨୪

### ବିଶ୍ୱ ବିଖ୍ୟାତ ଯୋରନ୍ଦା ମେଳା

ବିନୟ କୁମାର ସାମଲ



ଜଗତ ପ୍ରସିଦ୍ଧ ଯୋରନ୍ଦା ମେଳା
ଲାଗିଛି ମହିମା ଧର୍ମର ଲୀଳା।
ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଗ୍ରାମ
ମହିମା ସ୍ୱାମୀଙ୍କ ଗୁପତ ଧାମ।
ଏଇ ଧାମେ ସ୍ୱାମୀ ବ୍ରହ୍ମରେ ଲୀନ
ତାଙ୍କ ମହିମାରୁ ପୁଣ୍ୟ ଏ ସ୍ଥାନ।
ଅଲେଖ ମହିମା ଧର୍ମେ ବିଶ୍ୱାସୀ
ସାରା ଭାରତର ସାଧୁ ସନ୍ନ୍ୟାସୀ।
ସ୍ୱାମୀକୁ ସୁମରି ଭକ୍ତଙ୍କ ମେଳ
ଏଇ ସନ୍ଥ ଭୂମି ପବିତ୍ର ସ୍ଥଳ ।
ତିନିଦିନ ଲାଗି ରହଇ ମେଳା
ବିଶ୍ୱ କଲ୍ୟାଣର ପ୍ରାଥନା ବେଳା।
ଶାନ୍ତିର ବାରତା ବିତରି ଯାଏ
ଭକ୍ତ ମାନସିକ ପୂରଣ ହୁଏ।
ମାନସିକ ପୂର୍ଣ୍ଣ ପରେ ମୁଣ୍ଡନ
ଭକତ କରନ୍ତି ଜ୍ୟୋତି ଦର୍ଶନ।
ଚାରିଦ୍ୱାରେ ଝାଡ଼ ଦିପର ବହ୍ନି
ଜଳୁଛି ଅଲେଖ ଅଖଣ୍ଡ ଧ୍ୱନୀ।
ସିଂହଦ୍ୱାର ଠାରୁ ଶୂନ୍ୟ ମନ୍ଦିର
ତା'ସଂଗରେ ଧ୍ୱନୀ, ଗାଦି ମନ୍ଦିର।
କାରୁକାର୍ଯ୍ୟ ପୂର୍ଣ୍ଣ ମହିମା ମୟ
ଶୂନ୍ୟ ବ୍ରହ୍ମରେ ଭକତର ଲୟ ।
ମହିମା ଧର୍ମର ଶ୍ରଦ୍ଧାଳୁ ଯେତେ
ନିରଞ୍ଜନେ ଲୟ ପ୍ରାଣୀଙ୍କ ହିତେ।
ସରଳ ଜୀବନ ବାସ କୌପୀନ
ଭିକ୍ଷା କରି ବଞ୍ଚିଥାନ୍ତି ଜୀବନ।
ସତ୍ୟ ଶାନ୍ତି ଦୟା ପ୍ରେମ ଆଚର
ଏଇ ମେଳା ବିଶ୍ୱେ କରେ ପ୍ରଚାର।

ବେଡାପଡ଼ା, ଢେଙ୍କାନାଳ
(ମୋ)୯୩୩୭୨୪୯୦୬୮






# ବିବାହ କରିବେ ନ୍ୟାଶନାଲ୍ କ୍ରଶ୍ ରଶ୍ମିକା




ଜାତୀୟ କ୍ରଶ୍ ଭାବେ ପରିଚିତ ରଶ୍ମିକା ମନ୍ଦାନାଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା। ଏବେ ରଶ୍ମିକା ଓ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରୀର ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କ ସର୍ମ୍ପକକୁ ନେଇ ଜାତୀୟ ଗଣମାଧ୍ୟମରେ ବଡ଼ ଖବର ସାମ୍ନାକୁ ଆସିଛି। ଖବର ଆସିଛି ଯେ ଦୁହେଁ ଚଳିତ ବର୍ଷ ପରସ୍ପରକୁ ବିବାହ କରିବାକୁ ଯାଉଛନ୍ତି। ହେଲେ ଏ ଖବରରେ କେତେ ସତ୍ୟତା ରହିଛି, ତାହା ଦୁହେଁ କହିପାରିବେ।

ରଶ୍ମିକା ଓ ବିଜୟ ଦେବରକୋଣ୍ଡାଙ୍କ ମଧ୍ୟରେ ରିଲେସନଶିପ୍ ଥିବା ନେଇ ଚର୍ଚ୍ଚା ଦୀର୍ଘ ଦିନ ଧରି ହୋଇଆସୁଛି। ଦୁହିଁଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମଧ୍ୟ ମିଳେ। ଏହାବ୍ୟତୀତ ଦୁହେଁ ଛୁଟି ମନାଇବାକୁ ମଧ୍ୟ ଏକାଠି ଯାଆନ୍ତି। ହେଲେ ରଶ୍ମିକା ଓ ବିଜୟ କେବେବି ଏସବୁ ଖବରକୁ ନେଇ ପ୍ରତିକ୍ରିୟା ଦେଇନାହାନ୍ତି। ଏବେ ଦୁହିଁଙ୍କ ବିବାହ ଖବର ସାମ୍ନାକୁ ଆସିବା ପରେ ଫ୍ୟାନଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। କିନ୍ତୁ ଦୁହେଁ ଏ ସମ୍ବନ୍ଧରେ କିଛି ବି କହିନାହାନ୍ତି।

ବକ୍ସ ଅଫିସରେ 'ପୁଷ୍ପା' ଫିଲ୍ମ ଧମାଲ୍ କରିବା ପରେ ରଶ୍ମିକା ଏକ ସାକ୍ଷାତକାରରେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ କିଛି କହିଥିଲେ। ସେ ମଧ୍ୟ ବିଜୟଙ୍କ ସହ ବିବାହ ଖବରକୁ ନେଇ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ରଶ୍ମିକା କହିଛନ୍ତି ଯେ ସେ ବିବାହ କଥା ଚିନ୍ତା କରୁନାହାନ୍ତି। ବିବାହ କରିବାକୁ ଏବେ ତାଙ୍କର ବୟସ ହୋଇନାହିଁ। ଆଉ ଏମିତି କହି ରଶ୍ମିକା ବିବାହ କଥାକୁ ଟାଳି ଦେଇଥିଲେ। କିନ୍ତୁ ମିଡିଆ ରିପୋର୍ଟ ମୁତାବକ, ରଶ୍ମିକା ଓ ବିଜୟ ମୁମ୍ବାଇ ଶିଫ୍ଟ ହୋଇସାରିଛନ୍ତି। ଉଭୟ ରଶ୍ମିକା ଓ ବିଜୟ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଆଉ ଏହି କାରଣରୁ ଦୁହେଁ ମୁମ୍ବାଇ ସ୍ଥାନାନ୍ତର ହୋଇଛନ୍ତି। ରଶ୍ମିକା 'ମିଶନ୍ ମଜନୁ' ଫିଲ୍ମ ଜରିଆରେ ବଲିଉଡରେ ଡେବ୍ୟୁ କରିବେ। ସେହିପରି ବିଜୟ 'ଲାଇଗର୍' ଜରିଆରେ ବଲିଉଡରେ ଏଣ୍ଟ୍ରୀ ମାରିବେ। ବିଜୟ ଓ ରଶ୍ମିକା ଗୋଆରେ ଏକାଠି ନୂଆ ବର୍ଷ ସେଲିବ୍ରେସନ୍ କରିଥିଲେ, ଯେଉଁଠାରେ ଦୁହେଁ ଖୁବ୍ ଏନଜୟ କରିଥିବା ଦେଖିବାକୁ ମିଳିଥିଲା।

# ସଲମାନଙ୍କୁ ପ୍ରଶଂସା କଲେ ଦୀପିକା



ଏବେ ଦୀପିକା ପାଦୁକୋନଙ୍କୁ ନୂଆ ଚଳଚ୍ଚିତ୍ର 'ଗେହରିୟାଁ'ରେ ଦେଖିବାକୁ ମିଳୁଛି। ଏଥିରେ ତାଙ୍କର ଗୁରତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ସାକ୍ଷାତକାରରେ ଦୀପିକା କହିଛନ୍ତି, କ୍ୟାରିୟରରେ ପ୍ରଥମ ଥର ପାଇଁ ତାଙ୍କୁ ସଲମାନ୍ ଖାନ୍ ଏହି ଫିଲ୍ମରେ ଅଭିନୟ ପାଇଁ ଅଫର୍ ଦେଇଛନ୍ତି। 'ଗେହରାଇୟାଁ' ଚଳଚ୍ଚିତ୍ର ସମ୍ପର୍କରେ ପ୍ରଶ୍ନ ହେବାରୁ ଦୀପିକା କହିଛନ୍ତି ସଲମାନ୍ ଓ ମୋ' ଭିତରେ ସବୁବେଳେ ସୁସମ୍ପର୍କ ରହିଆସିଛି। ହେଲେ ତାଙ୍କ ସିନେମାରେ କାମ କରିବାର ସୁଯୋଗ ଏପର୍ଯ୍ୟନ୍ତ ମିଳି ନ ଥିଲା। ସେ ମୋତେ ପ୍ରଥମ ଥର ପାଇଁ ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି। ମୁଁ ମଡେଲିଂରୁ ଅଭିନୟ କ୍ଷେତ୍ରକୁ ଆସିଛି ସତ, ଅନ୍ୟମାନେ ମୋ ଅଭିନୟ ପ୍ରତିଭାକୁ ପ୍ରୋତ୍ସାହିତ କରିଥିଲେ ମଧ୍ୟ ବଲିଉଡ୍‌ର ସୁପର ହିରୋ ସଲମାନ୍ ଆଜି ପର୍ଯ୍ୟନ୍ତ ମୋ' ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ମୋତେ ଲାଗୁଛି ସଲମାନ୍ ବୋଧେ 'ପଦ୍ମାବତ' ଦେଖିବା ପରେ ମୋ ଅଭିନୟକୁ ପରଖିଛନ୍ତି। 'ଓମ୍ ଶାନ୍ତି ଓମ୍'ରୁ ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିବା ଦୀପିକା ପ୍ରଥମେ ସୁପରହିରୋ ଶାହରୁଖଙ୍କ ବିପକ୍ଷର ନାୟିକା ସାଜିଥିଲେ। ଅନେକ ସୁପରହିଟ୍ ସିନେମାର ନାୟିକା ସାଜିବା ପରେ ଏବେ ପୁଣି ଦୀପିକାଙ୍କୁ 'ପଠାନ୍' ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

# ଜେଲ୍ ଭିତରେ ପୁନମ୍ ପାଣ୍ଡେ




ଜେଲ୍ ଭିତରେ ଅଭିନେତ୍ରୀ ପୁନମ ପାଣ୍ଡେ। ସେ ଅଭିନେତ୍ରୀରୁ ପାଲଟିଲେ କଏଦୀ। ତାଙ୍କୁ କରାଗଲା ବନ୍ଦି। ନିଜ ବିବାହ ଠାରୁ ଆରମ୍ଭ କରି ହନିମୁନରେ ସ୍ୱାମୀଙ୍କ ମାରପିଟ୍ ଓ ପରେ ତାଙ୍କୁ ଜେଲ୍ ପଠାଇବାକୁ ନେଇ ଚର୍ଚ୍ଚାରେ ରହିଥିବା ପୁନମ୍ ଏବେ 'ଲକ୍ ଅପ୍'ରେ ବନ୍ଦି ହୋଇଛନ୍ତି। ଆଉ ତାଙ୍କ 'ଲକ୍ ଅପ୍'ର ଜେଲର ପାଲଟିଛନ୍ତି କଙ୍ଗନା ରଣାଓ୍ୱତ।

କଙ୍ଗନାଙ୍କ ଅପ୍‌କମିଂ ରିଆଲିଟି ଶୋ' 'ଲକ୍ ଅପ୍'ର ତୃତୀୟ ପ୍ରତିଯୋଗୀ ଭାବେ ସାମିଲ ହୋଇଛନ୍ତି ପୁନମ୍ ପାଣ୍ଡେ। ଅନେକ ଖବରକୁ ନେଇ ବହୁ ଦିନ ଧରି ପୁନମ ପାଣ୍ଡେ ଚର୍ଚ୍ଚାରେ ରହିଆସିଛନ୍ତି। ଏଭଳି ସ୍ଥିତିରେ କଙ୍ଗନା ରଣାଓ୍ୱତଙ୍କ ଏହି ଜେଲ୍‌ରେ ରହିବା ପାଇଁ ପୁନମ୍ ପାଣ୍ଡେ ପୂରାପୁରି ପ୍ରସ୍ତୁତ। ବର୍ତ୍ତମାନ ଯାଏଁ କଙ୍ଗନାଙ୍କ ଏହି ଜେଲ୍‌ରେ ପୁନମ୍‌ଙ୍କ ବ୍ୟତୀତ ଅଭିନେତ୍ରୀ ନିଶା ରାଓ୍ୱଲ ଓ ବିବାଦୀୟ କମେଡିଆନ୍ ମୁନଓ୍ୱର ଫାରୁକି ରହିବେ ବୋଲି ସ୍ପଷ୍ଟ ହୋଇଛି।

ଏକତା କପୁରଙ୍କ ଏହି ରିଆଲିଟି ଶୋ'ରେ ଭାଗ ନେବା ପୂର୍ବରୁ ପୁନମ ପାଣ୍ଡେ ୨୦୧୩ରେ ଫିଲ୍ମ 'ନଶା' ଜରିଆରେ ବଲିଉଡରେ ଡେବ୍ୟୁ କରିଥିଲେ। ପୁନମ୍ ଏହି ଶୋ'ରେ ନିଶ୍ଚିତ ରୂପେ ଗ୍ଲାମରର ତଡକା ଲଗାଇବେ। ଏଥିସହ ଜୋରଦାର ହଙ୍ଗାମା ମଧ୍ୟ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରିଆଲିଟି ଶୋ' ଲକ୍‌ଅପ୍‌କୁ ନେଇ ପୁନମ୍ କହିଛନ୍ତି, 'ଏହି ଶୋ'ରେ ଭାଗ ନେବାକୁ ଯାଉଥିବା ନେଇ ମୁଁ ବେଶ୍ ଉତ୍ସାହିତ ଅଛି। ମୁଁ ଜାଣିନି ସେଠାରେ କ'ଣ ହେବ। ଏହି ଲକ୍ ଅପ୍‌ରେ କୌଣସି ଲଗ୍‌ଜୁରୀ ନାହିଁ। ଏଥିପାଇଁ ମୁଁ ଜାଣିନି ଏଥିରେ ମୁଁ କିଭଳି ସର୍ଭାଇଭ୍ କରିଛି। କିନ୍ତୁ ମୁଁ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା ସହ ନର୍ଭସ ମଧ୍ୟ ଅଛି।' ସୂଚନା ମୁତାବକ, ଏହି ଶୋ'କୁ ବଲିଉଡର କୁଇନ୍ କଙ୍ଗନା ରଣାଓ୍ୱତ ହୋଷ୍ଟ କରିବେ। ଏଥିରେ ୧୬ ଜଣ ବିବାଦୀୟ ସେଲେବ୍ରିଟି ପ୍ରତିଯୋଗୀ ଭାବେ ଭାଗ ନେଇ ମାସ ମାସ ଧରି ଜେଲ୍‌ରେ ବନ୍ଦି ଭାବେ ଜୀବନ କାଟିବେ। ଆସନ୍ତା ଫେବ୍ରୁଆରୀ ୨୭ରୁ ଏହି ଶୋ'ର ଟେଲିକାଷ୍ଟ ହେବ। ଅଲ୍ଟ ବାଲାଜୀ ଓ ଓଟିଟି ପ୍ଲାଟଫର୍ମ ଏମ୍‌ଏକ୍ସ ପ୍ଲେଅରରେ ୨୪ ଘଣ୍ଟା ଲାଇଭ୍ ଷ୍ଟ୍ରିମିଂ ହେବ। ଦର୍ଶକଙ୍କୁ ପ୍ରତିଯୋଗୀମାନଙ୍କ ସହ ସିଧା ସଳଖ କଥା ହେବା ପାଇଁ ସୁଯୋଗ ମଧ୍ୟ ମିଳିବ।

# ଅଭିନେତା ହେଇ ନ ଥିଲେ ସଲମାନ୍ ଚିତ୍ରଶିଳ୍ପୀ, ଶାହରୁଖ ବ୍ୟବସାୟୀ ହେଇଥାନ୍ତେ : ମାଧୁରୀ ଦୀକ୍ଷିତ

ଯଦି ଅଭିନେତା ହେଇ ନ ଥାନ୍ତେ ତେବେ ବଲିଉଡର ସୁପରଷ୍ଟାର୍ କୁହାଯାଉଥିବା ସଲମାନ୍ ଓ ଶାହରୁଖ କ'ଣ କରିଥାନ୍ତେ ବୋଲି ଲୋକପ୍ରିୟ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏକ ପୂର୍ବାନୁମାନ ପ୍ରକାଶ କରିଛନ୍ତି। ନିକଟରେ ବଲିଉଡ୍ ହଙ୍ଗାମାକୁ ଦେଇଥିବା ଏକ ସାକ୍ଷାତକାରରେ ମାଧୁରୀ କହିଛନ୍ତି- ସଲମାନ୍ ଖାନ୍ ଗୀତ ଗାଇଥାନ୍ତେ, କାରଣ ତାଙ୍କ କ୍ୟାରିୟର ଗୀତ ଗାଇବାରୁ ହିଁ ଆରମ୍ଭ ହେଇଥିଲା। ଏହା ବ୍ୟତୀତ ସେ ବଡି ବିଲ୍‌ଡିଂ କ୍ଷେତ୍ରରେ ମଧ୍ୟ ନିଜର ଦକ୍ଷତା ଜାହିର କରିଥାନ୍ତେ। ଆହୁରି ମଧ୍ୟ ସଲମାନ୍ ଜଣେ ପେସାଦାର ଚିତ୍ରଶିଳ୍ପୀ ହେଇପାରିଥାନ୍ତେ। କେବଳ ସଲମାନଙ୍କ ବାବଦରେ ଏତକ କହି ଅଟକି ଯାଇନାହାନ୍ତି ମାଧୁରୀ; ସଲ୍ଲୁଙ୍କ ପରି ଶାହରୁଖ ଯଦି ଅଭିନୟ କରି ନ ଥାନ୍ତେ ତେବେ ସେ କ'ଣ କରିଥାନ୍ତେ ସେକଥା ବି କହୁ କହୁ କହିଦେଇଛନ୍ତି। ଅଭିନୟ କରିବା ଆଗରୁ ଶାହରୁଖ କୁଆଡ଼େ ବ୍ୟବସାୟ କରୁଥିଲେ। ତେଣୁ ସେ ଭଲ ବ୍ୟବସାୟୀ ହୋଇପାରିଥାନ୍ତେ ବୋଲି ମାଧୁରୀ କହିଛନ୍ତି। ଅତୀତରେ ଅଭିଷେକ ବର୍ମନଙ୍କ ପିରିୟଡିକାଲ୍ ଡ୍ରାମା 'କଳଙ୍କ'ରେ ମାଧୁରୀଙ୍କୁ ଭିନ୍ନ ଅବତାରରେ ଦେଖିବାକୁ ମିଳିଥିଲା। ଏହାପରେ ନିଜ ପ୍ରଯୋଜନା ସଂସ୍ଥା ଆରଏନ୍‌ଏମ୍ ପକ୍ଷରୁ ମାଧୁରୀ ନିର୍ମାଣ କରିଥିଲେ ମରାଠୀ ଫିଲ୍ମ 'ପଞ୍ଚକ'। ଏବେ ନେଟ୍‌ଫ୍ଲିକ୍ସରେ ପ୍ରଦର୍ଶିତ ହେବାକୁଥିବା 'ଫେମ୍ ଗେମ୍' ଧାରାବାହିକ ସମ୍ପର୍କରେ ମାଧୁରୀ ମଧ୍ୟ କିଛି ଟିପ୍ପଣୀ ଦେଇଛନ୍ତି। ଏଥିରେ ସେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି। ତାଙ୍କ ସହ ଏଇ ଧାରାବାହିକରେ ମାନବ କେଲ୍ ମଧ୍ୟ ଅଛନ୍ତି। ୱେବ୍ ସିରିଜ୍ 'ଫେମ୍ ଗେମ୍' ଚଳିତ ମାସ ୨୫ ତାରିଖରେ ଷ୍ଟ୍ରିମିଙ୍ଗ୍ ପ୍ଲାଟଫର୍ମରେ ପ୍ରଦର୍ଶିତ ହେବାକୁ ଯାଉଛି।



# ମହେଶ ମଞ୍ଜରେକରଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ

ବଢ଼ିଲା ଜଣାଶୁଣା ଅଭିନେତା ତଥା ନିର୍ଦ୍ଦେଶକ ମହେଶ ମଞ୍ଜରେକରଙ୍କ ଅଡୁଆ। ମହେଶଙ୍କ ବିରୋଧରେ ଆଇପିସି ଏବଂ ପୋକ୍ସୋ ଆଇନର ଅଲଗା ଅଲଗା ଧାରାରେ ମାମଲା ରୁଜୁ କରାଯାଇଛି। ମହେଶ ମଞ୍ଜରେକର ତାଙ୍କର ଆଗାମୀ ମରାଠୀ ଫିଲ୍ମ 'ନାୟ ବରନ ଭାତ ଲୋଞ୍ଚା କୋନ ନାୟ କୋଞ୍ଚା' କାରଣରୁ ବଡ଼ ସମସ୍ୟାରେ ପଡ଼ିଯାଇଛନ୍ତି। ଏହି ଫିଲ୍ମରେ ନାବାଳକଙ୍କ ସହ ଅଶ୍ଳୀଳ ଦୃଶ୍ୟ ଦେଖାଇବା ଭଳି ଅଭିଯୋଗ ହୋଇଛି। ଯେଉଁ କାରଣରୁ ମହେଶଙ୍କ ବିରୋଧରେ ଆଇପିସି ଧାରା ୨୯୨, ୩୪, ପୋକ୍ସୋ ଧାରା ୧୪ ଏବଂ ଆଇଟି ଧାରା ୬୭ ଓ ୬୭-ବି ଆଧାରରେ ମାମଲା ରୁଜୁ କରାଯାଇଛି। କୋର୍ଟ ଏହି ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହେଶଙ୍କ ଏହି ଫିଲ୍ମରେ ପିଲାମାନଙ୍କୁ ଆପତ୍ତିଜନକ ସିନର ଶୁଟ୍ କରିବା ନେଇ ଅଭିଯୋଗ କରାଯାଇଥିଲା। ଏ ନେଇ ଏକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଏହାର ତଦନ୍ତ କରିବାକୁ ସ୍ଥାନୀୟ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ତାଲିକାରେ ନିର୍ଦ୍ଦେଶକ ଓ ଅଭିନେତା ମହେଶ ମଞ୍ଜରେକରଙ୍କ ନାଁ ମଧ୍ୟ ସାମିଲ୍ ଥିଲା।

# ଓଟିଟି ପ୍ଲାଟଫର୍ମରେ 'ଲଭ୍ ୟୁ ଲଭ୍‌ଲୀ'



ଦଶମ ଶ୍ରେଣୀରେ ପଢୁଥିବା ଛାତ୍ର ଦିଲୁ ତା'ର ନୂଆ ପଡ଼ୋଶିନୀଙ୍କ ସହ ଭେଟ ହେଉଛି। ସେଇ ପଡ଼ୋଶିନୀଙ୍କ ନାଁ ଲଭ୍‌ଲୀ। ଲଭ୍‌ଲୀ ଦେଖିବାକୁ ଅତି ସୁନ୍ଦର। ନିଜ ସୌନ୍ଦର୍ଯ୍ୟରେ ଲଭ୍‌ଲୀ ଦିଲୁକୁ ବଶୀଭୂତ କରିବାକୁ ଚାହୁଁଛି। ଲଭ୍‌ଲୀକୁ ପାଇବା ପାଇଁ ଦିଲୁ ମଧ୍ୟ ଦିବାସ୍ୱପ୍ନ ଦେଖୁଛି। ଏଥିପାଇଁ ସେ ଲଭ୍‌ଲୀ ସହ ଭାବ ବିନିମୟ କରୁଛି। ଧୀରେ ଧୀରେ ଦିଲୁ ଲଭ୍‌ଲୀର ନିକଟତର ହେଉଛି ଏବଂ ଉଭୟଙ୍କ ମଧ୍ୟରେ ଯୌନସମ୍ପର୍କ ଗଢ଼ିଉଠୁଛି। ହେଲେ ଏ ଦୁହିଁଙ୍କ ସମ୍ପର୍କ ଆଉ ଆଗକୁ ବଢ଼ିପାରୁନାହିଁ। ନବମ ଶ୍ରେଣୀରେ ପଢୁଥିବା ଲଭ୍‌ଲୀ ଓରଫ ପିହୁ ହଠାତ୍ ଆଉ ଜଣକୁ ବିବାହ କରୁଛି। ଏଇ ଘଟଣା ପରେ ଦିଲୁର ହୃଦୟ ଫାଟିଯାଉଛି। ସନ୍ଦୀପ ରାଉତ ପ୍ରଯୋଜିତ ଏଇ 'ଲଭ୍ ୟୁ ଲଭ୍‌ଲୀ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ ପଟେଲ। ଲଭ୍‌ଲୀ ଭୂମିକାରେ ମୁମ୍ବାଇ ଅବସ୍ଥାପିତ ଓଡ଼ିଆ ଅଭିନେତ୍ରୀ ସ୍ମିତିକା ଆଚାର୍ଯ୍ୟ, ଦିଲୁ ଭୂମିକାରେ ଲୋହିତାକ୍ଷ ପଟ୍ଟନାୟକ ଥିବାବେଳେ ଆର୍ଯ୍ୟ ପ୍ରହରାଜ, ଅନୀଶ ମିଶ୍ର, ସ୍ୱରାଜ ପତି, ଲୋପାମୁଦ୍ରା ସେନାପତି, ସ୍ନିଗଧା ମହାନ୍ତି, ଗୋପାଳ ଶର୍ମା ପ୍ରମୁଖ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି।

# ମହାଠକ ସୁକେଶର ଟାର୍ଗେଟରେ ଥିଲେ ସାରା, ଭୂମି ଓ ଜାହ୍ନବୀ



୨୦୦ କୋଟି ଟଙ୍କାର ଠକେଇ ମାମଲାରେ ଜେଲ୍‌ରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖରକୁ ନେଇ ହୋଇଛି ବଡ ଖୁଲାସା। ସୁକେଶଙ୍କ ଟାର୍ଗେଟ୍‌ରେ କେବଳ ଜ୍ୟାକ୍‌ଲିନ୍, ନୋରା ନୁହନ୍ତି ବଲିଉଡର ଆଗଧାଡିର ଅନେକ ଅଭିନେତ୍ରୀ ଥିଲେ। ଏହି ଅଭିନେତ୍ରୀଙ୍କ ମଧ୍ୟରେ ସାରା ଅଲ୍ଲି ଖାନ୍ ଓ ଜାହ୍ନବୀ କପୁରଙ୍କ ନାଁ ମଧ୍ୟ ସାମିଲ ଥିବା ନେଇ ଖୁଲାସା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

ଇଡି ତଦନ୍ତରୁ ସାମ୍ନାକୁ ଆସିଥିବା ତଥ୍ୟରୁ ଜଣାପଡିଛି ଯେ, ସୁକେଶ ଚନ୍ଦ୍ର ଶେଖର ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ, ନୋରା ଫତେହିଙ୍କ ସମେତ ଅନ୍ୟ ତିନୋଟି ଅଭିନେତ୍ରୀଙ୍କୁ ମଧ୍ୟ ନିଜ ଟାର୍ଗେଟରେ ରଖିଥିଲା। ଏଥିରେ ସାରା ଅଲ୍ଲି ଖାନ୍, ଜାହ୍ନବୀ କପୁର ଓ ଭୂମି ପେଡନେକରଙ୍କ ନାଁ ସାମିଲ ଥିଲା।

ଇଡି ପଚରାଉଚରା ବେଳେ ସୁକେଶ ସାରା, ଜାହ୍ନୀ ଏବଂ ଭୂମିଙ୍କ ନାଁ ଉଗାରିଛି। ମେ' ୨୦୨୧ରେ ସାରା ଅଲ୍ଲି ଖାନ୍‌ଙ୍କୁ ସୁକେଶ ଟାର୍ଗେଟ୍ କରିଥିଲା। ମେ' ୨୧ ତାରିଖ ଦିନ ଅଭିନେତ୍ରୀ ସାରାଙ୍କୁ ହ୍ୱାଟସ୍‌ଆପ୍ ମେସେଜ ପଠାଇଥିଲା ସୁକେଶ। ଏହି ମେସେଜରେ ସୁକେଶ ନିଜକୁ ସୁରଜ ରେଡ୍ଡି ଭାବେ ପରିଚୟ ଦେଇଥିଲା। ଏହି ମେସେଜ ଜରିଆରେ ସୁକେଶ ପାରିବାରିକ ରୂପେ ଏକ କାର ଉପହାର ସ୍ୱରୂପ ଦେବାକୁ ଚାହୁଁଥିବା ସାରାଙ୍କୁ କହିଥିଲା। ଏଥିସହ ସିଇଓ ମିସେସ୍ ଇରାନୀ ବହୁଥର ସାରାଙ୍କ ସହ କଥା ହେବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ଏଥିରେ ସଫଳ ହୋଇନଥିବା ସୁକେଶ ମେଜେସ ଜରିଆରେ ସାରାଙ୍କୁ କହିଥିଲା।

ମିସେସ୍ ଇରାନୀ ହେଉଛନ୍ତି ସୁକେଶ ଚନ୍ଦ୍ରଶେଖରର ଆସୋସିଏଟ୍ ମ୍ୟାନେଜର, ଯିଏକି ଅଭିନେତ୍ରୀଙ୍କୁ ସୁକେଶ ସହ କାଥାବାର୍ତ୍ତା କରିବା ପାଇଁ ରାଜି କରାଉଥିଲେ। ପିଙ୍କି ଇରାନୀ ହିଁ ଜ୍ୟାକ୍‌ଲିନ୍ ଓ ସୁକେଶଙ୍କ ଭେଟଘେଟ କରାଇଥିଲେ। ସୁରଜ ରେଡ୍ଡି ଓରଫ ସୁକେଶ ଲଗାତର ସାରା ଅଲ୍ଲି ଖାନଙ୍କୁ ମେଜେସ କରିଥିଲା। ତାଙ୍କୁ ଦାମୀ ଗିଫ୍ଟ ମଧ୍ୟ ଅଫର କରିଥିଲା। ସାରା ଅଲ୍ଲି ଖାନ୍‌ଙ୍କୁ ଏବେ ଇଡି ଏହି ସବୁ ଗିଫ୍ଟକୁ ନେଇ ପଚରାଉଚରା କରିଛି। ସାରା ୧୪ ଜାନୁଆରୀ ୨୦୨୨ରେ ଇଡିକୁ ଏକ ଚିଠି ଲେଖି ପଠାଇଥିଲେ। ଏଥିରେ ସେ ସୁକେଶ ଠାରୁ କୌଣସି ବି ଗିଫ୍ଟ ନେବାକୁ ମନା କରିଥିବା ଉଲ୍ଲେଖ କରିଥିଲେ। କିନ୍ତୁ ସୁକେଶ ଶୁଣିନଥିଲା। ପରେ ବାଧ୍ୟ ହୋଇ ସେ(ସାରା) ସୁକେଶ ଠାରୁ କେବଳ ଏକ ଚକୋଲେଟ୍ ବାକ୍ସ ପଠାଇବା ପାଇଁ କହିଥିଲେ। ଏହାପରେ ସୁକେଶ ଚକୋଲେଟ୍ ବାକ୍ସ ସହ ଫ୍ରାଙ୍କ ମଲର କମ୍ପାନୀର ଏକ ଦାମୀ ଘଣ୍ଟା ମଧ୍ୟ ଦେଇଥିବା ସାରା ନିଜ ଚିଠିରେ ଉଲ୍ଲେଖ କରିଥିଲେ। ସେହିପରି ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ମଧ୍ୟ ସୁକେଶ ନିଜ ପତ୍ନୀ ଲିନା ମାରିଆ ଜରିଆରେ ଟାର୍ଗେଟ କରିଥିଲା। ଜାହ୍ନବୀକୁ ସୁକେଶଙ୍କ ପତ୍ନୀ ୧୮ ଲକ୍ଷ ଟଙ୍କା ଦେଇଥିବା ଇଡି କହିଛି। ଏହା ସେହି ଟଙ୍କା, ଯାହାକୁ ସୁକେଶ ଜେଲ୍ ?ରେ ବନ୍ଦି ଥିବା ବେଳେ ଦିଲ୍ଲୀର ଜଣେ ବ୍ୟବସାୟୀ ପତ୍ନୀଙ୍କ ଠାରୁ ହଡପ କରିଥିଲା।

ଗତବର୍ଷ ଜୁଲାଇ ୧୯ରେ ଲିନା ମାରିଆ ବେଙ୍ଗାଲୁରୁ ସ୍ଥିତ ଏକ ସେଲୁନର ଇନାଗୁରେଟ୍ କରିବା ପାଇଁ ଜାହ୍ନବୀଙ୍କୁ ନିମନ୍ତ୍ରଣ କରିଥିଲେ। ଏଥିପାଇଁ ଜାହ୍ନବୀଙ୍କୁ ୧୮.୯୪ ଲକ୍ଷ ଟଙ୍କା ଫିସ୍ ଦେଇଥିଲେ ସୁକେଶଙ୍କ ପତ୍ନୀ। ଏନେଇ ଇଡି ଆଗରେ ଜାହ୍ନବୀ ଖୁଲାସା କରିଛନ୍ତି। ସେ କହିଛନ୍ତି ଏହି ଟଙ୍କା ବ୍ୟତୀତୀ ଲିନୀଙ୍କ ମା' ତାଙ୍କୁ ଇଭେଣ୍ଟ ବେଳେ ଏକ କ୍ରିଶ୍ଚିଅନ୍ ଡିୟାରର ଟୋଟ ବ୍ୟାଗ୍ ମଧ୍ୟ ଗିଫ୍ଟ କରିଥିଲେ। ସେହିପରି ଠକ ସୁକେଶ ଚନ୍ଦ୍ରଶେଖର ଅଭିନେତ୍ରୀ ଭୂମି ପେଡନେକରଙ୍କୁ ମଧ୍ୟ ଟାର୍ଗେଟ କରିଥିଲା। ପିଙ୍କି ଇରାନୀ ଭୂମିଙ୍କୁ ଆପ୍ରୋଚ କରିଥିଲେ। ପିଙ୍କି ନିଜ ପରିଚୟ ଜଣେ ଏଚ୍‌ଆର ରୂପେ ଭୂମିଙ୍କୁ ଦେଇଥିଲେ। ଜାନୁଆରୀ ୨୦୨୧ରେ ପିଙ୍କି ଭୂମିକୁ କହିଥିଲେ ତାଙ୍କ କମ୍ପାନୀର ଗ୍ରୁପ ଚେଆରମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ତାଙ୍କର ଜଣେ ବଡ ଫ୍ୟାନ୍। ସେ ତାଙ୍କ ସହ ଏକ ବଡ ପ୍ରୋଜେକ୍ଟ ବିଷୟରେ କଥା ହେବା ପାଇଁ ଚାହୁଁଛନ୍ତି। ଏଥିସହ ସୁକେଶ ତାଙ୍କୁ ଏକ କାର ଗିଫ୍ଟ କରିବାକୁ ଚାହୁଁଥିବା ସେ ଭୂମିଙ୍କୁ କହିଥିଲେ। ତା'ପର ଦିନ ସୁକେଶ ଚନ୍ଦ୍ରଶେଖର ଭୂମିଙ୍କ ସହ କଣ୍ଟାକ୍ଟ କରିଥିଲା, ସେତେବେଳେ ନିଜକୁ ସୁକେଶ ଶେଖର ରୂପେ ନିଜ ପରିଚୟ ଦେଇଥିଲା। ଏହାପରେ ମିସ୍ ଇରାନୀ ତାଙ୍କୁ ପ୍ରଜେକ୍ଟ ଏବଂ ଗାଡି ଗିଫ୍ଟ କରିବାକୁ କହିଥିବା ଭୂମିଙ୍କୁ କହିଥିଲା। ମେ' ୨୦୨୧ରେ ପୁଣି ଅନ୍ୟ ଏକ ନାଁରେ ସୁକେଶ ଭୂମିଙ୍କୁ ମେଜେସ କରି ଗାଡି ଗିଫ୍ଟ କରିବା ପାଇଁ ଚାହୁଁଥିବା ଇଡି ଆଗରେ ଭୂମି ଖୁଲାସା କରିଛନ୍ତି। କିନ୍ତୁ ସେ ସୁକେଶ ଠାରୁ କୌଣସି ଗିଫ୍ଟ ନେଇନଥିବା କହିଛନ୍ତି। ଇଡି ତଦନ୍ତରୁ ଜଣାପଡିଛି ଯେ, ସୁକେଶ ଚନ୍ଦ୍ରଶେଖର ପିଙ୍କି ଇରାନୀଙ୍କ ମାଧ୍ୟମରେ ଭୂମି ପେଡନେକର, ସାରା ଅଲ୍ଲି ଖାନ୍ ଓ ଜାହ୍ନବୀ କପୁରଙ୍କ ଭଳି ଅନ୍ୟ ଅଭିନେତ୍ରୀଙ୍କୁ ମଧ୍ୟ ଗିଫ୍ଟ ଦେଇ ଫସାଇବା ପାଇଁ ଚେଷ୍ଟା କରିଥିଲା। ସୁକେଶ ଅନେକ ଅଭିନେତ୍ରୀ ଓ ମଡେଲଙ୍କ ଉପରେ ୨୦୧୫ଠାରୁ ବର୍ତ୍ତମାନ ଯାଏଁ ମୋଟ ୨୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛି।

# କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲକୁ ବନ୍ଦ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ: ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର,୨୪/୨ (ନି.ପ୍ର): ନବୀନ ସରକାର ଦ୍ୱାରା କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲକୁ ବନ୍ଦ କରିବା ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନରେନ୍ଦ୍ର ମୋଦୀଙ୍କୁ ଖୁସି କରିବାକୁ ଯାଇ ଏହିଭଳି ନିଷ୍ପତି ନେଇଛନ୍ତି। ଏହି ଟ୍ରେନିଂ ସ୍କୁଲ ବନ୍ଦହୋଇଗଲେ ଓଡ଼ିଶାର ମୁସଲମାନ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନେ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବେ। ୧୯୧୨ ମସିହାରୁ କଟକର ଶେଖ ବଜାରରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଛି। ଉର୍ଦ୍ଦୁ ମାଧ୍ୟମରେ ପ୍ରାଥମିକ ଶିକ୍ଷକ ଟ୍ରେନିଂ ନିମନ୍ତେ ଏହି ଅନୁଷ୍ଠାନଟି ଉଦ୍ଦିଷ୍ଟ। ଏହି ଅନୁଷ୍ଠାନରୁ ପିଲାମାନେ ପରୀକ୍ଷାରେ ପାଶ କରିଲାପରେ ଉର୍ଦ୍ଦୁ ସିଟି ସାର୍ଟିଫିକେଟ ପାଇ ପ୍ରାଥମିକ ଶିକ୍ଷକ ଭାବରେ ନିଯୁକ୍ତି ପାଆନ୍ତି। କିନ୍ତୁ ଗତବର୍ଷରୁ ଏହି ଉର୍ଦ୍ଦୁ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଆଡମିଶନ କରାଯାଇନାହିଁ। ବର୍ତମାନ ଓଡ଼ିଶା ସରକାର ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ବନ୍ଦ କରିଦେବେ। ଓଡ଼ିଶାର ନବୀନ ସରକାର କେନ୍ଦ୍ରର ବିଜେପି ସରକାର ସହିତ ହାତ ମିଳାଇ ଓଡ଼ିଶାରେ ମୁସଲମାନ ମାନଙ୍କର ସବୁ ସରକାରୀ ଅନୁଷ୍ଠାନକୁ ଅଚଳ କରିବା ସହିତ ଏବେ ବନ୍ଦ କରିଦେବାକୁ ବସିଛନ୍ତି। ଉର୍ଦ୍ଦୁ ସିଟି ଟ୍ରେନିଂ ସ୍କୁଲ ଦ୍ୱାରା ଅନେକ ଉର୍ଦ୍ଦୁ ଭାଷାଭାଷି ମୁସଲମାନ ଛାତ୍ରଛାତ୍ରୀ ମାନେ ଉର୍ଦ୍ଦୁ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଉର୍ଦ୍ଦୁ ଅନୁଷ୍ଠାନଟି ବନ୍ଦ ହୋଇଗଲେ କେବଳ ମେଧାବୀ ମୁସଲମାନ ଛାତ୍ରଛାତ୍ରୀ ମାନଙ୍କର କ୍ଷତି ହେବ। ଅନେକ ମୁସଲମାନ ଯୁବକ ଯୁବତୀମାନେ ସରକାରୀ ଶିକ୍ଷକ ନିଯୁକ୍ତିରୁ ବଂଚିତ ହେବେ। ମୁସଲମାନ ମାନେ ସରକାରୀ ଚାକିରୀରେ ବହୁତ କମ ଅଛନ୍ତି ଏବଂ ଏହି ଉର୍ଦ୍ଦୁ ଅନୁଷ୍ଠାନକୁ ବନ୍ଦ କରିଦେଲେ ମୁସଲମାନ ଯୁବକ ଯୁବତୀମାନେ ସରକାରୀ ଚାକିରୀ ନିଯୁକ୍ତିରୁ ବଂଚିତ ହେବେ ଯାହାକି ମୁସଲମାନ ସମ୍ପ୍ରଦାୟ ପ୍ରତି ବିଜେଡ଼ିଇ ସରକାର ବହୁତ ବଡ଼ ଅନ୍ୟାୟ କରିବାକୁ ଯାଉଛି। କଂଗ୍ରେସ ସରକାର ସମୟରେ ଓଡ଼ିଶାରେ ଥିବା ୱାକଫ ବୋର୍ଡ, ହଜ କମିଟି, ଉର୍ଦ୍ଦୁ ଏକାଡେମି, ମଦ୍ରସା ବୋର୍ଡ଼ ଇତ୍ୟାଦିର ଗଠନ ହୋଇଥିଲା, କିନ୍ତୁ ବିଜେଡ଼ିର ନବୀନ ଓ ସରକାର ଏହି ସବୁ ଅନୁଷ୍ଠାନକୁ ଅଚଳ କରିଦେଇ ପରିଚାଳନା କମିଟିକୁ ଗଠନ କରୁନାହିଁ। ଭାରତର ଅଧିକାଂଶ ରାଜ୍ୟରେ ସଂଖ୍ୟାଲଘୁ କମିସନ ଗଠନ ହୋଇଯାଇଛି କିନ୍ତୁ ଓଡ଼ିଶା ବିଜେଡ଼ି ସରକାର ସଂଖ୍ୟାଲଘୁ କମିସନ ଗଠନ କରୁନାହାନ୍ତି କାରଣ ସଂଖ୍ୟାଲଘୁ କମିସନ ଗଠନ ହେଲେ ସାମ୍ବିଧାନିକ ଅଧିକାର ପାଇଯିବେ। ସଂଖ୍ୟାଲଘୁ ସମ୍ପ୍ରଦାୟର ବେକାର ଯୁବକ ଯୁବତୀମାନଙ୍କ ପାଇଁ କଂଗ୍ରେସର ତତ୍କାଳୀନ କଂଗ୍ରେସର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟନାୟକ ସମୟରେ "ସଂଖ୍ୟାଲଘୁ ଅର୍ଥ ନିଗମ" ଗଠନ କରାଯାଇ ଅଳ୍ପ ସୁଧରେ ଋଣ ଯୋଗାଣ କରାଯାଉଥିଲା ବିଜେଡ଼ି ସରକାର ତାହାକୁ ବନ୍ଦ କରିଦେଇଛନ୍ତି। ବର୍ତମାନ ଓଡ଼ିଶାର ସର୍ବ ପୁରାତନ ୧୧୦ ବର୍ଷରୁ ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ନବୀନ ସରକାର ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି, ଯଦି ଓଡ଼ିଶା ସରକାର ଏହାକୁ ବନ୍ଦ କରନ୍ତି ତେବେ ଓଡ଼ିଶା ଛାତ୍ର କଂଗ୍ରେସ କଦାପି ବରଦାସ୍ତ କରିପାରିବ ନାହିଁ। ସରକାରଙ୍କ ଏହି ନିଷ୍ପତି ବିରୁଦ୍ଧରେ ରାଜରାସ୍ତାରେ ଲଢ଼େଇ କରିବା ପାଇଁ ଓଡ଼ିଶା ଛାତ୍ର କଂଗ୍ରେସ ପ୍ରସ୍ତୁତ ଅଛି। ତେଣୁ ଓଡ଼ିଶା ସରକାର କେନ୍ଦ୍ରର ବିଜେପି ସରକାରର ହାତବାରିଶି ନ ହୋଇ, ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ପୁନର୍ବାର ପରିଚାଳିତ କରନ୍ତୁ, ନଚେତ ଆଗାମୀ ଦିନରେ ଛାତ୍ର କଂଗ୍ରେସ ବୃହତ ଆନ୍ଦୋଳନ କରିବ।

# ପ୍ରହସନ ପାଲଟିଛି ୱାନ୍ ନେସନ ୱାନ୍ ରାସନ

ଭୁବନେଶ୍ୱର ,୨୪/୨ (ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ କଲେ ୱାନ୍ ନେସନ ୱାନ୍ ରାସନ, କିନ୍ତୁ ଦେଉ ନାହାନ୍ତି ଅତିରିକ୍ତ ଚାଉଳ। ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ରାସନ କାର୍ଡ ନେଇ ବିତରଣ କେନ୍ଦ୍ରକୁ ଯାଉଥିବା ରାଜ୍ୟ ତଥା ରାଜ୍ୟ ବାହାରର ପ୍ରବାସୀମାନଙ୍କୁ ହୀନସ୍ତା ହେବାକୁ ପଡୁଛି। କେବଳ ଓଡ଼ିଶା ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ରହିଛି। ସାଧାରଣ ବିତରଣ ବ୍ୟବସ୍ଥାରେ ଓଡ଼ିଶା ଆବଣ୍ଟିତ କରିପାରୁନାହିଁ ୪ ପ୍ରତିଶତ ଚାଉଳ, ଗହମ। ଏଭଳି ସ୍ଥିତିରେ ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ଜାନୁଆରି ମାସରେ ବାହାର ରାଜ୍ୟରେ ରହୁଥିବା ମାତ୍ର ୮୦୪ ଓଡ଼ିଆ, ଓଡ଼ିଶାରେ ରହୁଥିବା ୧୨୦ ବାହାର ରାଜ୍ୟର ଲୋକଙ୍କୁ ଲାଭ ମିଳିଛି। ଏଥିରୁ ଅବସ୍ଥା କେତେ ନୈରଶ୍ୟଜନକ ତାହା ସ୍ପଷ୍ଟ ଅନୁମେୟ। ଅପରପକ୍ଷରେ ଓଡ଼ିଶାରେ ରହୁଥିବା ବାହାର ଜିଲ୍ଲାର କେତେ ବ୍ୟକ୍ତି ଏହି ସୁବିଧା ପାଇଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଭୁବନେଶ୍ୱରରେ ଥିବା ସମୁଦାୟ ୯୯ ହଜାର କାର୍ଡଧାରୀଙ୍କ ମଧ୍ୟରୁ ୨୫ ପ୍ରତିଶତ ବ୍ରହ୍ମପୁର, ବାରିପଦା, ଭଦ୍ରକ ଏବଂ ମୟୂରଭଞ୍ଜର ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। କିନ୍ତୁ ରାଜଧାନୀରେ କାର୍ଯ୍ୟରତ ଅଧିକାଂଶ ପ୍ରବାସୀ ଶ୍ରମିକଙ୍କ ଅନୁସାରେ, ଗାଁ ରାସନ କାର୍ଡ ନେଇ ପିଡିଏସ ସେଣ୍ଟରକୁ ଚାଉଳ ପାଇଁ ଗଲେ ତାଙ୍କୁ ଫେରାଇ ଦିଆଯାଏ। କେନ୍ଦ୍ର ପାଖରେ ଚାଉଳ ବଳିଲେ କିଛି ଜଣଙ୍କୁ ମାସ ଶେଷରେ ମିଳେ। ଏହାକୁ ନେଇ ପିଡିଏସ ଡିଲର କହିଛନ୍ତି, ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ବାହାର ହିତାଧିକାରୀଙ୍କୁ ଚାଉଳ ଦେବାରେ ତାଙ୍କ ସମସ୍ୟା ନାହିଁ। କିନ୍ତୁ ସରକାରଙ୍କ ପକ୍ଷରୁ ଏହି ଯୋଜନା ଅନ୍ତର୍ଗତରେ ଅତିରିକ୍ତ ଚାଉଳ ଦିଆଯାଉ ନାହିଁ। ତେଣୁ ତାଙ୍କୁ ଆବଣ୍ଟିତ ସମୁଦାୟ ଚାଉଳ ଏବଂ ଗହମ ପ୍ରଥମେ ନିଜ ହିତାଧିକାରୀଙ୍କୁ ଦେଇ ବଳକା ହେଲେ ବାହାର ଲୋକଙ୍କୁ ଦିଅନ୍ତି। ଏହି ନୂତନ ଯୋଜନାରେ ଅତିରିକ୍ତ ଚାଉଳ ଏବଂ ଗହମ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ ମଧ୍ୟ ତାକୁ ଗୁରୁତ୍ୱ ଦିଆଯାଇ ନାହିଁ। ସାମାଜିକ କର୍ମକର୍ତ୍ତା ଉମି ଡାନିଏଲଙ୍କ ଅନୁସାରେ, ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପିଡିଏସ କେନ୍ଦ୍ରକୁ ଅତିରିକ୍ତ ଚାଉଳ ନଦେଲେ ଏହି ସମସ୍ୟା ଜାରି ରହିବ। ଅନ୍ୟପକ୍ଷରେ ଯେକୌଣସି ଯୋଜନା କାର୍ଯ୍ୟକାରୀ ବେଳେ ସରକାର ଯେଉଁଭଳି ପ୍ରଚାର-ପ୍ରସାର କରନ୍ତି ଏହି ଯୋଜନାକୁ ନେଇ ସେହିଭଳି ପ୍ରଚାର କରାଯାଉ ନାହିଁ। ଏଥିଯୋଗୁଁ ଅନେକ ପ୍ରବାସୀ ଶ୍ରମିକ ଏସମ୍ପର୍କରେ ଅଜ୍ଞ ଅଟନ୍ତି। ମହାମାରୀରେ ପ୍ରବାସୀ ଶ୍ରମିକ କେଉଁଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ସମସ୍ତେ ଜାଣନ୍ତି। ଏଥିପାଇଁ ବର୍ତ୍ତମାନ ମଧ୍ୟ ଶୃଙ୍ଖଳା ପିଡିଏସ ବଣ୍ଟନ ହେଉଛନ୍ତି। ଯେଉଁ ପ୍ରବାସୀମାନେ ପିଡିଏସ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବା ଉଚିତ ବୋଲି ସେ କହିଛନ୍ତି। ଖାଦ୍ୟ ସୁରକ୍ଷା ଅଭିଯାନର ସମୀତ ପଣ୍ଡା କହିଛନ୍ତି, କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ବୃଦ୍ଧି ଏବଂ ସଂଘୀୟ ବ୍ୟବସ୍ଥା ଦୁର୍ବଳ ହେବା ଆଶଙ୍କାରେ ୱାନ୍ ନେସନ ୱାନ୍ ରାସନ ଯୋଜନା କାର୍ଯ୍ୟକାରୀ ପାଇଁ ଓଡ଼ିଶା ସମେତ କୌଣସି ରାଜ୍ୟ ଗମ୍ଭୀର ନୁହନ୍ତି। ତେଣୁ ଏହାକୁ ନେଇ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରସ୍ତୁତ ହୋଇ ନାହିଁ କି ସ୍ୱତନ୍ତ୍ର ଆବଣ୍ଟନ ମଧ୍ୟ ନାହିଁ। କେବଳ ମୌଖିକ ଭାବରେ ଯୋଜନା କାର୍ଯ୍ୟକାରୀ ପାଇଁ କୁହାଯାଉଛି। ପ୍ରଶାସନ ପକ୍ଷରୁ କୁହାଯାଉଛି, ୱାନ୍ ନେସନ ୱାନ୍ ରାସନ କାର୍ଯ୍ୟକାରୀରେ କୌଣସି ଅସୁବିଧା ନାହିଁ। ପ୍ରତ୍ୟେକ ଡିଲରକୁ କାର୍ଡ ଅନ୍ତର୍ଗତରେ ୮୦ ପ୍ରତିଶତ ଚାଉଳ ଦିଆଯାଏ। ଆବଶ୍ୟକ ହେଲେ ୧୭ ପ୍ରତିଶତ ପରବର୍ତ୍ତୀ ସମୟରେ ମିଳେ। ବାକି ୩ ପ୍ରତିଶତ ସିଏସଓ ଏବଂ ଜିଲ୍ଲା ପ୍ରଶାସନ ନିଜ ଇଚ୍ଛାରେ ଦେଇଥାନ୍ତି। ରାଜଧାନୀରେ ୨୦ ହଜାର କାର୍ଡଧାରୀ ଏହାର ଲାଭ ନେଉ ନାହାନ୍ତି। ତେଣୁ ସେମାନଙ୍କ ଭାଗର ଚାଉଳ ୱାନ୍ ନେସନ ୱାନ୍ ରାସନ ଅନ୍ତର୍ଗତରେ ଦିଆଯାଇ ପାରିବ। ଯେ କୌଣସି ବ୍ୟକ୍ତି ସମସ୍ୟାର ସମ୍ମୁଖୀନ ହେଲେ ସ୍ଥାନୀୟ ପ୍ରଶାସନକୁ ଜଣାଇ ପାରିବେ। ସୂଚନା ଅନୁଯାୟୀ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ରାସନ କାର୍ଡ କେବଳ ନିଜ ଗାଁ କିମ୍ବା ସାହିର କେନ୍ଦ୍ରରୁ ହିଁ ଚାଉଳ ଏବଂ ଗହମ ମିଳେ।

# ରାଜ୍ୟରେ ୩୩୯ କରୋନା ପଜିଟିଭ ଚିହ୍ନଟ: ୬୯ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୪/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୯୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୬୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୮୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୪ ଜଣ, ବାଲେଶ୍ୱରରୁ ୧୪ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୩ ଜଣ, ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୭ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୨ ଜଣ, ଗଜପତିରୁ ୨୫, ଗଞ୍ଜାମରୁ ୧୪ ଜଣ, ଯାଜପୁରରୁ ୧୪ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, କଳାହାଣ୍ଡିରୁ ୪ ଜଣ, କନ୍ଧମାଳରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୫ ଜଣ, ଖୋର୍ଦ୍ଧାରୁ ୩୬ ଜଣ, କୋରାପୁଟରୁ ୧୬ ଜଣ, ମାଲକାନଗିରିରୁ ୧ ଜଣ, ମୟୁରଭଞ୍ଜରୁ ୧୯ ଜଣ, ନବରଙ୍ଗପୁରରୁ ୩ ଜଣ, ନୟାଗଡ଼ରୁ ୪ ଜଣ, ନୂଆପଡ଼ାରୁ ୧ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୬ ଜଣ, ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୮୦ ଜଣ ଓ ଷ୍ଟେଟ ପୁଲରୁ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୩, ୯୭୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୧, ୦୧୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୩,୮୬୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' କର୍ମଶାଳା

ଭୁବନେଶ୍ୱର,୨୪/୨ (ନି.ପ୍ର): ସାମ୍ବାଦିକତା ହେଉଛି ଜ୍ଞାନର ଏକ ଅଂଶ। ଜଣେ ସାମ୍ବାଦିକଟିଏ ନିଜର କଲମ ମାଧ୍ୟମରେ ସଦା ସର୍ବଦା ରାଷ୍ଟ୍ରର ଗଠନରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇଥାଏ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟ ସମାଜ ଜାତି, ଲିଙ୍ଗ ଓ ବର୍ଗ ଭିତିରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇ ବହୁ ସମସ୍ୟାର ସୂତ୍ରଧର ପାଲଟିଛି। ଏହା ଫଳରେ ଦେଶର ସାମାଜିକ କ୍ଷେତ୍ର ଅବକ୍ଷୟ ହେବାରେ ଲାଗିଛି। ଯେହେତୁ ଏକ ରାଷ୍ଟ୍ର ପାଇଁ ସାମାଜିକ ଭାବେ ବିକଶିତ ହେବା ବେଶ ଗୁରୁତ୍ୱପୁର୍ଣ୍ଣ, ଗଣମାଧ୍ୟମକୁ ଏନେଇ ସଚେତନ ହେବାକୁ ପଡ଼ିବ। ଭାରତୀୟ ସମାଜର ପ୍ରଗତି ପଥରେ ବାଧା ଦୂରିକରଣ ପାଇଁ ଶିକ୍ଷା ହିଁ ଏକ ମାତ୍ର ମାଧ୍ୟମ ଏବଂ ଏହାହିଁ ବର୍ତମାନ ସମୟର ଆହ୍ୱାନ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଆୟୋଜିତ 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ସାମାଜିକ ବିକାଶ କ୍ଷେତ୍ରରେ ଗଣମାଧ୍ୟମ କେତେ ମାତ୍ରାରେ ସହଯୋଗ କରୁଛି ସେନେଇ ଗଣମାଧ୍ୟମକୁ ଆତ୍ମଚିନ୍ତନ କରିବା ଆବଶ୍ୟକ ବୋଲି ପ୍ରଫେସର ମଲ୍ଲିକ କହିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ଡ.ବନ୍ଦିତା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ ଗଣମାଧ୍ୟମର ଭୂମିକା ସବୁବେଳେ ସକାରାତ୍ମକ ଭାବେ ସମାଜ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ହେବାଉଚିତ। ସମାଜର ବିକାଶ ସେତେବେଳେ ସମ୍ଭବ ଯେତେବେଳେ ନାରୀପୁରୁଷ ଭେଦଭାବ ଦୂର ହୋଇପାରିବ। ସାମ୍ବାଦିକତା ଓ ଗଣମାଧ୍ୟମ ଛାତ୍ରଛାତ୍ରୀମାନେ ନିରପେକ୍ଷ ଭାବେ ନିଜର ଦକ୍ଷତା ଅନୁଯାୟୀ ଏହାକୁ ଉପସ୍ଥାପନା କରିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମାଳୟା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପଣ୍ଡା, ସହକାରୀ ପ୍ରଫେସର ଡ. ହେମନ୍ତ କୁମାର ଦାଶ ଓ ଡ. ଜ୍ୟୋତିର୍ମୟୀ ଟୁଡୁ ବକ୍ତବ୍ୟ ରଖିଥିଲେ। ଡ.ରମାକାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀ ସୁଦେଷ୍ଣା ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଓ ଲୋକ ପ୍ରଶାସନ ବିଭାଗର ଛାତ୍ରଛାତ୍ରୀ ଓ ଗବେଷକ ଯୋଗଦେଇଥିଲେ।

# କ୍ୟାପିଟାଲ ହସ୍ପିଟାଲ, ଝାରପଡ଼ା ଜେଲ୍‌କୁ ମିଳିବ 'ଇଟ୍ ରାଇଟ୍' କ୍ୟାମ୍ପସ୍ ମାନ୍ୟତା

ଭୁବନେଶ୍ୱର ,୨୪/୨ (ନି.ପ୍ର): ରାଜଧାନୀର ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲ ଓ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର ଜେଲ୍‌କୁ ମିଳିବ 'ଇଟ୍ ରାଇଟ୍' କ୍ୟାମ୍ପସ୍ ମାନ୍ୟତା। ଏହି ଦୁଇ ସ୍ଥାନରେ ବହୁ ସଂଖ୍ୟାରେ ଅନ୍ତେବାସୀ ଖାଦ୍ୟ ଗ୍ରହଣ କରୁଥିବାରୁ ସେମାନଙ୍କୁ ଯେପରି ନିରାପଦ ଓ ଗୁଣବତ୍ତା ଖାଦ୍ୟ ମିଳିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ହସ୍ପିଟାଲ ଓ ଜେଲ୍‌ରେ ଖାଦ୍ୟ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନଙ୍କ ଆବଶ୍ୟକ ତାଲିମ୍ ଓ ଅଡିଟ୍ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି। କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଚାଲିଥିବା 'ଇଟ୍ ରାଇଟ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଏହି ମାନ୍ୟତା ଦିଆଯାଉଛି। ରାଜ୍ୟର ୯ଟି ସ୍ଥାନକୁ ଏହି ମାନ୍ୟତା ମିଳିସାରିଛି। ଏଥିରେ ୫ଟି ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନ, ସରକାରୀ ଆଇଟିଆଇ, ଆଇଏଚ୍‌ଏମ୍, ସିଟିଟିସି, ଆଇଜିଏଚ୍ ରାଉରକେଲା ରହିଛି। ଏହାସହ ଗତବର୍ଷ ଡିସେମ୍ବରରେ ଭୁବନେଶ୍ୱର ରେଳ ଷ୍ଟେସନ୍ ମଧ୍ୟ 'ଇଟ୍ ରାଇଟ୍ ଷ୍ଟେସନ୍' ମାନ୍ୟତା ପାଇଛି। ତେଣୁ ଅଧିକରୁ ଅଧିକ ସଂସ୍ଥାଙ୍କୁ ଏଥିରେ ଯୋଡ଼ିବା ଲାଗି ରାଜ୍ୟ ଖାଦ୍ୟ ସୁରକ୍ଷା ପକ୍ଷରୁ ଉଦ୍ୟମ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସୁଷମ ଓ ଉତ୍ତମ ଖାଦ୍ୟର ଯେଉଁ ମାନଦଣ୍ଡ ରହିଛି ତାହା ବଜାୟ ରହୁଛି କି ନାହିଁ ତାହାର ଯାଞ୍ଚ କରାଯିବ। ଏହାସହ ଏଫ୍.ଏସ୍.ଏସ୍.ଏଆଇର ଅଡିଟରମାନଙ୍କ ଦ୍ୱାରା ଏସବୁର ଅନୁଧ୍ୟାନ ହେବ। ଏଥିପାଇଁ କ୍ୟାମ୍ପସ୍ ତାଲିମ ପ୍ରଦାନ କରାଯିବ। ପରେ ସାର୍ଟିଫିକେଟ୍ ପ୍ରଦାନ ଦିଆଯିବ। ୩ମାସର ବ୍ୟବଧାନ ପରେ ଏସବୁ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ମୂଲ୍ୟାୟନ କରାଯିବାର ବ୍ୟବସ୍ଥା ରହିଛି। ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ପ୍ରକାଶିତ ହେଉଥିବା ଖାଦ୍ୟ ସୁରକ୍ଷା ଇଣ୍ଡେକ୍ସରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଗୋଟିଏ ବର୍ଷରେ ଓଡ଼ିଶା ୯ଟି ସ୍ଥାନ ଉପରକୁ ଉଠିବାରେ ସକ୍ଷମ ହୋଇପାରିଛି। ଏହି ସଫଳତା ସତ୍ତ୍ୱେ ରାଜ୍ୟରେ ଏବେ ବି ଖାଦ୍ୟ ସୁରକ୍ଷାର ଭିତ୍ତିଭୂମି ଓ ନିରୀକ୍ଷଣ ଦୁର୍ବଳ ରହିଛି। ଆବଶ୍ୟକ ସଂଖ୍ୟକ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଭାବ ରହିଛି। ରାଜ୍ୟରେ ଆଉ ୩୫ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲେ ହେଁ ତାହା ବିଳମ୍ବ ହେବାରେ ଲାଗିଛି। ଏପରିକି ଭୁବନେଶ୍ୱରରେ ଶତାଧିକ ଖାଦ୍ୟାନୁଷ୍ଠାନ ଗଢ଼ି ଉଠିଥିବା ବେଳେ ଏସବୁର ଯାଞ୍ଚ କରିବା ଲାଗି ଜଣେ ମାତ୍ର ଖାଦ୍ୟ ସୁରକ୍ଷା ଅଧିକାରୀ ରହିଛନ୍ତି। ଅଧିକାରୀଙ୍କୁ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର ଯାଞ୍ଚ ଦାୟିତ୍ୱ ଦିଆଯାଇଛି। କଟକରେ ଲଗାତାର ଭାବେ ଚଢ଼ାଉ କରାଯିବା ଫଳରେ ବହୁ ସଂଖ୍ୟାର ଅପମିଶ୍ରିତ ଖାଦ୍ୟ ସାମଗ୍ରୀକୁ ଠାବ କରାଯାଇଛି। ମାତ୍ର ରାଜଧାନୀରେ ଏଭଳି ଚଢ଼ାଉ କରାଯାଉ ନାହିଁ। ବିଶେଷକରି ସଂଧ୍ୟାରେ ରାଜଧାନୀରେ ଥିବା ଅନେକ ଖାଦ୍ୟାନୁଷ୍ଠାନ ଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ହେଲେ ନିୟମିତ ଚଢ଼ାଉ ହେଉ ନ ଥିବାରୁ ଏସବୁ କେନ୍ଦ୍ରରେ ଲୋକଙ୍କୁ ଦିଆଯାଉଥିବା ଖାଦ୍ୟର ମାନ କ'ଣ ତାହା ସନ୍ଦେହରେ ରହିଛି।

# ଟିପିଏସ୍‌ଓଡିଏଲ୍ ଉପରେ ବର୍ଷିଲା ଶକ୍ତି ବିଭାଗ: ସରକାର ସବୁ ସୁବିଧା କଲେ, ପୁଣି ୪୧% କ୍ଷତି କାହିଁକି?

ଭୁବନେଶ୍ୱର ,୨୪/୨ (ନି.ପ୍ର): ଗତ ୫ ବର୍ଷ ମଧ୍ୟରେ କେବଳ ଟିପିଏସ୍ ଓଡିଏଲ୍ ଅଞ୍ଚଳରେ ୩୫୦୦ କୋଟି ଟଙ୍କା ଭିତ୍ତିଭୂମି ଉନ୍ନତିରେ ସରକାର ଖର୍ଚ୍ଚ କରିଛନ୍ତି। ଟିପିଏସ୍‌ଓଡିଏଲ୍ ପାଇଁ ବିଏସ୍‌ପି ମଧ୍ୟ ସର୍ବନିମ୍ନ ରହିଛି ତାହା ହେଉଛି ୟୁନିଟ୍ ପିଛା ୨.୦୭ ପଇସା। ଉପଭୋକ୍ତାଙ୍କ ମୁଣ୍ଡରୁ ବୋଝ କମାଇବା ପାଇଁ ଏହା ପରୋକ୍ଷରେ ଏକ ରିହାତି କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ସେଠାରେ ଏବେ ବି ୪୧.୧୯ ପ୍ରତିଶତ ଏଟି ଆଣ୍ଡ ସି କ୍ଷତି ହେଉଛି। ଏହା ସମଗ୍ର ରାଜ୍ୟରେ ସର୍ବାଧିକ; ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ବିଲିଂ ଓ ବିଲ୍ ଆଦାୟ କ୍ଷେତ୍ରରେ ସଂସ୍ଥା ମଧ୍ୟ ଦୁର୍ବଳ। ଏଣୁ ଏହି କ୍ଷେତ୍ରରେ ସଂସ୍ଥା ଉନ୍ନତି ଆଣୁ। ବିଏସ୍‌ପି କମା ନ ଯାଉ କିମ୍ବା ଉପଭୋକ୍ତାଙ୍କ ପାଇଁ ଦର ବୃଦ୍ଧି ନ ହେଉ। ଇମ୍ଫା ଓ ନାଲ୍‌କୋ ଗ୍ରିଡ୍‌କୋର ଉପଭୋକ୍ତା ହୋଇ ରହିଛନ୍ତି। କମିସନ ମଧ୍ୟ ଏହି ମାମଲାର ବିଚାର କରିସାରିଛନ୍ତି। ଏଣୁ ଏହି ମାମଲା ପୁନଃ ବିଚାର ପାଇଁ ଟିପିଏସ୍‌ଓଡିଏଲ୍ ଯେଉଁ ଆବେଦନ କରିଛି ତାହା ବାତିଲ କରାଯିବ ଉଚିତ। ଓଇଆରସିରେ ଚାଲିଥିବା ଟିପିଏସ୍‌ଓଡିଏଲ(ଟାଟା ପାୱାର ସଦର୍ଣ୍ଣ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍)ର ଶୁଳ୍କ ବୃଦ୍ଧି ଆବେଦନର ଶୁଣାଣି ବେଳେ ବୁଧବାର ଅନ୍ୟତମ ଅବ୍‌ଜେକ୍ଟର ଭାବେ ଯୋଗଦେଇ ରାଜ୍ୟ ଶକ୍ତି ବିଭାଗ ଟିପିଏସ୍‌ଓଡିଏଲ୍ ଉପରେ ବର୍ଷିଥିଲା। ସେହିଭଳି ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ କହିଥିଲେ ଯେ ଆବଣ୍ଟନ କମ୍ପାନିମାନେ ସେମାନଙ୍କର ବୈଷୟିକ ଓ ବାଣିଜ୍ୟିକ କ୍ଷତି (ଟି ଆଣ୍ଡ ସି) କମାଉ ନାହାନ୍ତି। ବରଂ ଉପଭୋକ୍ତାଙ୍କ ଉପରେ ବିଜୁଳି ଦରବୃଦ୍ଧିର ବୋଝ ଲଦି ଚାଲିଛନ୍ତି। ଉପଭୋକ୍ତାଙ୍କ ମୁଣ୍ଡରୁ ବୋଝ କମାଇବାକୁ ହେଲେ ଏହି କ୍ଷତି କମ୍ କରିବା ହିଁ ଏକମାତ୍ର ବିକଳ୍ପ। ଆବଶ୍ୟକ ଭିତ୍ତିଭୂମି ଥାଇ ସୁଦ୍ଧା କାହିଁକି ଏହି କ୍ଷତି ହେଉଛି ସଂସ୍ଥାମାନେ ତାହାର ହିସାବ ଦେବା ପାଇଁ ସେ କହିଛନ୍ତି। ବର୍ଷ ବର୍ଷ ଧରି ଆବଣ୍ଟନ କମ୍ପାନିମାନେ ଟି ଆଣ୍ଡ ସି କ୍ଷତି ୨୧ ପ୍ରତିଶତରୁ ଊର୍ଦ୍ଧ୍ୱ ଦେଖାଇ ଆସୁଛନ୍ତି। ପ୍ରତି ବର୍ଷ ନିର୍ଦ୍ଧାରିତ ହେଉଥିବା ବିଜୁଳି ଦର ପାଇଁ ଓଇଆରସି ଯେଉଁ ସର୍ତ୍ତଗୁଡ଼ିକ ରଖୁଛନ୍ତି, ସେ ଲକ୍ଷ୍ୟ ହାସଲ ଦିଗରେ କମ୍ପାନିମାନେ କଣ କରିଛନ୍ତି ତାହାର ସମୀକ୍ଷା ହେଉନାହିଁ। କମିସନଙ୍କ ଦ୍ୱାରା ପ୍ରତିବର୍ଷ ଧାର୍ଯ୍ୟ ହେଉଥିବା ସର୍ତ୍ତଗୁଡ଼ିକ ପୂରଣ କରିବାରେ କମ୍ପାନିଗୁଡ଼ିକ କେତେ ସଫଳ ବା ବିଫଳ ହେଲେ ଶୁଳ୍କ ଧାର୍ଯ୍ୟ ପୂର୍ବରୁ ତାହାର ସମୀକ୍ଷା ହେଉନାହିଁ। ତେଣୁ ବାସ୍ତବତା ଅପେକ୍ଷା କେବଳ ଆକଳନ ଆଧାରରେ ପ୍ରତିବର୍ଷ ବିଦ୍ୟୁତ ଦର ଧାର୍ଯ୍ୟ କରାଯାଉଛି। ପରିଣାମ ସ୍ୱରୂପ ଟି ଆଣ୍ଡ ସି କ୍ଷତିର ବୋଝ ଉପଭୋକ୍ତା ମୁଣ୍ଡାଉଛି। ନିୟମିତ ବିଲ୍ ଦେବା ସତ୍ତ୍ୱେ ଜଣେ ସାଧୁ ଉପଭୋକ୍ତା ଗୁଣାତ୍ମକ ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛି। ଟାଟା ଭଳି ଏକ ସମ୍ଭ୍ରାନ୍ତ ସଂସ୍ଥା ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବାରୁ ଆଗାମୀ ଦିନରେ ଟି ଆଣ୍ଡ ସି କ୍ଷତି ନିୟନ୍ତ୍ରଣ ସହ ସୁପରିଚାଳନା କଲେ ବିଦ୍ୟୁତ ସଂସ୍କାରର ସୁଫଳ ଉପଭେକ୍ତା ପାଇପାରିବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ। ଅନ୍ୟତମ ଅବ୍‌ଜେକ୍ଟର ରମେଶ ଶତପଥୀ କହିଥିଲେ, ମରାମତି ବାବଦରେ ଟିପିଏସ୍‌ଓଡିଏଲ୍ ୧୩୭ କୋଟି ଟଙ୍କା ଖର୍ଚ୍ଚ ଅନୁମୋଦନ ଦାବି କରିଛି। ୨୦୧୯ ମସିହାରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ନିମନ୍ତେ ସରକାରୀ ପାଣ୍ଠିରୁ ୨୦ ହଜାର କୋଟି ଟଙ୍କା ବ୍ୟୟ କରାଯାଇଥିଲା। ମାତ୍ର ୩ ବର୍ଷ ମଧ୍ୟରେ ନିର୍ମିତ ଭିତ୍ତିଭୂମି କିଭଳି ଅଦରକାରୀ ହୋଇପଡ଼ିଲା ଏହାର ମରାମତିରେ କେବଳ କମ୍ପାନି ୧୩୭ କୋଟି ଖର୍ଚ୍ଚ କରିଦେଲା ଏହାର ତଦନ୍ତ ହେଉ ବୋଲି ସେ ଦାବି କରିଥିଲେ। ପ୍ରଦୂଷଣ ମୁକ୍ତ ସବୁଜ ଶକ୍ତି ଉତ୍ପାଦନରେ ରାଜ୍ୟର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କ୍ଷୋଭ ପ୍ରକାଶ କରି ଅଶୋକ ନନ୍ଦ କହିଥିଲେ, ଏହା ଶସ୍ତା ବିଦ୍ୟୁତ ହୋଇଥିଲେ ମଧ୍ୟ ଉତ୍ପାଦନକାରୀକୁ ପ୍ରୋତ୍ସାହିତ କରିବା ପାଇଁ ଆଶାନୁରୂପ ପଦକ୍ଷେପ ନିଆ ନଯିବା ଦୁର୍ଭାଗ୍ୟଜନକ। ବିଭିନ୍ନ କଟକଣା ଯୋଗୁ ଘରୋଇ କମ୍ପାନିମାନେ ଏ ଦିଗରେ ଆଗ୍ରହ ପ୍ରକାଶ କରୁନଥିବାରୁ ସରକାର କଟକଣାମୁକ୍ତ ବ୍ୟବସ୍ଥା କଲେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇ ପାରନ୍ତା। କୃଷି କ୍ଷେତ୍ରରେ ମାତ୍ର ୩ ପ୍ରତିଶତ ବିଦ୍ୟୁତ ବ୍ୟବହାର ହେଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିଭଳି ପ୍ରିୟବ୍ରତ ସାହୁ, ଅକ୍ଷୟ କୁମାର ସାହାଣୀ ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ, ଆର ମହାପାତ୍ର, କେ ପ୍ରଭାକର ଚୋଡା, ଗ୍ରାହକ ପଞ୍ଚାୟତ, ଆନନ୍ଦ ମାହପାତ୍ରଙ୍କ ଭଳି ୧୩ ଜଣ ଅବ୍‌ଜେକ୍ଟର ସାମିଲ ହୋଇ ଟିପିଏସ୍‌ଓଡିଏଲ୍‌ର ଆବେଦନ ଖାରଜ କରିବାକୁ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜସ୍ୱ ବୃଦ୍ଧି ନେଇ ଓଇଆରସି ନିକଟରେ ହୋଇଥିବା ଆବେଦନର ଶୁଣାଣି ଭର୍ଚୁଆଲ୍‌ରେ ଚାଲିଛି। ଆଜି ଟିପିଏସ୍‌ଓଡିଏଲ୍‌ର ଆବେଦନ ଉପରେ ଶୁଣାଣି ହୋଇଥିଲା।



# ସିଡବ୍ଲ୍ୟୁସିର କୈଫିୟତକୁ ନେଇ ତୀବ୍ର ପ୍ରତିବାଦ: ଷ୍ଟାଣ୍ଡିଂ କମିଟି ବୈଠକରେ ଗର୍ଜିଲେ ସାଂସଦ ସୁବାସ ସିଂହ



ଭୁବନେଶ୍ୱର ,୨୪/୨ (ନି.ପ୍ର): ଓଡ଼ିଶା ଜଳ ସଂପଦ ବିଭାଗକୁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ମାଗିଥିବା କୈଫିୟତକୁ ନେଇ ତୀବ୍ର ପ୍ରତିବାଦ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ସୁବାସ ଚନ୍ଦ୍ର ସିଂହ। ସଂସଦ ଭବନ ଆନେକ୍ସରେ ଗତକାଲି ଅନୁଷ୍ଠିତ ଜଳ ସଂପଦ ବିଭାଗ ସଂସଦୀୟ ଷ୍ଟାଣ୍ଡିଂ କମିଟି ବୈଠକରେ ଶ୍ରୀ ସିଂହ ଏହି ପ୍ରସଙ୍ଗକୁ ନେଇ ସିଡବ୍ଲ୍ୟୁସି ଅଧ୍ୟକ୍ଷ ରାକେଶ କୁମାର ଗୁପ୍ତାଙ୍କୁ ଓଡ଼ିଶାର ସ୍ୱାର୍ଥକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଥିଲେ।

ସୂଚନା ମୁତାବକ, ଛତିଶଗଡ଼ର ଏକ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ ହୀରାକୁଦ ଜଳଭଣ୍ଡାରର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ଛତିଶଗଡ଼ର ୫ଟି ଜିଲ୍ଲାରେ କୋଟି କୋଟି ଟଙ୍କାର ଚାଷ ଜମି ତଥା ଫସଲ କ୍ଷୟକ୍ଷତି ହେଉଛି। ବିଶ୍ୱବିଦ୍ୟାଳୟର ଏହି ରିପୋର୍ଟକୁ ଛତିଶଗଡ଼ ସରକାର ସିଡବ୍ଲୁସି ନିକଟକୁ ପଠାଇଥିଲେ। ଏହି ଆଧାରରେ ସିଡବ୍ଲୁସି ଓଡ଼ିଶା ଜଳ ସଂପଦ ବିଭାଗକୁ କୈଫିୟତ ତଲବ କରିଥିଲେ। ଷ୍ଟାଣ୍ଡିଂ କମିଟି ବୈଠକରେ ସାଂସଦ ଶ୍ରୀ ସିଂହ ସମସ୍ତ କେନ୍ଦ୍ରୀୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ଏହି ପ୍ରସଙ୍ଗକୁ ନେଇ ସିଡବ୍ଲୁସି ଅଧ୍ୟକ୍ଷ ଡ. ଗୁପ୍ତାଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଥିଲେ। ଶ୍ରୀ ସିଂହ କହିଲେ, ଅଣମୌସୁମୀ ସମୟରେ ମହାନଦୀରେ ଓଡ଼ିଶାକୁ ୩ ପ୍ରତିଶତ ଜଳସ୍ରୋତ ହ୍ରାସ ସମ୍ପର୍କରେ ଛତିଶଗଡ଼କୁ କାହିଁକି ପ୍ରଶ୍ନ କରାଯାଉ ନାହିଁ। ଛତିଶଗଡ଼ରେ ୫୧୬ଟି ଚେକ୍‌ଡ୍ୟାମ୍, ୮ଟି ବୃହତ ଓ ୨୯ଟି ମଧ୍ୟମ ଧରଣର ନଦୀବନ୍ଧ ପ୍ରକଳ୍ପ ଚାଲୁଥିବା ବେଳେ ସିଡବ୍ଲୁସି ଓଡିଶାକୁ କାହିଁକି ଅନ୍ଧକାରରେ ରଖିଥିଲେ। ଶ୍ରୀ ସିଂହ ଏହାର ଉତ୍ତର ସିଡବ୍ଲୁସି ଅଧ୍ୟକ୍ଷଙ୍କ ଠାରୁ ଚାହିଁଥିଲେ। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ବୈଠକ ୩୯ ଥର ବସି ସାରିଥିବା ବେଳେ ଏ ଭଳି ଚିଠି ଓଡ଼ିଶାକୁ ଲେଖିବା ଠିକ୍ ନୁହେଁ ବୋଲି ସେ କହିବା ସହିତ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଲିଖିତ ବିବରଣୀ ଦେବାକୁ ଦାବି କରିଥିଲେ। ସାଂସଦ ଶ୍ରୀ ସିଂହଙ୍କ ଅଭିଯୋଗ ଓ ଉଦ୍‌ବେଗକୁ ଗୁରୁତର ସହ ନେଇଛନ୍ତି ସଂସଦୀୟ ଷ୍ଟାଣ୍ଡିଂ କମିଟି। ୭ ଦିନ ମଧ୍ୟରେ ଉଠାଯାଇଥିବା ପ୍ରସଙ୍ଗର ଲିଖିତ ଉତ୍ତର ତାଙ୍କୁ ଦେବାକୁ ଷ୍ଟାଣ୍ଡିଂ କମିଟି ସିଡବ୍ଲୁସିକୁ ନିର୍ଦ୍ଦେଶ ଦେଇଥିବା ସାଂସଦ ଶ୍ରୀ ସିଂହ ସୂଚନା ଦେଇଛନ୍ତି।

# ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବ ଦୁଇ ଦିନିଆ ମନ୍ତ୍ରୀସ୍ତରୀୟ ସମ୍ମିଳନୀ

## ୨୫-୨୬ ଫେବୃଆରୀରେ କୋଣାର୍କ ଓ ଭୁବନେଶ୍ୱରରେ ଅନୁଷ୍ଠିତ ହେବ

ଭୁବନେଶ୍ୱର, ୨୩/୦୨ (ନି.ପ୍ର): ବିଭିନ୍ନ ରାଜ୍ୟର ଖଣି ଓ ଇସ୍ପାତ ମନ୍ତ୍ରୀମାନଙ୍କର ଏକ ମନ୍ତ୍ରୀସ୍ତରୀୟ ସମ୍ମିଳନୀ କୋଣାର୍କ ଓ ଭୁବନେଶ୍ୱର ଠାରେ ଆୟୋଜନ ହେବ । ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ୨୫ରୁ ୨୬ ଫେବୃଆରୀ, ୨୦୨୨ରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଆସନ୍ତା ୨୫ ତାରିଖ ଶୁକ୍ରବାର ଦିନ କୋଣାର୍କ ଠାରେ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଫଗନ ସିଂ କୁଲସ୍ତେ ଯୋଗଦେବେ । ଏଥିରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରୀ, ବିଭିନ୍ନ ରାଜ୍ୟର ଖଣି ଓ ଶିଳ୍ପ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ରାଷ୍ଟ୍ରାୟତ୍ତ ଇସ୍ପାତ କମ୍ପାନୀର ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଏଥିରେ ଇସ୍ପାତ ଓ ଖଣି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବିଷୟ ବିଶେଷ କରି ରାଜ୍ୟମାନଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା ହେବ । ଏହାପରେ ୨୬ ଫେବୃଆରୀ, ଶନିବାର ଦିନ ଭୁବନେଶ୍ୱର ଠାରେ ସ୍ଥାନୀୟ ଶିଳ୍ପ ଜଗତର ପ୍ରତିନିଧିମାନଙ୍କ ସହିତ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏଥିରେ ଯୋଗଦେବେ । ଏହି ଅବସରରେ 'ଦ୍ୱିତୀୟକ ଇସ୍ପାତ କ୍ଷେତ୍ରରେ ରହିଥିବା ସମସ୍ୟା ଏବଂ ଆବଶ୍ୟକ ନୀତିଗତ ହସ୍ତକ୍ଷେପ' ବିଷୟବସ୍ତୁକୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହେବ। ବିଶେଷ କରି ଇସ୍ପାତ କ୍ଷେତ୍ର ପାଇଁ ପିଏଲଆଇ ଯୋଜନା ଉପରେ ଏକ ଉପସ୍ଥାପନା ଦିଆଯିବ । ସମ୍ମିଳନୀ ପାଇଁ ଅତିଥିମାନେ ୨୪ ତାରିଖରେ ଓଡ଼ିଶାରେ ପହଞ୍ଚି କୋଣାର୍କ ଓ ପୁରୀ ଶ୍ରୀ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ପୂର୍ବତନ ସାଂସଦଙ୍କ ମାତୃ ବିୟୋଗରେ ଶୋକ

ଲଙ୍ଗଳେଶ୍ୱର, ୨୪/୨ (ନି:ପ୍ର) ବିଶିଷ୍ଟ ସମାଜସେବୀକା ତଥା ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନାଙ୍କ ମାଆ ସୁଧାମଣୀ ଜେନାଙ୍କ ଆଜି ପରଲୋକ ହୋଇଯାଇଛି । ବାଲେଶ୍ୱରରୁ ତାଙ୍କ ମରଶରୀରକୁ ଅଣାଯାଇ ସିଂଲା ଥାନା ଅନ୍ତର୍ଗତ ନାଡବଣି ଗ୍ରାମ ଠାରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି। ସେ ଅତ୍ୟନ୍ତ ଶ୍ରଦ୍ଧାଳୁ ଓ ଜନବତ୍ସଳ ହୋଇଥିବାରୁ ଗ୍ରାମରେ ଏକ ଶ୍ୱାକାକୁଳ ପରିବେଶ ସୃଷ୍ଟି ହେବା ସହ ଲଙ୍ଗଳେଶ୍ୱର ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି । ଶହ ଶହ ଲୋକ ସୁଧାମଣିଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ବିଜୁ କୃଷକ ଜନତା ଦଳର ସଭାପତି ଅଜୟ କୁମାର ସାମଲ, ପ୍ରଫେସର ଶତ୍ରୁଘନ ମଲିକ, ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷ ଅଶ୍ୱିନୀ ଜେନା, ଯୁବନେତା ତୁଷାରକାନ୍ତ ବେହେରା, ବହୁ ବରିଷ୍ଠ ବିଜେଡି ନେତା ଗଭିର ଶୋକ ପ୍ରକାଶ କରିଛନ୍ତି।

## ସାମ୍ବାଦିକ ମନୋଜ କୁମାର ଭୂୟାଁ ଅସୁସ୍ଥ : ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର ୨୪/୨(ନିପ୍ର) : ଗ୍ରାମାଞ୍ଚଳର ସାମ୍ବାଦିକ ଜଣକ କୌଣସି ଦୈବି ଦୁର୍ବିପାକ ଓ ଦୁର୍ଘଟଣା ସକାଳେ ଖବର ଅନ୍ୱେଷଣରେ ଲାଗି ବାହାରି ଯାଆନ୍ତି ଦୂର ସ୍ଥାନକୁ। ଖାଇବା, ବିଶ୍ରମ, ସ୍ନାନ ଇତ୍ୟାଦିରେ ନ ଥାଏ କାର୍ଯ୍ୟ ନିର୍ଘଣ୍ଟ । ସେପରି ଜଣେ ସାମ୍ବାଦିକ ଜଳେଶ୍ୱରର ମନୋଜ କୁମାର ଭୂୟାଁ । ଆଜି ପୂର୍ବାହ୍ନରେ ସମ୍ବାଦ ସଂଗ୍ରହ ବେଳେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ଜିକେଭଟ୍ଟର ହସ୍‌ପିଟାଲଏରେ ଭର୍ତ୍ତି କରିଥିଲେ । କିନ୍ତୁ ଅବସ୍ଥା ଗୁରୁତର ହେବାରୁ ପରିବାର ଓ ଗାଁଲୋକେ ବାଲେଶ୍ୱର ବଡଡାକ୍ତରଖାନାକୁ ନେଇଥିଲେ। ସମ୍ବାଦ ଲେଖା ହେବା ବେଳକୁ ସେ ଭେଷଜ ବିଭାଗର ୫ନଂ ବେଡ୍‌ରେ ଚିକିତ୍ସା ହେଉଥିବା ଜଣାଯାଇଛି । ତାଙ୍କର ଆଶୁ ସୁସ୍ଥ କାମନା କରି ବହୁ ସାମ୍ବାଦିକ ଓ ସମାଜସେବି ବାର୍ତ୍ତା ପ୍ରେରଣ କରୁଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୧ ଗିରଫ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଓଡ଼ିଶା ପୋଲିସ ଗତ ୨୪ ଘଂଟାରେ ୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୦୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୭୯,୭୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ମେଳା ଅନୁଷ୍ଠିତ

## ବିଭିନ୍ନ ସଂସ୍ଥାରେ ୧୪୫ ଜଣ ଦିବ୍ୟାଙ୍ଗଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର, ୨୩/୦୨ (ନି.ପ୍ର): ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଭୁବନେଶ୍ୱର ଠାରେ ଆୟୋଜିତ ହୋଇଯାଇଛି । ଦିବ୍ୟାଙ୍ଗଙ୍କ ପାଇଁ ଜାତୀୟ କ୍ୟାରିଅର ସେବା କେନ୍ଦ୍ର (ଏନସିଏସସିଡିଏ), ଭୁବନେଶ୍ୱର, ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏବଂ ଭୁବନେଶ୍ୱରସ୍ଥିତ ଡକ୍ଟର ରେଡ୍ଡିଜ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଇଥିଲା। ଖଣ୍ଡଗିରି ଗଣ୍ଡମୁଣ୍ଡାସ୍ଥିତ ଏନସିଏସସିଡିଏର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ରିଲାଏନ୍ସ ସିକ୍ୟୁରିଟିଜ୍ ଲିମିଟେଡ, ଲେମନ୍ ଟ୍ରି ହୋଟେଲ୍ସ, ବିପିଓ କନଭର୍ଜେନ୍ସ, ପାରାମିଟର ସଫ୍ଟୱେର ପ୍ରାଇଭେଟ୍ ଲିମିଟେଡ୍, ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡ୍ ଆଦି ୧୩ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ। ନିଯୁକ୍ତି ମେଳାରେ ବାକ୍‌ଶକ୍ତି ଓ ଶ୍ରବଣଶକ୍ତି ବାଧିତ, ଚାଲିବାକୁ ଅକ୍ଷମ ଦିବ୍ୟାଙ୍ଗମାନେ ସାକ୍ଷାତକାର ଦେଇଥିଲେ। ଶିବିରରେ ୧୮ରୁ ୩୫ ବର୍ଷ ବୟସ୍କ ମୋଟ୍୧୬୮ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ୧୪୫ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। ଏହି ନିଯୁକ୍ତି ମେଳାରେ ରାଜ୍ୟ ଦିବ୍ୟାଙ୍ଗ ଆଯୁକ୍ତ ଶ୍ରୀମତୀ ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏପରି ନିଯୁକ୍ତି ମେଳା ବର୍ତ୍ତମାନ ସମୟର ଆବଶ୍ୟକତା ଏବଂ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏଭଳି ଶିବିର ଆୟୋଜନ କରାଯିବା ଉଚିତ୍ । ଭୁବନେଶ୍ୱର ଏନସିଏସସିଡିଏର ଅତିରିକ୍ତ ନିର୍ଦ୍ଦେଶକ (ନିଯୁକ୍ତି) ଶ୍ରୀ ସୁଜିତ କୁମାର ସାହୁ, ମନସ୍ତତ୍ତ୍ୱବିତ୍ ଶ୍ରୀମତୀ ସୋନାଲିକା ସୁମନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଭୁବନେଶ୍ୱରସ୍ଥିତ ଡକ୍ଟର ରେଡିଜ୍ ଫାଉଣ୍ଡେସନର ଶ୍ରୀ ଅମିତ କୁମାର ଦାଶ, ଖୋର୍ଦ୍ଧା ଜିଲ୍ଲା ନେହରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ବିପିନ କୁମାରଙ୍କ ସମେତ ସ୍ୱେଚ୍ଛାସେବୀମାନେ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଶେଷରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସାହୁ ଶିବିରରେ ଯୋଗ ଦେଇଥିବା ସମସ୍ତ ନିଯୁକ୍ତିଦାତାମାନଙ୍କୁ ପ୍ରମାଣପତ୍ର ବାଣ୍ଟିଥିଲେ ଏବଂ ଶିବିରରେ ଅଂଶଗ୍ରହଣ କରିବା ଲାଗି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଧାମନଗରରେ ନିର୍ବାଚନୀ ହିଂସା : ଥାନା ସମ୍ମୁଖରେ ଧାରଣାରେ ବସିଲେ ସମର୍ଥକ

ଧାମନଗର, ୨୩/୦୨ (ନି.ପ୍ର): ଧାମନଗର ବ୍ଲକର ତ୍ରିସ୍ତରୀୟ ନିର୍ବାଚନ ପାଇଁ ୩୧ ଗୋଟି ପଞ୍ଚାୟତରେ ଆଜି ସକାଳୁ ମତଦାନ ଆରମ୍ଭ ହୋଇଥିଲା। ମାତ୍ର କେତେଗୋଟି ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ସମସ୍ତ ପଂଚାୟତ ସୁରୁଖୁରୁରେ ମତଦାନ ହୋଇଛି ।ଖବର ମୁତାବକ ପଧାନୀ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥି ଶରତ ଚନ୍ଦ୍ର ସାହୁ ଓ କିଛି ସମର୍ଥକ ମିଶି ବୁଥ ନ.୨ କୁ ଯାଉଥିବା ସମୟରେ ଉପସ୍ଥିତ ଥିବା କିଛି ଲୋକ ସଙ୍ଘବଦ୍ଧ ଭାବେ ମାରଣାନ୍ତକ ଆକ୍ରମଣ କରିବା



ଦ୍ୱାରା ଶ୍ରୀ ସାହୁଙ୍କ ସମେତ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ସହ ଧାମନଗର ଥାନାରେ ଏତଲା ଦେଇଛନ୍ତି । ଖବର ପାଇ ସହ ସହ ସମର୍ଥକ ଥାନାରେ ପହଞ୍ଚି ଆକ୍ରମଣ କରିଥିବା ଲୋକଙ୍କୁ ଗିରଫ କରିବାକୁ ଦାବି କରି ଥାନା ଭିତରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନା ଅଧିକାରୀଙ୍କ ସହ ଆଲୋଚନା ପରେ କୌଣସି ନିଷ୍କର୍ଷ ନବାହାରିବାରୁ ସହ ସହ ସମର୍ଥକ ଥାନା ଗେଟ ଭିତରୁ ବାହାରି ଥାନା ସାମ୍ନାରେ ଧାରଣା ବସିଛନ୍ତି।

## ପର୍ଯ୍ୟବେକ୍ଷକଙ୍କର ଗଣତି କେନ୍ଦ୍ର ପରିଦର୍ଶନ ଓ ସମୀକ୍ଷା

କେନ୍ଦ୍ରାପଡ଼ା, ୨୪/୦୨ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନର ଶେଷ ଦିନରେ କେନ୍ଦ୍ରାପଡାର ପର୍ଯ୍ୟବେକ୍ଷକ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝି (ଆଇଏସ୍) ମହାକାଳପଡା ବ୍ଲକର ବିଭିନ୍ନ ଭୋଟ କେନ୍ଦ୍ର ବୁଲି ଦେଖିବା ସହ ବାୟାବାବା କଲେଜରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ପହଁଚି ତନଖି କରିଥିଲେ । ଗଣତି କେନ୍ଦ୍ରରେ ସମସ୍ତ ପ୍ରକାର ଆଲୋକୀକରଣ, ପାନୀୟ ଜଳ ଓ ଶୌଚାଳୟ ବୁଲି ଦେଖିବା ସହ ବରୀଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ୨ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମାହାଲିକ, ମହାକାଳପଡା ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳେଶ୍ୱର ପାଇଁ ୧୩୫ କର୍ମଚାରୀ : ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ହେବ ଗଣନା

ଜଳେଶ୍ୱର, ୨୪/୨(ନିପ୍ର) : ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନ ଗତ ୧୬ ତାରିଖରେ ଶେଷ ହୋଇଥିଲେ ମଧ୍ୟ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଆଉ ଗୋଟିଏ ଦିନପରେ ଭୋଟ ଗଣତି ଆରମ୍ଭ ହେବା ଏଥିପାଇଁ ବ୍ଲକ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି । ୧୩୫ ଜଣ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବେଳେ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ୮ଟି ଟେବୁଲରେ ଏହି ଗଣତି ଆରମ୍ଭ ହେବ ବୋଲି ଜଣାଯାଇଛି । ୨୬ ତାରିଖ ୮ଟା ସମୟରେ ଜଳେଶ୍ୱର ବ୍ଲକର ୭ନଂ ଜିଲାପରିଷଦ ଜୋନ୍‌ର ଗଣତି ଦିନକୃଷ୍ଣ କଲେଜ ପରିସରରେ ହେବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ୨୬ ତାରିଖରେ ୩୮ଜଣ କର୍ମଚାରୀ ଏଂହି ଗଣତି କାର୍ଯ୍ୟରେ ନିୟୋଜିତ ଥିବା ବେଳେ ରାଜ୍ୟ ନିର୍ବାଚନ କମିସନର ପର୍ଯ୍ୟବେକ୍ଷକ ଜ୍ୟୋତିରଂଜନ ପ୍ରଧାନ ଉପସ୍ଥିତ ରହିବ । ୨୭ ତାରିଖରେ ୮ନଂ ଜିଲାପରିଷଦ ଜୋନ୍ ଭୋଟ ୮ଟି ଟେବୁଲରେ ଗଣତି ହେବ । ଏହି ୨ ଦିନରେ ମୋଟ ୧୬ଟି ପଂଚାୟତ ଗଣତି ହେବାକୁ ଥିବା ବେଳେ ବର୍ଣ୍ଣମାଳା କ୍ରମାଙ୍କ ଅନୁଯାୟୀ ପଂଚାୟତ ଗୁଡିକର ଗଣତି ହେବ ବୋଲି ଜଣାଯାଇଛି । ୨୮ ତାରିଖରେ ୯ନଂ ଓ ୧୦ନଂ ଜିଲାପରିଷଦ ଜୋନ୍‌ର ଗଣନା ଲାଗି ୧୯ଟି ଟେବୁଲରେ ୭୬ କର୍ମଚାରୀଙ୍କ ନିୟୋଜିତ କରାଯାଇଛି । ରାଜ୍ୟ ପର୍ଯ୍ୟପର୍ଯ୍ୟବେକ୍ଷକଙ୍କ ସହିତ ବିଡିଓ ଅଶ୍ୱିନୀ କୁମାର ଦାସ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଜିପିଇଓ ମାୟାଧର ମଲ୍ଲିକ ଓ ସିପି ସୁଜିତ୍ ଜେନା, ମଂଗଳ ସମ୍ପ୍ରସାରଣ ଅଧିକାରୀ ସୁଜୟ ଚନ୍ଦ ଉପସ୍ଥିତ ରହିବେ । ସେମାନଙ୍କ ସହିତ ୱାର୍ଡ ସଭ୍ୟ, ସରପଂଚ ପ୍ରାର୍ଥୀ, ସମିତି ସଭ୍ୟ ପ୍ରାର୍ଥୀ, ଜିଲାପରିଦେ ପ୍ରାର୍ଥୀ ଓ ପ୍ରତ୍ୟେକଙ୍କର ଜଣେ ଲେଖାଏଁ ଏଜେଣ୍ଟ ରହିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସରିଲା ନିର୍ବାଚନ : ଶେଷ ପର୍ଯ୍ୟାୟରେ ....

ଅଂଚଳରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି ମତଦାନ । ତେବେ କିଛି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ମତଦାନ ବାଧାପ୍ରାପ୍ତ ହୋଇଛି । ଏ ସଂକ୍ରାନ୍ତରେ ସଂପୃକ୍ତ ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଆସିବା ପରେ ତାହାକୁ ଅନୁଧ୍ୟାନ କରି ପରବର୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ନିର୍ବାଚନ କମିଶନ। ତେବେ ପୁଲିସ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସୁରୁଖୁରରେ ଭୋଟିଂ ପ୍ରକ୍ରିୟା ଶେଷ ହୋଇଛି ବୋଲି ନିର୍ବାଚନ କମିଶନ କହିଛନ୍ତି । ନବରଙ୍ଗପୁରରେ ଏହି ନିର୍ବାଚନ ପ୍ରକ୍ରିୟା ମଧ୍ୟରେ କାର୍ଯ୍ୟରତ ଥିବା ପୁଲିସ କର୍ମଚାରୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ହେତୁ ସମବେଦନା ପ୍ରକାଶ କରିଛନ୍ତି କମିଶନ। ଏଥିସହ ସଂପୃକ୍ତ ପୁଲିସ କର୍ମଚାରୀଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ସମବେଦନାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଶେଷ ପର୍ଯ୍ୟାୟରେ ୨୫ ଜିଲ୍ଲାରେ ୪୮ଟି ବ୍ଲକର ୧୩୧ ଜିଲ୍ଲାପରିଷଦ ଜୋନରେ ଭୋଟଗ୍ରହଣ ହୋଇଛି । ୯୭୫ ଗ୍ରାମ ପଂଚାୟତର ୧୩ ହଜାର ୫୧୪ ବୁଥରେ ମତଦାନ ହୋଇଛି । ୪୧ ଲକ୍ଷ ୮୮ ହଜାରରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ୧୩ ହଜାର ୫୧୪ ବୁଥ ମଧ୍ୟରୁ ୨୦୨୭ଟି ବୁଥ ସମ୍ବେଦନଶୀଳଥିଲା । ଆସନ୍ତା ୨୬ ତାରିଖରୁ ସବୁ ବ୍ଲକରେ ଭୋଟ୍ ଗଣତି ଆରମ୍ଭ ହେବ। ଗଣତି ପ୍ରକ୍ରିୟା ତିନି ଦିନ ଧରି ଚାଲିବ ବୋଲି କମିଶନଙ୍କ ପକ୍ଷରୁ ସ୍ଥିରୀକୃତ ହୋଇଛି।

## ୟୁକ୍ରେନରେ ଲାଗିଲା....

ହାତକୁ ଶାସନର ଭାର ଯାଏ, ଏହି ସମୟରେ ନାଗରିକ ଅଧିକାର ସଙ୍କୁଚିତ ହୁଏ, ନାଗରିକଙ୍କ ସ୍ୱାଧୀନ ବିଚରଣ, ସ୍ୱାଧୀନ ମତପ୍ରକାଶର ଅଧିକାରକୁ ରଦ୍ଦ କରାଯାଏ, ସାଧାରଣ ବୈଠକ, ସଭା, ସମାବେଶ ଉପରେ କଟକଣା ଲାଗେ, ରାଜନୈତିକ ଦଳ ଓ ରାଜନେତାଙ୍କ ଉପରେ କଟକଣା ଲାଗିପାରେ, ୨୦୧୮ରେ ୟୁକ୍ରେନର ୧୦ଟି ଅଂଚଳରେ ସାମରିକ ଆଇନ ଲାଗିଥିଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଜାପାନରେ ସାମରିକ ଆଇନ ଜାରି ହୋଇଥିଲା, ପାକିସ୍ତାନରେ ଆଜି ଯାଏଁ ୪ ଥର ମାର୍ସଲ ଲ' ଲାଗି ସାରିଛି, ରୁଷର ଆକ୍ରମଣ ଓ ଯୁଦ୍ଧର ଘନଘଟା ମଧ୍ୟରେ ଏବେ ଚିନ୍ତାରେ ୟୁକ୍ରେନବାସୀ । ତେବେ ରୁଷର ମୁକାବିଲା କରୁଥିବା ୟୁକ୍ରେନ ସେନାକୁ ଦେଶବାସୀ ଦୃଢ଼ ସମର୍ଥନ କରିଛନ୍ତି ।

## ରାତି ୨ଟାରେ ବିଧାନସଭା....

ପାଇଁ ଏହି ବିଜ୍ଞପ୍ତିକୁ ସୁପାରିଶ ଲାଗି ନିବେଦନ କରାଯାଥିଲା। ଯେହେତୁ ଏହା କ୍ୟାବିନେଟ୍‌?ରେ ପାରିତ ହୋଇଛି ଏବଂ ସାମ୍ବିଧାନିକ (ଧାରା ୧୭୪(୧))ବିଧିବ୍ୟବସ୍ଥା ଜଟିଳତା ରହିଛି ତେଣୁ ଏହାକୁ ସମ୍ମାନ ଜଣାଇ ରାଜ୍ୟପାଳ ଦସ୍ତଖତ କରିଛନ୍ତି। ତେବେ ପରେ ଟାଇମିଂକୁ ନେଇ ରାଜ୍ୟପାଳ ଆପତ୍ତି ଉଠାଇଥିଲେ। ଏନେଇ ଫେବୃଆରୀ ୧୯ରେ ରାଜ୍ୟପାଳ ଏକ ଟ୍ୱିଟ୍ କରିଥିଲେ। ତେବେ ଏହା ଏକ ଟାଇପିଂ ଜନିତ ତ୍ରୁଟି ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଥିଲେ । ଏହା ୨ଏମ ନୁହେଁ ୨ ପିଏମ ବୋଲି କୁହାଯାଇଥିଲା। ଟାଇମିଂକୁ ନେଇ ରାଜ୍ୟପାଳ ଏ ସମ୍ପର୍କରେ ବେଙ୍ଗଲ ମୁଖ୍ୟ ଶାସନ ସଚିବଙ୍କୁ ଅଲୋଚନା ପାଇଁ ଡାକିଥିଲେ। କିନ୍ତୁ ସେ ଏହାର ଉଚିତ୍ ଉତ୍ତର ରଖିପାରି ନଥିଲେ। ଯହେତୁ କ୍ୟାବିନେଟ୍ ନିଷ୍ପତ୍ତି ଏକ ସାମ୍ବିଧାନିକ ଅଧିକାର ତେଣୁ ସେ ବିଜ୍ଞପ୍ତି ଉପରେ ଆପତ୍ତି ନ ଉଠାଇ ଦସ୍ତଖତ କରିଥିଲେ।

## ଆକ୍ରମଣ ପାଇଁ ଋଷକୁ ପରିଣାମ....

ଜନଶନ ରୁଷର ଆକ୍ରମଣକୁ ନିନ୍ଦା କରିଛନ୍ତି । ୟୁରୋପିଆନ୍ ଦେଶ ରୁଷକୁ କଡା ଜବାବ ଦେବ ବୋଲି ସେ କହିଛନ୍ତି । ଏହାବାଦ ଜର୍ମାନୀର ରାଜଧାନୀ ବର୍ଲିନର ବ୍ରଣ୍ଡେନବୁର୍ଗ ଗେଟ ଆଗରେ ୟୁକ୍ରେନ ପତାକା ଧରି ଲୋକେ ଏକାଠି ହୋଇଥିବା ଦେଖିବାକୁ ମିଳିଛି । ଏହାରି ଭିତରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ କଥା ହୋଇଛନ୍ତି । ଏହାବାଦ ଫ୍ରାନ୍ସ ଏବଂ ତୁର୍କୀ ରାଷ୍ଟ୍ରପତିଙ୍କ ସହ କଥା ହୋଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ଏହାପୂର୍ବରୁ ଗୁରୁବାର ଆମେରିକା, ବ୍ରିଟେନ ସମେତ ଅନେକ ଦେଶ ରୁଷିଆ ଉପରେ ଆର୍ଥିକ କଟକଣା ଲଗାଇଛନ୍ତି ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର, ୧୬୮ ୟୁନିଟ ରକ୍ତ ସଂଗ୍ରହ

ଭଦ୍ରକ, ୨୪/୦୨ (ନି.ପ୍ର): ଭଦ୍ରକ ଜିଲା ଆଦାନୀ ଧାମରା ପୋର୍ଟ ଅନ୍ତର୍ଗତ କରଞ୍ଜମାଳ ଗ୍ରାମପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଆଦାନୀ ଫାଉଣ୍ଡେସନ ଓ ଓଡ଼ିଶା ରକ୍ତଭଣ୍ଡାର, ଭଦ୍ରକ ଶାଖାର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଓଡ଼ିଶା ରକ୍ତଭଣ୍ଡାର, ଭଦ୍ରକ ଶାଖାକୁ ଜନହିତ ପାଇଁ ସମର୍ପଣ କରାଯାଇଥିଲା । କରଞ୍ଜମାଳସ୍ଥିତ ଗୋବିନ୍ଦ କୃଷକ ସଂଘ, ମା' ମନସା ଫ୍ରେଣ୍ଡ୍ସ କ୍ଲବ-ବଇଁଚା, ନେତାଜୀ କ୍ଲବ-କରଞ୍ଜମାଳ ସହାୟତାରେ ଏହି ରକ୍ତଦାନ ଶିବିର ସମ୍ପାଦିତ ହୋଇଥିଲା । ଏହି ଶିବିରକୁ କରଞ୍ଜମାଳ ଗ୍ରାମପଞ୍ଚାୟତର ରାମଚନ୍ଦ୍ର ନାୟକ, ଜୟନ୍ତ କୁମାର ବେହୁରା, ହୃଷିକେଶ ମଣ୍ଡଳ, ନାରାୟଣ ବାରିକ, ବିଜୟ କୃଷ୍ଣ ନାୟକ, ନିତ୍ୟାନନ୍ଦ ଗିରି, ପ୍ରମୋଦ କୁମାର ନାୟକ, ଶିବ ପ୍ରସାଦ ପାଣିଗ୍ରାହୀ ତଥା ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ । ଏହି ଶିବିରଟି ଓଡ଼ିଶା ରକ୍ତଭଣ୍ଡାର, ଭଦ୍ରକ ଶାଖାର ଡାକ୍ତର ବିମଳା ମିଶ୍ର, ସାଧୁସୂଦନ ବେହେରା, ରତିକାନ୍ତ ବଳ, ରବିନ୍ଦ୍ର ଜେନା, ବିଶ୍ୱରଞ୍ଜନ ବଳ, ପ୍ରକାଶ ବେହେରା, ରୂପକ ସେନାପତି, ଏସ୍‌କେ ବୁଦ୍ଧିଆଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ୟୁଜିସି ନେଟ ପରୀକ୍ଷାରେ ଚାଷୀଝିଅ ପୁଷ୍ପମଞ୍ଜରୀଙ୍କ ସଫଳତା

ବାଲିଆପାଳ,୨୪/୦୨ (ନି.ପ୍ର): ଚଳିତବର୍ଷ ୨୦୨୧-୨୨ ୟୁଜିସି ନେଟ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ବାଲିଆପାଳ ବ୍ଲକ ନାରାୟଣପୁର ଗ୍ରାମର ପୁଷ୍ପମଞ୍ଜରୀ ବେହେରା ଯୁନିଅର ରିସର୍ଚ୍ଚ ଫେଲୋସିପରେ ୬୧ ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଓଡିଶାରୁ ମୋଟ ୭ଜଣ ମଧ୍ୟରୁ ପୁଷ୍ପ ଅନ୍ୟତମ । ପୁଷ୍ପମଞ୍ଜରୀ ଫକୀରମୋହନ ସ୍ୱୟଂଶାସିତ



ମହାବିଦ୍ୟାଳୟରୁ ଭାଷା ସାହିତ୍ୟରୁ ଉଚ୍ଚଶିକ୍ଷାପରେ ଜେଆରଏଫ ପାଇଁ ପ୍ରସ୍ତୁତ ହେଉଥିଲେ । ଏହି ସଫଳତା ହାସଲ ପରେ ଭବିଷ୍ୟତରେ ଭାଷାସାହିତ୍ୟରେ ଜଣେ ପ୍ରଫେସର ହେବାର ଲକ୍ଷ୍ୟ ରଖିଛନ୍ତି ପୁଷ୍ପ । ପୁଷ୍ପ ନାରାୟଣପୁର ଗ୍ରାମର ଚାଷୀ ଦମ୍ପତ୍ତି ସୁଶିଲ ବେହେରା ଏବଂ ମାଳତୀ ବେହେରାଙ୍କ କନ୍ୟା । ପୁଷ୍ପାଙ୍କ ଏହି ସଫଳତା ପରେ ପରିବାର ତଥା ସାଙ୍ଗସାଥୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ପରିଷଦର ପ୍ରସ୍ତୁତି ବୈଠକ

ଭଦ୍ରକ,୨୪/୦୨ (ନି.ପ୍ର): ଭଦ୍ରକ ମାଟିର କିମ୍ବଦନ୍ତୀ ପୁରୁଷ ବିଶିଷ୍ଟ ସମାଜସେବୀ ଧୂରୀଣ ସାରସ୍ୱତ ସାଧକ ଭଦ୍ରକ ବାସୀଙ୍କ ସୁଖଦୁଃଖର ସାଥୀ ତଥା ଭଦ୍ରକ ମୁନିସିପାଲିଟିର ପୂର୍ବତନ ନଗରପାଳ ସିଟି ଫାଦର ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଭଦ୍ରକ ଅସ୍ତଳ ସ୍ଥିତ ସ୍ୱର୍ଗତ ବିଶ୍ୱାଳଙ୍କର ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଦୀର୍ଘ ବର୍ଷ ଧରି ଗଚ୍ଛିତ ହୋଇଥିବା ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳ ଙ୍କ ସ୍ମୃତି ପରିଷଦକୁ ପ୍ରଚାର ପ୍ରସାର ତଥା ଚିର ସ୍ୱାକ୍ଷର କରିବା ନିମନ୍ତେ ଉପସ୍ଥିତ କର୍ମକର୍ତ୍ତାଙ୍କ ଆଲୋଚନାକୁ ଭିତ୍ତି କରି ପରିଷଦର କର୍ମକର୍ତ୍ତା ନିର୍ବାଚନ



ନିମନ୍ତେ ଗୃହିତ ହୋଇଛି। ସର୍ବ ସମ୍ମତି କ୍ରମେ ପଣ୍ଡିତ ଦୈତାରୀ ମହାପାତ୍ରଙ୍କୁ ସଭାପତି ଭାବେ ମନୋନୟନ କରାଯାଇଥିବା ବେଳେ ସମାଜସେବୀ ମୃତ୍ୟୁଞ୍ଜୟ ମହାପାତ୍ର ଙ୍କୁ ଉପସଭାପତି ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପରମାନନ୍ଦ ଦାସଙ୍କୁ ସାଧାରଣ ସମ୍ପାଦକ ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ସାଂସ୍କୃତିକ ସାମ୍ବାଦିକା ବରିଷ୍ଠ ସାମ୍ବାଦିକ ଦୁର୍ଗା ଶଙ୍କର ବିଶ୍ୱାଳ ଆବାହକ ସାମ୍ବାଦିକ ସତ୍ୟ ଭୂଷଣ ସ୍ୱାମୀ ମୁଖ୍ୟ ସଂଯୋଜକ ବରିଷ୍ଠ ସାମ୍ବାଦିକ ଶଶୀଭୂଷଣ ସ୍ୱାମୀ ସମାଜ ସେବୀ ଦିବାକର ବାରିକ, ଅଭୟ କୁମାର ଷେଣ୍ଢ ବିଶିଷ୍ଟ ସାହିତ୍ୟିକ ଡାକ୍ତର କିରଣ ଗୁଇଁ ବିଶିଷ୍ଟ ଅଧିବକ୍ତା ସିଦ୍ଧାର୍ଥ ଶଙ୍କର ବିଶ୍ୱାଳଙ୍କୁ ପ୍ରତିଷ୍ଠାତା ସଭ୍ୟ ଅଧାପକ ଅମରେନ୍ଦ୍ର ପଣ୍ଡାଙ୍କୁ କୋଷାଧକ୍ଷ ସାମ୍ବାଦିକ ରାକେଶ କୁମାର ଦାସ ଏବଂ ସୀତାକାନ୍ତ ପାଢିଙ୍କୁ ସହ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୟନ କରିଅଛନ୍ତି। ଉପସ୍ଥିତ କର୍ମକର୍ତ୍ତାମାନେ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିବା ସହିତ ଆସନ୍ତା ମାର୍ଚ୍ଚ ୨୧ ତାରିଖ ଦିନ ସ୍ୱର୍ଗତ ବିଶ୍ୱାଳ ଙ୍କ ର ପୂର୍ଣ୍ଣ ତିଥି ଅବସରରେ ସ୍ଥାନୀୟ ଭାଗବତ ମଣ୍ଡପ ଠାରେ ଏକ ସଭା ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ୬ ଜଣ ପ୍ରତିଭା ଯେଉଁ ମାନେ ପ୍ରାଣ କୃଷ୍ଣ ବିଶ୍ୱାଳ ଙ୍କ ସହିତ ଜଡିତ ଥିଲେ ସେମାନଙ୍କୁ ପରିଷଦ ପକ୍ଷରୁ ସ୍ୱର୍ଗତ 'ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି' ସମ୍ମାନ ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ଶେଷରେ ଆବାହକ ଦୁର୍ଗା ଶଙ୍କର ବିଶ୍ୱାଳ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# କାନ୍ତକବି ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ସର୍ବକାଳୀନ ଆଦର୍ଶ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଉତ୍କଳ ସମ୍ମିଳନୀର ମଂଚେଶ୍ୱର ଶାଖା, ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ମିଳିତ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ୬୯ତମ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ଯେ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତାର ଥିଲେ ସର୍ବକାଳୀନ ଆଦର୍ଶ। ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ରଚନା କରିବା ସହିତ ତାଙ୍କ ସାହିତ୍ୟ ଓ ସାମ୍ବାଦିକତାରେ ଓଡ଼ିଶାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଥିଲା। ଏହି ଅବସରରେ ଭାଷା ସଂସ୍କୃତି ପ୍ରାଣ ମୁକୁନ୍ଦ ଶତପଥୀଙ୍କୁ "କାନ୍ତକବି ଲକ୍ଷ୍ମୀକାନ୍ତ ସ୍ମୃତି ସମ୍ମାନ" ପ୍ରଦାନ କରାଯାଇଥିଲା। ବର୍ଷୀୟାନ୍ ଭାଷା ପ୍ରାଣ ତଥା ପୂର୍ଣ୍ଣାଙ୍ଗ ଉତ୍କଳନ୍ୟାସର ପ୍ରତିଷ୍ଠାତା ପର୍ଶୁରାମ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ତରଫରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଜନନେତା ପ୍ରାକ୍ତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ସୁପୁତ୍ର ମହାଭବ ପ୍ରକାଶ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲ୍ଲୀପ ଦାସ ଶର୍ମା, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ପ୍ରଭୁକଲ୍ୟାଣ ମହାପାତ୍ର, କବି ପ୍ରବୀର ମହାନ୍ତି, ପ୍ରାଚାର୍ଯ୍ୟ ଆସିତ୍ ଦାସ, ରମେଶ ଚନ୍ଦ୍ର ପାତାଳସିଂହ, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ଶୀତଳ ପ୍ରସାଦ ମହାନ୍ତି, ରୋହିତ କୁମାର ନାୟକ, ବି. ମୁରଲିଧର ପ୍ରମୁଖ କାନ୍ତକବିଙ୍କ ଜନ୍ମସ୍ଥାନକୁ ଐତିହ୍ୟର ମାନ୍ୟତା ଦେବା, ଘୋଷଣା ଆଧାରରେ ମାଧ୍ୟମିକ ଶିକ୍ଷା ପାଠ୍ୟକ୍ରମରେ ଶୀଘ୍ର "ବନ୍ଦେ ଉତ୍କଳ ଜନନୀ" ଓ କାନ୍ତକବିଙ୍କ ଜୀବନୀକୁ ଅନ୍ତର୍ଭୁକ୍ତ କରାଇବା, ମାଧ୍ୟମିକ ବିଦ୍ୟାଳୟରେ ପ୍ରାର୍ଥନା "ଆହେ ଦୟାମୟ ବିଶ୍ୱବିହାରୀ" ଓ "ବନ୍ଦେ ଉତ୍କଳ ଜନନୀ"କୁ ଦୈନିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୩୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୩୯୭୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୧୦୧୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୮୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୯ ଜଣଙ୍କ ମଧ୍ୟରୁ ୧୯୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ସବୁଠାରୁ ଅଧିକ ୮୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୪ , ବାଲେଶ୍ୱର ଜିଲ୍ଲାରୁ ୧୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨ , କଟକରୁ ୧୭ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୫, ଗଂଜାମ ଜିଲ୍ଲାରେ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୨, କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଷ୍ଟ୍ରଙ୍ଗରୁମ ପରିସରରେ ବ୍ୟାରିକେଟ ନିର୍ମାଣକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା



ବାଲିଆପାଳ, ୨୪/୦୨ (ନି.ପ୍ର): ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟରେ ରେ ଭୋଟଗଣତି ପାଇଁ କେନ୍ଦ୍ର ହୋଇଥିବା ବେଳେ ଏହା ଭିତରେ ଥିବା ଷ୍ଟ୍ରଙ୍ଗରୁମ ରେ ଭୋଟବାକ୍ସ ଗୁଡିକ ରଖାଯାଇ ରୁମକୁ ସିଲ କରାଯାଇଛି । ପୋଲିସ ମଧ ଷ୍ଟ୍ରଙ୍ଗ ରୁମକୁ ଜଗି ରହିଛି । ତେବେ ଭୋଟ ବାକ୍ସ ରହିବା ଦିନଠାରୁ କଂଗ୍ରେସ ଓବିଜେଡି ଦଳର ନେତା ଓକର୍ମୀମାନେ ଗଣତି କେନ୍ଦ୍ର ବାହାରେ ଟେ ପକାଇ ରାତିଦିନ ସେମନାଙ୍କର ଭୋଟବାକ୍ସ ସୁରକ୍ଷିତ ପାଇଁ ଦିନରାତି ଜଗିରହି ପଇଁତରା ମାରୁଛନ୍ତି । ତେବେ ଆଜି ଗଣତି କେନ୍ଦ୍ର ଭିତରେ ବ୍ଳକର ଜିପିଓ ରାମଚନ୍ଦ ମାରାଣ୍ଡି, ବାଲିଆପାଳ ପ ।ୟତର ପିଇଓ କରୁଣାକର ଜେନା, କିଛି ଟେଣ୍ଟର ଶ୍ରମିକମାନଙ୍କୁ ନେଇ ବ୍ୟାରିକେଟ ନିର୍ମାଣ କରୁଥିଲେ ।। ତେବେ ବ୍ୟାରିକେଟ ନିର୍ମାଣକୁ ଆଳ କରି ଏହି ବ୍ଲକ କର୍ମଚାରୀମାନେ ଷ୍ଟ୍ରଙ୍ଗରୁମ ଭିତରକୁ ପ୍ରବେଶ କରିବାର ପ୍ରୟାସ କରୁଥିବା ଅଭିଯୋଗକରି ବାହାରେ ଜଗିଥିବା ବିଜ୍ଞଦଳର କର୍ମୀମାନେ ପାଟିତୁଣ୍ଡ କରିଥିଲେ । ଖବର ପାଇ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲେ । ପରେ ପୋଲିସ ବ୍ଲକର ଜିପିଓ ରାମଚନ୍ଦ୍ର ମାରାଣ୍ଡି,ବାଲିଆପାଳ ପ ।ୟତର ପିଇଓ କରୁଣାକର ଜେନା ଏବଂ ସେହି ଟେ କର୍ମଚାରୀମାନଙ୍କୁ ପୋଲିସ ଗାଡିରେ ବସାଇ ଥାନାକୁ ନେଇଯାଇଥିଲେ । ବିଡିଓ ଙ୍କ ନିର୍ଦ୍ଦେଶରେ ଷ୍ଟ୍ରଙ୍ଗରୁମ ବାହାରେ ବ୍ୟାରିକେଟ ନିର୍ମାଣ କରୁଥିବା ଜିପିଓ ମାରାଣ୍ଡି ପୋଲିସକୁ କହିଥିଲେ । ତେବେ ଦୀର୍ଘସମୟ ଧରି ପୋଲିସ ଉକ୍ତ କର୍ମଚାରୀମାନଙ୍କୁ ଥାନାରେ ବସାଇ ରଖିଥିଲେ ।ବିନା କାରଣରେ କାହିଁକୁ ଦୁଇ କର୍ମଚାରୀଙ୍କୁ ଥାନାରେ ଅଟକ ରଖାଯାଇଛି ଏହାକୁ ନେଇ ବ୍ଲକ କର୍ମଚାରୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ ।ପୋଲିସ ପାଖାପାଖି ୪ଟା ୩୦ରେ ଅଟକ ରଖିଥିବା ଦୁଇ କର୍ମଚାରୀଙ୍କୁ ଛାଡିଥିଲା । ତେବେ ବିନା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ବ୍ଲକ କର୍ମଚାରୀମାନ ଫାଟକ ଖୋଲି ବ୍ୟାରିକେଟ ନିର୍ମାଣ ପାଇଁ ପ୍ରବେଶକଲେ ତାହାର ତଦନ୍ତ ଦାବିକରି ଶହ ଶହ ସାଧାରଣ ଜନତା ଓ ଶାସକଦଳର କର୍ମୀ ବ୍ଲକ ଆଗରେ ପାଟିତୁଣ୍ଡ ଆରମ୍ଭ କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ବିଡିଓ ଲଳିତ ସୋରେଙ୍ଗ ଏବଂ ତହସିଲଦାର ଦୀପକ କୁମାର ଦାସଙ୍କ ଉପସ୍ଥିତିରେ ଆଲୋଚନା ଜାରି ରହିଛି ।

## ଟ୍ରେନ୍‌ରୁ ଖସି ଯାତ୍ରୀଙ୍କ ମୃତ୍ୟୁ

ଜଳେଶ୍ୱର, ୨୪/୨(ନିପ୍ର) : ଆଜି ଅପରାହ୍ନ ୪.୩୫ ମିନିଟ୍‌ରେ ଭଦ୍ରକ-ଖଡଗପୁର ମେମୋ ଟ୍ରେନ୍‌ରୁ ଖସିପଡି ଜଣେ ୬୦ବର୍ଷର ଯାତ୍ରୀ ମୃତ୍ୟୁବରଣ କରିଛି । ଟ୍ରେନ୍‌ଟି ଜଳେଶ୍ୱର ଷ୍ଟେସନରୁ ଛାଡିବାପରେ ଯାତ୍ରୀ ଜଣକ ଡାଉନ୍‌ଲାଇନ୍ ରେଳ ଧାରଣାରେ ଖସିପଡିଥିଲେ । ସ୍ଥାନୀୟ ଲୋକେ ଓ ରେଳବାଇ କର୍ମଚାରୀ ମିଳିତଭାବେ ତାଙ୍କୁ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲକୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଙ୍କର ପରିଚୟ ମିଳିପାରିନଥିବା ଜିଆର୍‌ପି କହିଛି । ମୃତକ ଜଣକ ଗୋଲାପି ସାର୍ଟ ପିନ୍ଧିଥିବା ବେଳେ କଳା ରଂଗର ପ୍ୟାଣ୍ଟ ପିନ୍ଧିଛି ।

## ଶିବ ପ୍ରସାଦ ତ୍ରିପାଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ବରିଷ୍ଠ ସାମ୍ବାଦିକ, ଲେଖକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବପ୍ରସାଦ ତ୍ରିପାଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବରିଷ୍ଠ ସାମ୍ବାଦିକ, ଲେଖକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବପ୍ରସାଦ ତ୍ରିପାଠୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ତାଙ୍କ ଅବଦାନ ପାଇଁ ସେ ସ୍ମରଣୀୟ ରହିବେ । ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାର ସଦସ୍ୟ ପ୍ରତି ମୋର ସମବେଦନା ଜଣାଉଛି ।

## କେନ୍ଦ୍ର ଇସ୍ପାତ ମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଆଲୋଚନା

ଭୁବନେଶ୍ୱର, ୨୪/୦୨ (ନି.ପ୍ର): କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂହ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ନବୀନ ନିବାସ ଠାରେ ଅନୁଷ୍ଠିତ ଏହି ସାକ୍ଷାତ ଆଲୋଚନାରେ ଓଡିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ଓଡିଶାରେ ଖଣିଜ ସମ୍ପଦ ଦ୍ୱାରା ରାଜ୍ୟକୁ ଦେଶର ଷ୍ଟିଲ୍ ହବ୍ କରିବାକୁ ଭିଜନ ରହିଛି ।

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ମାତୃ ବିୟୋଗ



ବାଲେଶ୍ୱର,୨୪/୦୨ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ମାଆ ସୁଧାମଣି ଦେବୀଙ୍କର ୯୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ରବୀନ୍ଦ୍ର ଜେନାଙ୍କ ମାନସିଂ ବଜାରରେ ଥିବା ବାସଭବନରେ ଅପରାହ୍ଣ ୪.୩୦ ମିନିଟ ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ଜଟିଳ ସମସ୍ୟାରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ଗଣ୍ୟମାନ୍ୟ ବ୍ୟକ୍ତିମାନେ ପହଞ୍ଚିଥିଲେ । ସ୍ୱର୍ଗତ ସୁଧାମଣିଙ୍କର ବସ୍ତା ବ୍ଲକ ଦନେଇପୁରରେ ଜନ୍ମ ହୋଇଥିଲା । ସ୍ୱାମୀ ପର୍ଶୁରାମ ଜେନାଙ୍କର ୨୦୧୨ ମସିହାରେ ଦେହାନ୍ତ ହୋଇଥିଲା । ଗୁରୁବାର ସନ୍ଧ୍ୟାରେ ତାଙ୍କର ମରଶରୀର ନାଡ଼ବଣିରେ ଥିବା ଇଂ. ଜେନାଙ୍କ ଜନ୍ମସ୍ଥାନକୁ ଶେଷକୃତ୍ୟ ପାଇଁ ନିଆଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ଇଂ. ଜେନାଙ୍କ ସମେତ ବୋହୂ ସୁବାସିନୀ ଜେନା, ନାତି ପ୍ରତୀକ କୁମାର ଜେନାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ସୁଧାମଣି ନିଜ ଅଞ୍ଚଳର ଲୋକମାନଙ୍କ ପାଇଁ ଦେବୀ ଭଳି ଥିଲେ । ଗାଁ ଗହଳିରେ ଯାହାର ବି ଅସୁବିଧା ସୁବିଧାରେ ନିଜେ ପହଞ୍ଚୁଥିଲେ । ଦାନ ତାଙ୍କ ଜୀବନରେ ଅନ୍ୟତମ ବ୍ରତ ଥିଲା । ଜମିଦାର ପରିବାରରେ ରହିଥିଲେ ବି ସାଧାରଣ ଲୋକଙ୍କ ପାଇଁ ସବୁବେଳେ ଦରଦୀ ମଣିଷଟିଏ ଥିଲେ । ନାଡ଼ବଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହେବାକୁ ଥିବା ବେଳେ ସେଠାରେ ବଡ଼ପୁଅ ପଦ୍ମଲୋଚନ ଜେନା, ବୋହୂ ସୁକାନ୍ତି ଜେନା, ପୁତୁରା ଅଜୟ ଜେନା, ବିଜୟ ଜେନା, ପ୍ରଣବ ଜେନା ଓ ପୁତୁରା ବୋହୂ ରେଣୁବାଳା, ନମିତା, ସୁନିତା ପ୍ରମୁଖ ଉପସ୍ଥିତ ଥିଲେ । ପରିବାରର ଅନ୍ୟମାନଙ୍କ ସହ ଝିଆରୀ ଅଞ୍ଜଳି, ନାତୁଣୀ ସୁମନ ଓ ଅମିତ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୩୫ ପଜିଟିଭ୍

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଗୁରୁବାର ଦିନ ୩୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୨୭ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୬୧୯୩ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪୪୧୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୮୩ ରେ ପହଂଚିଛି । ବର୍ତ୍ତମାନ ଆଉ ୫୭୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

## ଗତ ୨୪ ଘଂଟାରେ ଦେଶରେ ୧୪ ହଜାର ଅଧିକ ନୂଆ ରୋଗୀ

ନୂଆଦିଲ୍ଲୀ, ୨୪/୦୨ : ଦେଶରେ କରୋନାର ନୂଆ ମାମଲା ଲଗାତର ଭାବେ କମିବାର ଦେଖାଯାଉଛି । ଗତ ୨୪ ଘଂଟାରେ ପୁରା ଦେଶରେ ସମୁଦାୟ ୧୪ ହଜାର ୧୪୮ ଜଣ ନୂଆ ରୋଗୀ ସାମନାକୁ ଆସିଥିବା ବେଳେ ଏହି ସମୟ ମଧ୍ୟରେ କରୋନାରୁ ଆରୋଗ୍ୟ ହୋଇ ଫେରିଥିବା ଲୋକଙ୍କ ସଂଖ୍ୟା ୩୦ ହଜାର ୦୦୯ ଜଣ ରେକର୍ଡକୁ ଆସିଛି । ସେହିଭଳି ଗତ ୨୪ ଘଂଟାରେ ଦେଶରେ ସମୁଦାୟ ୩୦୨ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ଗୁରବାର ସକାଳ ସୁଦ୍ଧା କରୋନାରୁ ସମୁଦାୟ ଦେଶରେ ୪ କୋଟି ୨୨ ଲକ୍ଷ ୧୯ ହଜାର ୮୯୬ ଜଣ ଲୋକ ସୁସ୍ଥ ହୋଇସାରିଛନ୍ତି । କରୋନାର ରିକଭରି ରେଟ ୯୮.୪୬ ପ୍ରତିଶତ ଅଛି । ଦେଶରେ ଆକ୍ଟିଭ ରୋଗୀଙ୍କ ସଂଖ୍ୟା ଆଜିସୁଦ୍ଧା ସମୁଦାୟ ୧ ଲକ୍ଷ ୪୮ ହଜାର ୩୫୯ ରେ ପହଂଚିଛି । ପ୍ରତିଦିନ ସଂକ୍ରମଣ ଦର ୧.୨୨ ପ୍ରତିଶତ ଅଛି । ଆଇ ସି ଏମ୍ ଆର ଅନୁସାରେ ପୂର୍ବ ୨୪ ଘଂଟାରେ ୧୧ ଲକ୍ଷ ୫୫ ହଜାରରୁ ଅଧିକ ଟେଷ୍ଟ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ଦେଶରେ ସମୁଦାୟ ୭୬ କୋଟି ୩୫ ଲକ୍ଷ ଟେଷ୍ଟ କରାଯାଇସାରିଛି ।

# ବାପା ଚାଉମିନ୍ ଆଣି ଦେଲେନି ବୋଲି ଆତ୍ମହତ୍ୟା କଲା ନାବାଳକ



ନୀଳଗିରି, ୨୪/୦୨ (ନି.ପ୍ର): ବାପା ଚାଉମିନ ଆଣି ଦେଲେନି ବୋଲି, ଜିଦରେ ଜୀବନ ହାରିଦେଲା ପୁଅ । ଗୋଟିଏ ଦିନ ଅପେକ୍ଷା ନକରିପାରି ଶେଷରେ ଆତ୍ମହତ୍ୟା କରିଦେଲା କୁନିପୁଅ । ଛୋଟ ଛୋଟ ଜିଦର କରୁଣ ପରିଣତି କେତେ ଯେ ଭୟଙ୍କର ହୋଇପାରେ ତାହା ଦେଖିବାକୁ ମିଳିଛି ବାଲେଶ୍ୱର ନୀଳଗିରି ଥାନା ଦକ୍ଷିଣ ନରସିଂହପୁର ପଞ୍ଚାୟତରରେ । ଯେଉଁଠି ସାଧାରଣ ଚାଉମିନ ପାଇଁ ଚାଲିଯାଇଛି ନାବାଳକର ଜୀବନ । ଆଉ ପୁଅର ଆକସ୍ମିକ ଆତ୍ମହତ୍ୟା ପରେ ପରିବାର ଆଖିରୁ ଶୁଖୁନି ଲୁହ । ଔପଦା ବ୍ଲକ ନୀଳଗିରି ଥାନା ଦକ୍ଷିଣ ନରସିଂହପୁର ପଞ୍ଚାୟତର ମନୋରଞ୍ଜନ ମାହାଣାଙ୍କ ଏକମାତ୍ର ପୁଅ ସତ୍ୟବ୍ରତ ମାହାଣା । ବୟସ ମାତ୍ର ୧୩ ବର୍ଷ । ବୁଧବାର ସନ୍ଧ୍ୟାରେ ଚାଉମିନ ଆଣିଦେବାକୁ ବାପାଙ୍କ ପାଖେ ଅଳି କରିଥିଲା ପୁଅ । ସେ ଚାଉମିନ ଖାଇବାକୁ ଚାହୁଁଛି ଆଉ ତାକୁ ଆଣିଦିଅ ବୋଲି ବାପାଙ୍କୁ କହିଥିଲା ସତ୍ୟ । ହେଲେ ବାପା ଏକ ଠିକା ସଂସ୍ଥାରେ ଚାକିରି କରୁଥିବାରୁ କାଲି ଆଣିଦେବାକୁ କହି ଡ୍ୟୁଟି ଚାଲିଯାଇଥିଲେ । କିନ୍ତୁ ପୁଅକୁ ସେହି ସମୟରେ ଚାଉମିନ ଦରକାର ଥିବାରୁ ପରଦିନକୁ ଅପେକ୍ଷା ନକରି ଆତ୍ମହତ୍ୟା ଭଳି ବଡ ପଦକ୍ଷେପ ନେଇଥିଲା । ଆଉ ଘର ଭିତରେ ପାଠ ପଢିବା ବାହାନାରେ କବାଟ କିଳି ଦେଇଥିଲା । ପରେ ଅନେକ ସମୟ ଯାଏଁ ଘରେ କବାଟ ନଖୋଲିବାରୁ ସନ୍ଦେହରେ କବାଟକୁ ଧକାକମାରି ପରିବାର ଲୋକେ ଯାହା ଦେଖିଲେ ତାହା ସେମାନଙ୍କ ପାଦ ତଳୁ ମାଟି ଖସାଇ ଦେଇଥିଲା । ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡିଥିଲା କୁନିପୁଅ । ସଙ୍ଗେ ସଙ୍ଗେ ତାକୁ ଖନ୍ତାପଡା ମେଡିକାଲକୁ ଅଣାଯାଇଥିଲେ ବି ସେଠାରେ କୁନିପୁଅକୁ ମୃତ ଘୋଷଣା କରାଯାଇଥିଲା । ତେବେ ଏମିତି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଥିବା ବେଳେ କୁନିପିଲାଙ୍କ ଜିଦ୍ ଯେ ଆତ୍ମହତ୍ୟା ଆଡକୁ ସେମାନଙ୍କୁ ଟାଣିନେଉଛି ତାହା ବାପାମାଆଙ୍କ ମନରେ ଭୟ ଭରିଦେଲାଣି ।

# ଦୁଇ ଭାଲୁ ସହିତ ଲଢ଼ି ଜୀବନ ପାଇଲେ ଯୁବକ



ନୀଳଗିରି, ୨୪/୦୨ (ନି.ପ୍ର): ଦୁଇ ଭାଲୁ ସହିତ ଲଢ଼ି ଜୀବନ ବଂଚାଇ ପାରିଲେ ଜନୈକ ଯୁବକ । ଘଟଣାରୁ ପ୍ରକାଶ ନୀଳଗିରି ବ୍ଲକ ଭାଲୁକାଶୁଣୀ ଗ୍ରାମର ଲକ୍ଷ୍ମଣ ସିଂ (୩୫) ଘରପାଖ କ୍ଷେତକୁ ଶୌଚ ପାଇଁ ଯାଇଥିଲେ । ସେହି ସମୟରେ କୁଲଡିହା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଦୁଇ ଭାଲୁ ଲକ୍ଷ୍ମଣଙ୍କୁ ଆକ୍ରମଣ କରିଥିଲେ । ଜୀବନ ବଂଚାଇବା ପାଇଁ ଲକ୍ଷ୍ମଣ ଧରିଥିବା ଠେଙ୍ଗାରେ ଭାଲୁଙ୍କ ସହିତ ଲଢ଼ିଥିଲେ । ଭାଲୁ ଦୁଇଟି ଜଙ୍ଗଲକୁ ପଳାଇ ଯାଇଥିଲେ । ଲକ୍ଷ୍ମଣଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସିତ କରିଛନ୍ତି । ତାଙ୍କର ଗୋଡ଼ ଓ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି ।

# ସ୍ୱୟଂଚାଳିତ ଭେଣ୍ଡିଂ ମେସିନ୍‌ଗୁଡିକରେ ଟିକେଟ୍ ବିକ୍ରି କରିବାରେ ଡିଜିଟାଲ ପାଉଣା ନେଣଦେଣକୁ ତ୍ୱରାନ୍ୱିତ କରାଯାଇଛି

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ଟ୍ରେନ ଯାତ୍ରା ଟିକେଟ୍, ପ୍ଲାଟଫର୍ମ ଟିକେଟ୍, ସିଜିନ ଟିକେଟ୍ ର ନବୀକରଣ କିମ୍ବା କିଣିବା ପାଇଁ ଏବେ ପେଟିଏମ୍ ଏବଂ ମାଗଣା ଚାର୍ଜ ଟଚଓ ଛଜ କୋଡ୍ ମାଧ୍ୟମରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍(ଏଟିଭିଏମ) ଦ୍ୱାରା ଟିକେଟ କ୍ରୟ କରିବା କ୍ଷେତ୍ରରେ ପାଉଣା ପୈଠକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ଏବେ ଏଟିଭିଏମ ଆପ୍ଲିକେସନ୍ କୁ ଭାରତୀୟ ରେଳବାଇର ସୂଚନା ପ୍ରଦ୍ୟୋଗିକୀ ଅନୁପ୍ରୟୋଗର ବିକାଶ ଏବଂ ସମ୍ପାଦନ କରୁଥିବା ସଂସ୍ଥା କ୍ରିସ ଦ୍ୱାରା ସକ୍ଷମ କରାଇଅଛି । ନୂଆଦିଲ୍ଲୀ ଷ୍ଟେସନ ଠାରେ ଉତର ରେଳପଥର ସହଯୋଗରେ ଏଟିଭିଏମ ମାଧ୍ୟମରେ ପାଉଣା ପୈଠ ପାଇଁ ଲାଇଭ୍ ଟ୍ରାଏଲ୍ ସଫଳତାର ସହିତ କରାଯାଇଛି । ୨୦୨୧ ସେପ୍ଟେମ୍ବର ମାସ ଠାରୁ ଯାତ୍ରୀମାନେ ରିଚାର୍ଜ ପାଇଁ ଷ୍ଟେସନ୍ ବୁକିଂ କାଉଣ୍ଟର ପ୍ରତି ନିର୍ଭର କରିବା ପରିବର୍ତେ ମୋବାଇଲ୍ ୱେବସାଇଟ୍ / ଆପ୍‌ରେ ଅନ ଲାଇନ ମାଧ୍ୟମରେ ଏଟିଭିଏମ ସ୍ମାର୍ଟ କାର୍ଡକୁ ରିଚାର୍ଜ କରିବା ପାଇଁ ସୁବିଧା ପାଇଥିଲେ । ଯାତ୍ରୀମାନେ ଏଟିଭିଏମ ସ୍ମାର୍ଟ କାର୍ଡର ରିଚାର୍ଜ ପାଇଁ ସମସ୍ତ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରିପାରିବେ । ଯଦି ଯାତ୍ରୀ ମୋବାଇଲ୍ ଟିକେଟ୍ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି, ତାହେଲେ ସେମାନେ ସମାନ ଆକାଉଣ୍ଟ୍ ବ୍ୟବହାର କରିପାରିବେ । ତା’ପରେ ଯାତ୍ରୀଙ୍କୁ ବୈଧ ରିଚାର୍ଜ ପରିମାଣ ପ୍ରବେଶ କରାଇବାକୁ ପଡିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଟିଭିଏମରେ ଟପ୍ ଅପ୍ ସମ୍ପୂର୍ଣ୍ଣ କରିବାକୁ ରାଜି ହେବାକୁ ପଡିବ ।

# କୋର୍ଟ ବିଲଡିଂ ବାବଦରେ ଜିଲ୍ଲାପାଳଙ୍କ ସହ ଓକିଲ ସଂଘର ଆଲୋଚନା



ବାରିପଦା, ୨୪/୦୨ (ନି.ପ୍ର): ଜିଲ୍ଲା ଓକିଲ ସଂଘ, ବାରିପଦା ପକ୍ଷରୁ ସଂଘର ସଭାପତି ପ୍ରବୀର କୁମାର ବସା, ସଂପାଦକ ବସନ୍ତ କୁମାର ଭୋଳ, ସଂଘର ସଦସ୍ୟ କୈଳାସ ପ୍ରସାଦ ସାହୁ ଏବଂ ସଂଘର ବରିଷ୍ଠ ଓକିଲ ଶାନ୍ତନୁ କୁମାର ଦାସ, କିଶୋର ଚନ୍ଦ୍ର ମହାନ୍ତି, ରାଜେନ୍ଦ୍ର ପରିଡା ଏବଂ ସୌରଭ କୁମାର ମିଶ୍ର ପ୍ରମୁଖ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ଭେଟି ନୂତନ କୋର୍ଟ ବିଲଡିଂ ସମ୍ବନ୍ଧରେ ଆଲୋଚନା କରିବା ସହ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଆଲୋଚନାରେ ଜିଲ୍ଲାପାଳଙ୍କ ସହିତ କୋର୍ଟ ବିଲଡିଂ ନିର୍ମାଣ ର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ମଧ ହୋଇଥିଲା । ଜିଲ୍ଲାପାଳ ଓକିଲ ସଂଘକୁ ସବୁ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିବାରୁ ସଂଘ ପକ୍ଷରୁ ସଂପାଦକ ବସନ୍ତ କୁମାର ଭୋଳ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ତେବେ ନିକଟ ଅତୀତରେ ବାରିପଦାରେ ନୂତନ କୋର୍ଟ ବିଲଡିଂ ନିର୍ମାଣ ନେଇ ବିବାଦ ଉପୁଜିଥିବାରୁ ଓକିଲମାନେ କାର୍ଯ୍ୟ ବନ୍ଦ କରିଥିଲେ । ଉଚ୍ଚ ନ୍ୟାୟାଳୟର ବିଚାରପତି ମାନେ ଆସି ଘଟଣାରେ ହସ୍ତକ୍ଷେପ କରିବା ପରେ ଓକିଲ ମାନେ କାର୍ଯ୍ୟରେ ଯୋଗଦେଇ ଥିଲେ ।

# କ୍ରିକେଟ ଲିଗ : ରାଇରଙ୍ଗପୁର ୧୬୭ ରନରେ ବିଜୟୀ



ବାରିପଦା, ୨୪/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ରାଇରଙ୍ଗପୁର ଦଳ ମା(ଗ୍ରୀନ) ଦଳକୁ ୧୬୭ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ଦଳ ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୭୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଜ୍ଞାନ ମହାନ୍ତି ୧୯ ଟି ଚୌକା ଓ ୩ ଟି ଛକା ବଳରେ ୧୦୩ ରନ କରି ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଶତକ ମାରିବାର ଗୌରବ ହାସଲ କରିଛନ୍ତି । ଦୀପକ କୁମାର ମୁଣ୍ଡା ୯ ଟି ଚୌକା ଓ ୭ ଟି ଛକା ବଳରେ ୯୩ ରନ କରିଥିବା ବେଳେ ବିପକ୍ଷ ଦଳର ଓମକାର ମହାନ୍ତି ୫ ଟି ତଥା ପ୍ରିତମ ଆଚାର୍ଯ୍ୟ ଓ ବିରୁ ଟୁଡୁ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତରରେ ମା(ଗ୍ରୀନ) ଦଳ ୨୩.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୨ ରନ କରିପାରିଥିଲେ । ଦଳ ପକ୍ଷରୁ ରୋହିତ କୁମାର ମୋଦି ୨୦ ରନ ଓ ପ୍ରିୟାଂଶୁ ମହାପାତ୍ର ୧୬ ରନ କରିଥିବାବେଳେ ବିପକ୍ଷ ଦଳର ଦୀପକ କୁମାର ମୁଣ୍ଡା ୪ଟି ତଥା ଅଭିଷେକ ପରିଡା ଓ ରିଶଭ ଶର୍ମା ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଦୀପକ କୁମାର ମୁଣ୍ଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଜୟବ୍ରତ ମେହେର ପରିଚାଳନା କରିଥିବାବେଳେ ସମ୍ପିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ଆଇନଜୀବୀ ବିଭୁଦତ୍ତ ଦାସ, କିଶୋର ମହାନ୍ତି ତଥା ପୂର୍ବତନ କ୍ରିକେଟ ଖେଳାଳି ପ୍ରଦୀପ କୁମାର ଲେଙ୍କା ଓ ବାଳକୃଷ୍ଣ ମହାପାତ୍ର ଆଜିର ମ୍ୟାଚକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ତଥା ସହ ସମ୍ପାଦକ ବୈଦ୍ୟନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଲେଖାଗାର ପକ୍ଷରୁ ରାଜ୍ୟ ଅଭିଲେଖ ସପ୍ତାହ ପାଳିତ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଅଭିଲେଖାଗାରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଛନ୍ତି । ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ରାଜ୍ୟ ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅଭିଲେଖାଗାରର ଉତ୍ପତି, ଇତିହାସ ଏବଂ ନଥିପତ୍ର କିପରି ଉତରପିଢ଼ି ପାଇଁ ଡିଜିଟାଇଜେସନ୍ ମାଧ୍ୟମରେ ସୁରକ୍ଷିତ ହୋଇ ରହିପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଅଭିଲେଖାଗାରର କର୍ମଚାରୀ ଅଭାବ ଦୂର କରାଯିବ ବୋଲି ଉଲ୍ଲେଖ କରିଥିଲେ । ଖୋର୍ଦ୍ଧାଠାରେ ନିର୍ମିତ ହେବାକୁ ଥିବା ପାଇକ ବିଦ୍ରୋହର ସ୍ମାରକୀ କିପରି ଅନ୍ତର୍ଜାତୀୟ ମାନ୍ୟତା ପାଇପାରିବ ସେ ଦିଗରେ ସମସ୍ତଙ୍କର ମିଳିତ ପ୍ରଚେଷ୍ଟା ରହିବା ଉଚିତ ବୋଲି ଶ୍ରୀ ପାଢ଼ୀ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗଦେଇ ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ଏକ ଅଗ୍ରଗଣ୍ୟ ସ୍ଥାନ ନିଶ୍ଚିତ ଭାବରେ ନେବ ବୋଲି ଉଲ୍ଲେଖ କରିଥିଲେ । ପାଇକମାନେ ସାଧାରଣ କୃଷକ ଓ ଅସାଧାରଣ ଯୋଦ୍ଧା ଥିଲେ ସେମାନେ ଏକାଧାରାରେ ରାଜତନ୍ତ୍ର ଏବଂ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ରକ୍ଷକ ଥିଲେ ବୋଲି ସେ ପ୍ରକାଶ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀ ପ୍ରସନ୍ନ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ପାଇକ ବିଦ୍ରୋହକୁ କାହିଁକି ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କୁହାଯିବ ସେ ସପକ୍ଷରେ ସବିଶେଷ ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଆୟୋଜିତ ‘ଓଡ଼ିଶାରେ ପାଇକ ବିଦ୍ରୋହ’ ବିଷୟ ସମ୍ବଳିତ ଆଲୋଚନା ଚକ୍ରରେ ସେ ପାଇକ ବିଦ୍ରୋହ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo